ବର୍ଷ-୨୬, ସଂଖ୍ୟା-୨୬୭
ଭୁବନେଶ୍ୱର
୪, ଅକ୍ଟୋବର, ୨୦୨୬, ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 267
Bhubaneswar
4, October, 2026, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଓଡ଼ିଶା ଟ୍ରାଭେଲ ବଜାର ଉଦଘାଟିତ

**ଭୁବନେଶ୍ୱର,୩।୧୦(ମହାଭାରତ):** ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରରେ ଏକ ନୂତନ ପରିଚୟ ପ୍ରଦାନ କରିବା ଏବଂ ବ୍ୟାପକ ପୁଞ୍ଜିନିବେଶକୁ ଆକୃଷ୍ଟ କରିବାର ମହତ୍ୱପୂର୍ଣ୍ଣ ଲକ୍ଷ୍ୟ ନେଇ ଶନିବାର ଭୁବନେଶ୍ୱରଠାରେ 'ଓଡ଼ିଶା ଟ୍ରାଭେଲ ବଜାର'ର ସପ୍ତମ ସଂସ୍କରଣ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ବୃହତ ପର୍ଯ୍ୟଟନ ମହାକୁମ୍ଭକୁ ଉଦଘାଟନ କରିଛନ୍ତି। ଦେଶବିଦେଶରୁ ଆସିଥିବା ନିବେଶକ, ହସ୍ପିଟାଲିଟି ବ୍ରାଣ୍ଡ ଏବଂ ଟୁରିଜିମ୍ ପାର୍ଟନରମାନେ ଓଡ଼ିଶାର ଅସୀମ ସମ୍ଭାବନାକୁ ଉପଯୋଗ କରି ପୁଞ୍ଜିନିବେଶ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।



ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ପର୍ଯ୍ୟଟକଙ୍କ ପାଇଁ ଏକ ଆଦର୍ଶ ଓ ସ୍ୱର୍ଗ ଭାବେ ଗଢ଼ିତୋଳିବାକୁ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି। ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରର ଦ୍ରୁତ ବିକାଶ ପାଇଁ ସରକାର 'ଅତ୍ୟାଧୁନିକ ନୀତି ଅନୁଯାୟୀ ଷ୍ଟାର୍ ହୋଟେଲଗୁଡ଼ିକ ପାଇଁ କୋଠରୀ ସଂଖ୍ୟା ସର୍ବନିମ୍ନ ୫୦ରୁ ହ୍ରାସ କରାଯାଇ ୧୦ କରାଯାଇଥିବାବେଳେ ପୁଞ୍ଜି ସବ୍‌ସିଡି ସୀମାକୁ ୨୦ କୋଟିରୁ ବୃଦ୍ଧି କରାଯାଇ ସର୍ବାଧିକ ୧୨୦ କୋଟି ଟଙ୍କା ପର୍ଯ୍ୟନ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ଗୁଣାତ୍ମକ ମୌଳିକ କାଠାମାଛ ନିର୍ମାଣ ନିମନ୍ତେ ୨୦୨୬ ରୁ ୨୦୩୧ ମଧ୍ୟରେ ୧,୫୦୦ କୋଟି ଟଙ୍କାର ବଜେଟ୍ ଏବଂ ୫,୫୦୦ ଏକର ପରିମିତ ବିଶାଳ 'ଲ୍ୟାଣ୍ଡ ବ୍ୟାଙ୍କ'କୁ ମଞ୍ଜୁରୀ ଦିଆଯାଇଛି, ଯାହା ଦ୍ୱାରା ରାଜ୍ୟରେ ନୂତନ ହୋଟେଲ ଓ ରିସର୍ଟ ନିର୍ମାଣ ପାଇଁ ପଥ ସୁଗମ ହୋଇଛି।

ଅତିଥିମାନଙ୍କ ସୁରକ୍ଷା ଓ ଅତିଥି ସତ୍କାରକୁ ସର୍ବାଧିକ ପ୍ରାଥମିକତା ଦେଇ ମୁଖ୍ୟମନ୍ତ୍ରୀ କିଛି ଗୁରୁତ୍ୱପୂର୍ଣ୍ଣ ଓ ଯୁଗାନ୍ତକାରୀ ଘୋଷଣା କରିଛନ୍ତି। ରାଜ୍ୟର ୨୯ଟି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ 'ଟୁରିଷ୍ଟ ପୋଲିସ' ବ୍ୟବସ୍ଥା ଆରମ୍ଭ କରାଯାଉଥିବାବେଳେ ସମୁଦ୍ରକୂଳ ଓ ଜଳକ୍ରୀଡ଼ା ସ୍ଥଳୀଗୁଡ଼ିକରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ 'ଓସ୍ୱାଲି' ମାଧ୍ୟମରେ ଏକ ହଜାର ପ୍ରଶିକ୍ଷିତ ଜୀବନରକ୍ଷକ ବା ଲାଇଫ୍ ଗାର୍ଡ ନିଯୁକ୍ତ କରାଯିବ। ଅଧିକ ଭିଡ଼ ପରିଲକ୍ଷିତ ହେଉଥିବା ସ୍ଥଳୀଗୁଡ଼ିକରେ 'ଡେଷ୍ଟିନେସନ୍ ମ୍ୟାନେଜର ମଧ୍ୟ ନିଯୁକ୍ତ ହେବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ରାଜ୍ୟବାସୀଙ୍କୁ ଆବାହନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜଗନ୍ନାଥ ସଂସ୍କୃତିର ମୂଳମନ୍ତ୍ର 'ଅତିଥି ଦେବୋ ଭବଃ' ଅନୁଯାୟୀ ରାଜ୍ୟକୁ ଆସୁଥିବା ପର୍ଯ୍ୟଟକ ଓ ଭକ୍ତମାନଙ୍କୁ ଉପଯୁକ୍ତ ସମ୍ମାନ ଦେବାକୁ ପଡ଼ିବ, ଯାହାଦ୍ୱାରା ସେମାନେ ହିଁ ଓଡ଼ିଶାର ପ୍ରକୃତ ବ୍ରାଣ୍ଡ ଆମ୍ବାସାଡର ହୋଇପାରିବେ। ଆଜିର ସୋସିଆଲ ମିଡିଆ ଯୁଗରେ ଗୋଟିଏ ବି ଅପ୍ରୀତିକର ପରିସ୍ଥିତି ବିଜୁଳି ବେଗରେ ଖେଳିଯାଉଥିବାରୁ ସମସ୍ତଙ୍କୁ ମିଳିମିଶି ଓଡ଼ିଶାର ସୁଖଦ ଅନୁଭୂତି ବିସ୍ତାର କରିବାକୁ ସେ ପରାମର୍ଶ ଦେଇଛନ୍ତି।

ମରୁଭୂମିକୁ ବାଦ୍ ଦେଲେ ଭୂପୃଷ୍ଠର ସମସ୍ତ ପ୍ରକାର ପ୍ରାକୃତିକ ବିଭବ ଓ ସୌନ୍ଦର୍ଯ୍ୟ ଓଡ଼ିଶାମାଟିରେ ରହିଛି ବୋଲି ଗର୍ବର ସହ ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶ୍ରୀଜଗନ୍ନାଥ ମନ୍ଦିର ଏବଂ କୋଣାର୍କ ସୂର୍ଯ୍ୟମନ୍ଦିର ଭଳି ବିଶ୍ୱସ୍ତରୀୟ ଐତିହାସିକ ସ୍ମାରକ ସାଙ୍ଗକୁ ରାଜ୍ୟରେ ୫୭୫ କିଲୋମିଟର ଦୀର୍ଘ ପ୍ରାକୃତିକ ସମୁଦ୍ରତଟ, ଭିତରକନିକାର ବିଶ୍ୱପ୍ରସିଦ୍ଧ ମ୍ୟାଙ୍ଗ୍ରୋଭ୍ ଜଙ୍ଗଲ, ଏସିଆର ସର୍ବବୃହତ ଲୁଣିଆ ପାଣି ହ୍ରଦ ଚିଲିକା ଏବଂ ହୀରାକୁଦ ଜଳଭଣ୍ଡାର ରହିଛି। ବିକଶିତ୍ ଓଡ଼ିଶା ଭିଜନ୍ ୨୦୩୬-୨୦୪୭ ରୋଡମ୍ୟାପ୍ ଅନୁଯାୟୀ ପର୍ଯ୍ୟଟନ କ୍ଷେତ୍ରକୁ ସୁଦୃଢ଼ କରାଯାଉଛି। ରାଜ୍ୟର ସ୍ଥାନୀୟ କାରିଗର, ଗାଇଡ୍ ଏବଂ ଟୁର୍ ଅପରେଟରମାନଙ୍କୁ ଅତ୍ୟାଧୁନିକ ଡିଜିଟାଲ୍ ଜ୍ଞାନକୌଶଳରେ ସଜ୍ଜିତ କରାଯାଉଛି, ଯାହାଦ୍ୱାରା ପର୍ଯ୍ୟଟକଙ୍କ ଯାତ୍ରା ଅଧିକ ସୁଗମ ଓ ଅବିସ୍ମରଣୀୟ ହୋଇପାରିବ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ଓଡ଼ିଶା କେବଳ ଗୋଟିଏ ଗନ୍ତବ୍ୟସ୍ଥଳ ନୁହେଁ, ଓଡ଼ିଶା ନିଜେ ଏକ ବିଶ୍ୱ ଅନୁଭୂତି। ଆମର ବୌଦ୍ଧ ଐତିହ୍ୟ, ହସ୍ତତନ୍ତ, ଐତିହ୍ୟସ୍ଥଳୀ, ବିଶାଳ ଚିଲିକା ଏବଂ ଇକୋ-ଟୁରିଜିମ୍ ଏହାର ପ୍ରମାଣ। ଆମ ସଂସ୍କୃତି ପର୍ଯ୍ୟଟନ ପାଇଁ ସୃଷ୍ଟି କରାଯାଇନାହିଁ, ଏହା ନିଜ ମୌଳିକ ରୂପରେ ଜୀବନ୍ତ ଅଛି। ଆମ ସରକାର ସ୍ଥାୟୀ ପର୍ଯ୍ୟଟନ ପାଇଁ ଏକ ସୁଦୃଢ଼ ଏବଂ ଉତମ ପରିବେଶ ସୃଷ୍ଟି କରୁଛନ୍ତି, ଯାହା ଦ୍ୱାରା ନିଯୁକ୍ତି ସୃଷ୍ଟି ଓ ଦକ୍ଷତା ବିକାଶ ହେବ। ପର୍ଯ୍ୟଟନ ଅର୍ଥନୀତିରେ ଏକ ସଶକ୍ତ ଯୋଗଦାନକାରୀ ହେବା ଉଚିତ୍। ଆମ ପର୍ଯ୍ୟଟନରେ ସାହସିକ ପର୍ଯ୍ୟଟନ ମଧ୍ୟ ଅନ୍ତର୍ଭୁକ୍ତ ଏବଂ ଆମେ ତାହାକୁ ଅଧିକ ସୁଦୃଢ଼ କରୁଛୁ।

କାର୍ଯ୍ୟକ୍ରମରେ ଯୋଗଦେଇ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ କ୍ୟାପଟେନ୍ ତଥା କିମ୍ବଦନ୍ତୀ ଖେଳାଳି କପିଲ ଦେବ କ୍ରୀଡ଼ା ଏବଂ ଦେଶର ବିକାଶ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମତ ରଖିଛନ୍ତି। ସେ କହିଛନ୍ତି ଯେ ଯେକୌଣସି ଦେଶ ନିଜର କ୍ରୀଡ଼ା ଏବଂ କ୍ରୀଡ଼ାବିତ୍ ମାନଙ୍କ ଜରିଆରେ ବିଶ୍ୱରେ ପରିଚିତ ହୋଇଥାଏ ଏବଂ ଆଜି ଆମ ଦେଶ କ୍ରୀଡ଼ା କ୍ଷେତ୍ରରେ ଦ୍ରୁତ ଗତିରେ ଆଗକୁ ବଢୁଛି। ଏସୀୟ କ୍ରୀଡ଼ା ତଥା ଅଲିମ୍ପିକ୍ସରେ ଆମର ଆଥଲେଟ୍‌ମାନେ ପଦକ ହାସଲ କରି ଦେଶ ପାଇଁ ଗୌରବ ଆଣୁଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ସେ ସ୍ୱତନ୍ତ୍ର ଭାବେ ମତ ଦେଇଛନ୍ତି ଯେ ଓଡ଼ିଶା କେବଳ ପର୍ଯ୍ୟଟନ ନୁହେଁ, ବରଂ ଭାରତୀୟ ହକିକୁ ଆଗକୁ ବଢ଼ାଇବାରେ ଏକ ବିଶାଳ ଭୂମିକା ଗ୍ରହଣ କରିଛି। ଆଜି ଆମେ ଗର୍ବର ସହ କହିପାରିବା ଯେ ଆଗାମୀ ଦିନରେ ଓଡ଼ିଶା କେବଳ ପର୍ଯ୍ୟଟନ କ୍ଷେତ୍ରରେ ନୁହେଁ, ବରଂ ଭାରତର 'ସ୍ପୋର୍ଟ୍ସ ହବ୍' ବା କ୍ରୀଡ଼ାର ପ୍ରମୁଖ କେନ୍ଦ୍ର ଭାବେ ପରିଣତ ହେବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ, ପୋର୍ଟାଲ ଏବଂ ଏକ ସ୍ୱତନ୍ତ୍ର କଫି ଟେବୁଲ୍ ବୁକ୍ 'ପିଠା, ମିଠା ପଣା' କୁ ଲୋକାର୍ପିତ କରିଛନ୍ତି।

## ଏସିଆନ ଗେମ୍ସ : ୫ ଗୋଲ୍ଡ ସହ ଭାରତକୁ ୯ ମେଡାଲ୍



**ଭୁବନେଶ୍ୱର,୩।୧୦(ମହାଭାରତ):** ଜାପାନର ଆଇଚି-ନାଗୋୟାରେ ଆୟୋଜିତ ଏସିଆନ୍ ଗେମ୍ସ ୨୦୨୬ରେ ଭାରତ ନିଜ ଅଭିଯାନକୁ ଶାନଦାର ଢଙ୍ଗରେ ଶେଷ କରିଛି। ଶନିବାର ପ୍ରତିଯୋଗିତାର ଶେଷ ଦିନରେ ଭାରତୀୟ କ୍ରୀଡ଼ାବିତ୍ ?ମାନେ ଜବରଦସ୍ତ ପ୍ରଦର୍ଶନ କରି ମୋଟ ୯ଟି ପଦକ ଜିତିଛନ୍ତି। ଏଥିରେ ୫ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଏବଂ ୨ଟି କାଂସ୍ୟ ପଦକ ରହିଛି। ଫଳରେ ଭାରତର ମୋଟ ପଦକ ସଂଖ୍ୟା ୮୫ରେ ପହଞ୍ଚିଛି। ଏଥିରେ ୨୧ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୩୭ କାଂସ୍ୟ ପଦକ ରହିଛି। ଭାରତ ଏବେ ପଦକ ତାଲିକାର ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ତେବେ କିଛି ଦେଶର କିଛି ଇଭେଣ୍ଟ ରବିବାର ଖେଳାଯିବାକୁ ଥିବାରୁ ଅନ୍ତିମ ପଦକ ତାଲିକାରେ ପରିବର୍ତ୍ତନ ହୋଇପାରେ। ଭାରତ ପାଇଁ ଦିନର ଅନ୍ୟତମ ବଡ଼ ଆକର୍ଷଣ ଥିଲେ ୧୭ ବର୍ଷୀୟ ତୀରନ୍ଦାଜ କୁମକୁମ ମୋହୋଡ। ମହିଳା ରିକର୍ଭ ବ୍ୟକ୍ତିଗତ ବର୍ଗରେ ରୋମାଞ୍ଚକର ଶୁଟ୍-ଅଫ୍‌ରେ ଦକ୍ଷିଣ କୋରିଆର ଓ ୟେଜିନଙ୍କୁ ପରାସ୍ତ କରି ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଗଲ୍ଫରେ ପ୍ରଣବୀ ଶରଥ ଉର୍ସ ମହିଳା ବ୍ୟକ୍ତିଗତ ଷ୍ଟ୍ରୋକ୍ ପ୍ଲେରେ ୧୫-ଅଣ୍ଡର-ପାର୍ ସ୍କୋର ସହ ସ୍ୱର୍ଣ୍ଣ ଜିତିଥିଲେ। କୁସ୍ତିରେ ଅମନ ସେହରାୱତ ୫୭ କିଲୋଗ୍ରାମ ଫ୍ରିଷ୍ଟାଇଲ୍ ବର୍ଗରେ ଉତ୍ତର କୋରିଆର ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ସ୍ୱର୍ଣ୍ଣ ଜିତିଥିଲେ। ପୁରୁଷ ହକି ଦଳ ଫାଇନାଲରେ ମାଲେସିଆକୁ ୫-୧ ଗୋଲରେ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ଥର ସ୍ୱର୍ଣ୍ଣ ପଦକ ହାତେଇଛି। ସେହିପରି ପୁରୁଷ କ୍ରିକେଟ୍ ଫାଇନାଲରେ ପାକିସ୍ତାନକୁ ୧୯ ରନ୍‌ରେ ହରାଇ ଭାରତ ସ୍ୱର୍ଣ୍ଣ ଜିତିଛି। ମହିଳା ଗଲ୍ଫ ଟିମ୍ ଇଭେଣ୍ଟରେ ଭାରତ ୧୪-ଅଣ୍ଡର ୫୪୬ ସ୍କୋର ସହ ରୌପ୍ୟ ଜିତିଥିଲା। କୁସ୍ତିରେ ଅନ୍ତିମ ପଂଘାଲ ୫୩ କିଲୋଗ୍ରାମ ବର୍ଗରେ ରୌପ୍ୟ ପଦକ ହାସଲ କରିଥିବାବେଳେ ଦୀପକ ପୁନିଆ ୯୭ କିଲୋଗ୍ରାମ ଫ୍ରିଷ୍ଟାଇଲରେ କାଂସ୍ୟ ଜିତିଛନ୍ତି। ତୀରନ୍ଦାଜୀରେ ନୀରଜ ଚୌହାନ୍ ହମ୍‌ଦେଶୀୟ ଧୀରଜ ବୋମ୍ମଦେବରାଙ୍କୁ ୬-୪ରେ ହରାଇ କାଂସ୍ୟ ପଦକ ଜିତିଥିଲେ। ଏହି ଏସିଆନ୍ ଗେମ୍ସରେ ୪୯୫ ଜଣ ଭାରତୀୟ ଆଥଲେଟ୍ ୩୬ଟି କ୍ରୀଡ଼ାରେ ଭାଗ ନେଇ ଦେଶ ପାଇଁ ଗୌରବ ଆଣିଛନ୍ତି।

## ବିଜେଡି ମିଡିଆ ସେଲ୍ ଟିମକୁ ନବୀନଙ୍କ ଗୁରୁମନ୍ତ୍ର



**ଭୁବନେଶ୍ୱର,୩।୧୦(ମହାଭାରତ):** ଭାରତୀୟ ଜନତା ପାର୍ଟି ସରକାରର କୁଶାସନ ଓ କୁପରିଚାଳନାରେ ଓଡ଼ିଶାବାସୀ ଅତିଷ୍ଠ ହୋଇଗଲେଣି। ସାରା ରାଜ୍ୟରେ ଲୋକେ ଏବେ ଏଭଳି ଲୋକବିରୋଧୀ ଶାସନରେ ତ୍ରାହି ତ୍ରାହି ଡାକୁଛନ୍ତି। ତେଣୁ ଏକ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ଭାବେ ଓଡ଼ିଶାବାସୀଙ୍କୁ ଶାଣିତ ଓ ସଚେତନ କରିବା ଏବଂ ଓଡ଼ିଶାର ଲୋକମାନଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବାକୁ ବିଜେଡିର ରାଜ୍ୟ ସଭାପତି ଶ୍ରୀ ନବୀନ ପଟ୍ଟନାୟକ ଆଜି ନବଗଠିତ ବିଜେଡି ମିଡିଆ ସେଲ୍ ର ସଂଯୋଜକ ଟିମ୍ କୁ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ସନ୍ଧ୍ୟାରେ ନବୀନ ନିବାସରେ ଅନୁଷ୍ଠିତ ଏକ ବୈଠକରେ ନବୀନ ପଟ୍ଟନାୟକ ନବଗଠିତ ମିଡିଆ ସେଲ୍ ର ସଂଯୋଜକ ଟିମ୍ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହିତ ବିଜେପିର କଳାକାରନାମା ଓ ରାଜ୍ୟ ସରକାରଙ୍କ ଅପାରଗତାକୁ ଲୋକଙ୍କ ନିକଟରେ ସଠିକ୍ ଭାବରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଏଥିରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ବୈଦ୍ୟୁତିକ ଗଣମାଧ୍ୟମ, ମୁଦ୍ରିତ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ଜରିଆରେ ବିଜୁ ଜନତା ଦଳର ସମସ୍ତ କାର୍ଯ୍ୟକ୍ରମ ଏବଂ ସରକାରଙ୍କ ଜନବିରୋଧୀ କାର୍ଯ୍ୟକୁ ପୁଙ୍ଖାନୁପୁଙ୍ଖ ଭାବରେ ଜନସାଧାରଣଙ୍କ ପାଖରେ ପହଞ୍ଚାଯିବ। ବୈଠକରେ ମିଡିଆ ସେଲ୍‌ର ବିଭିନ୍ନ ଗଣମାଧ୍ୟମ ସଂଯୋଜକ ଟିମ୍‌ର ଦାୟିତ୍ୱ ପାଇଥିବା ବରିଷ୍ଠ ନେତା ସଞ୍ଜୟ ଦାସବର୍ମା, ଡ଼ ଅରୁଣ କୁମାର ସାହୁ, ପ୍ରତାପ ଜେନା, ଗୌତମବୁଦ୍ଧ ଦାସ, ପ୍ରଣବ ବଳବନ୍ତରାୟ, ଡ଼ ଲେନିନ ମହାନ୍ତି, ଡ଼ ପ୍ରିୟବ୍ରତ ମାଝୀ, ସ୍ୱୟଂପ୍ରକାଶ ମହାପାତ୍ର ଓ ଅମରେଶ ପତ୍ରି ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଷ୍କର୍ମ ଅଭିଯୁକ୍ତକୁ ଏନକାଉଣ୍ଟର

**ଭୁବନେଶ୍ୱର,୩।୧୦(ମହାଭାରତ):** ଭୁବନେଶ୍ୱର ନୟାପଲ୍ଲୀରେ ଯୁବତୀ ଦୁଷ୍କର୍ମ ଘଟଣାରେ ପୋଲିସର ଏନକାଉଂଟରରେ ଅଭିଯୁକ୍ତ ଆହତ ହୋଇଛି। ଖସିଯିବାକୁ ଉଦ୍ୟମ କରି ପୁଲିସ ଉପରକୁ ଗୁଳି ଚଳାଇଥିବା ବେଳେ ପୁଲିସର ପାଲଟା ଗୁଳି କରିଥିଲା। ଏଥିରେ ଅଭିଯୁକ୍ତ ଯୁବକଙ୍କ ଗୋଡ଼ରେ ଗୁଳି ବାଜିଥିବା ସୂଚନା ମିଳିଛି। ଆହତ ଅଭିଯୁକ୍ତଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ୍ କମିଶନର ଏସ୍ ଦେବଦତ ସିଂ କହିଛନ୍ତି ଯେ ଅଭିଯୁକ୍ତ ଚୋରି ପାଇଁ ଘରେ ପଶି ଯୁବତୀଙ୍କୁ ଦୁଷ୍କର୍ମ କରିଥିଲା।ଏକ ପିସ୍ତଲ ସଦୃଶ ଲାଇଟର ନେଇ ଅଭିଯୁକ୍ତ ଘରେ ପଶିଥିଲା। ମାତ୍ର ଘରେ କେହି ନ ଥିବା ଦେଖି ଏପରି କରିଥିବା ମାନିଛି। ଯୁବତୀ ଜଣଙ୍କ ଏହାକୁ ପିସ୍ତଲ ଭାବି ଡରିଯାଇଥିଲେ। ଦୁଷ୍କର୍ମ ହୋଇଛି ନା ନାହିଁ ତାହାର ତଦନ୍ତ ଚାଲିଛି। ଅଭିଯୁକ୍ତ ଲୁଟ୍ ପରେ ପ୍ରଥମେ ଆମ ବସ୍‌ରେ ନୟାପଲ୍ଲୀରୁ ସିଆରପି ଆସିଥିଲା। ସିଆରପିରୁ ଅଟୋ ଧରି ଭରତପୁର ଯାଇଥିଲା। ଭରତପୁରରେ ଏକ ନୂଆ ବାଇକ୍ ଚୋରି କରି ଫେରାର ହୋଇଯାଇଥିଲା।

# ୩୧୪ ବ୍ଲକରେ ନିୟୋଜିତ ହେବେ ୯୬୪ କୃଷି ଛାତ୍ର ସହଯୋଗୀ

**ଭୁବନେଶ୍ୱର,୩।୧୦(ମହାଭାରତ):** କୃଷି ଶିକ୍ଷାକୁ କ୍ଷେତ୍ରସ୍ତରୀୟ ସମ୍ପ୍ରସାରଣ ସେବା ସହ ଯୋଡ଼ିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଏକ ଅନନ୍ୟ ଇଂଟର୍ନସିପ୍ କାର୍ଯ୍ୟକ୍ରମ 'କୃଷି ଉନ୍ନତ ସହଯୋଗୀ'ର ଶୁଭାରମ୍ଭ ହୋଇଛି। ଓୟୁଏଟି ର କୃଷି ଶିକ୍ଷା ସଦନ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି, କୃଷକ ସଶକ୍ତିକରଣ ଓ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି କାର୍ଯ୍ୟକ୍ରମର ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି।



୨୦୨୩ ମସିହାରୁ ସଫଳତାର ସହ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଚଳିତ ବର୍ଷ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାର ୩୧୪ଟି ବ୍ଲକରେ ବ୍ୟାପକ ଭାବେ କାର୍ଯ୍ୟକାରୀ ହେଉଛି। ଖରିଫ ଫସଲ ସମୟରେ ରୋଗ-ପୋକ ସର୍ବେକ୍ଷଣ ଏବଂ ସରକାରୀ ଯୋଜନା ବିଷୟରେ ସଚେତନତା ସୃଷ୍ଟି ପାଇଁ ଅକ୍ଟୋବରରୁ ଡିସେମ୍ବର ଏହି ତିନି ମାସ ପାଇଁ ଛାତ୍ରଛାତ୍ରୀମାନଙ୍କୁ ନିୟୋଜିତ କରାଯାଇଛି। ରାଜ୍ୟର ବିଭିନ୍ନ କୃଷି ବିଶ୍ୱବିଦ୍ୟାଳୟର କୃଷି ଓ ଉଦ୍ୟାନ କୃଷି ଶାଖାର ଶେଷ ବର୍ଷର ୯୬୪ ଜଣ ସ୍ନାତକ ଛାତ୍ରଛାତ୍ରୀଙ୍କୁ 'ସହଯୋଗୀ' ଭାବେ ମନୋନୀତ କରାଯାଇଛି। ପ୍ରତ୍ୟେକ ବ୍ଲକରେ ପ୍ରାୟ ୨ ରୁ ୩ ଜଣ ଛାତ୍ର ସହଯୋଗୀ କାର୍ଯ୍ୟ କରିବେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ରାଜ୍ୟରେ କୃଷିର ବିକାଶ କରିବା ସହ ଏକ ମଜବୁତ କୃଷି ସମ୍ପ୍ରସାରଣ ବ୍ୟବସ୍ଥା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଛାତ୍ରଛାତ୍ରୀ ଅନୁଭୂତିରୁ ବହୁତ କିଛି ଶିଖିବେ ଯାହା ପରବର୍ତୀ ପର୍ଯ୍ୟାୟରେ କାମରେ ସାହାଯ୍ୟ କରିବ। ସେ ମନୋନୀତ ଛାତ୍ରଛାତ୍ରୀମାନଙ୍କୁ ନିଷ୍ଠା, ନମ୍ରତା ଓ ସେବା ମନୋଭାବ ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେବା ସହ କୃଷି ବିଭାଗ, ବିଶ୍ୱବିଦ୍ୟାଳୟ ଓ କୃଷକ ସମ୍ପ୍ରଦାୟର ମିଳିତ ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଉନ୍ନତ ପ୍ରଦର୍ଶନ କରିଥିବା ୫ ଜଣ ଛାତ୍ରଛାତ୍ରୀ ସେମାନଙ୍କର ଅନୁଭୂତିକୁ ଲୋକଙ୍କ ସହ ବାଂଟିବେ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରକାଶ କରିଛନ୍ତି। ସହଯୋଗୀମାନେ ସୋମବାରରୁ ଶୁକ୍ରବାର (ସକାଳ ୧୦ଟାରୁ ସନ୍ଧ୍ୟା ୫ଟା) କ୍ଷେତ୍ରସ୍ତରରେ କାର୍ଯ୍ୟ କରିବେ। ଗ୍ରାମପଞ୍ଚାୟତ ସ୍ତରୀୟ ସମ୍ପ୍ରସାରଣ କର୍ମଚାରୀଙ୍କ ସହଯୋଗରେ ଇ-ପେଷ୍ଟ ଏବଂ ଏନପିଏସଏସ୍ ମାଧ୍ୟମରେ ରୋଗ-ପୋକ ନିରୀକ୍ଷଣ କରାଯିବ। ପ୍ରତ୍ୟେକ ଛାତ୍ର ୧୦୦ ଜଣ କୃଷକଙ୍କ ଗୁଣାତ୍ମକ ସର୍ବେକ୍ଷଣ କରିବେ ଏବଂ ଅର୍ଦ୍ଧ-ଭୌତିକ ପଦ୍ଧତିରେ ୫ଟି ଫସଲ ଅମଳ ପରୀକ୍ଷଣ ସମ୍ପାଦନ କରିବେ। ଛାତ୍ରଛାତ୍ରୀମାନେ କୃଷି ସାମଗ୍ରୀ ବିକ୍ରେତା , ଗୋଟିଏ ଏଫପିଓ , ଦୁଇଟି ଏସଏଚଜି ଏବଂ ଦୁଇଟି ପାକସ୍ /ଲାମ୍ପସ୍ ପରିଦର୍ଶନ କରି ଚାଷୀଙ୍କୁ ସରକାରୀ ଯୋଜନା ଓ କୃଷି ଆପ୍ଲିକେସନ୍ ବିଷୟରେ ସଚେତନ କରାଇବେ। କୃଷକମାନଙ୍କ ସମସ୍ୟା, ସଫଳତାର କାହାଣୀ ଓ ପ୍ରତିକ୍ରିୟା ସଂଗ୍ରହ କରି କୃଷି ଶିକ୍ଷା, ସମ୍ପ୍ରସାରଣ ସେବା ଓ ଚାଷୀଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରାଯିବ।

ସହଯୋଗୀମାନଙ୍କ ପ୍ରଦର୍ଶନ କୃଷ ଆପ୍ ଏବଂ ଆଡାପ୍ଟ ଡାସବୋର୍ଡ ମାଧ୍ୟମରେ ଡିଜିଟାଲ୍ ରୂପେ ଅନୁଧ୍ୟାନ କରାଯିବ। ସମ୍ପୃକ୍ତ ବ୍ଲକ କୃଷି ଅଧିକାରୀ ଓ ସହକାରୀ କୃଷି ଅଧିକାରୀ ସାପ୍ତାହିକ ଭାବେ ଏହାର ସମୀକ୍ଷା କରିବେ।

## ରାଜ୍ୟରେ କମିଛି ବର୍ଷା

**ଭୁବନେଶ୍ୱର,୩।୧୦(ମହାଭାରତ):** ରାଜ୍ୟରେ କମିଛି ବର୍ଷା। ବଢ଼ିଲା ଦିନ ତାପମାତ୍ରା। ବର୍ତ୍ତମାନ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ପ୍ରାୟ ୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇଛି। ଉପକୂଳ ଓଡ଼ିଶାର ଅନେକ ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ୨ରୁ ୩ ଡିଗ୍ରୀ ଅଧିକ ରହିଥିବା ବେଳେ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ଏହା ପ୍ରାୟ ୪ ଡିଗ୍ରୀ ଅଧିକ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡ଼ା ଓ କୋରାପୁଟ ଜିଲ୍ଲାର ଗୋଟିଏ-ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା/



ବଜ୍ରପାତ ସହ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଅନ୍ୟ ଜିଲ୍ଲାଗୁଡ଼ିକରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ସେହିପରି ଆସନ୍ତାକାଲି ପାଇଁ ମଧ୍ୟ ବାଲେଶ୍ୱର, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ଅନ୍ୟ କିଛି ଜିଲ୍ଲାର ଗୋଟିଏ-ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା/ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଛି। ଏପଟେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପ୍ରତ୍ୟାହାର ପ୍ରକ୍ରିୟା ଜାରି ରହିଛି। ଆସନ୍ତା ୨ରୁ ୩ ଦିନ ମଧ୍ୟରେ ମହାରାଷ୍ଟ୍ର ଓ ଛତିଶଗଡ଼ର ଅଧିକାଂଶ ଅଞ୍ଚଳ ସମେତ ତେଲେଙ୍ଗାନା ଓ ଉତ୍ତର ଆଭ୍ୟନ୍ତରୀଣ କର୍ଣ୍ଣାଟକର କିଛି ଅଞ୍ଚଳରୁ ମୌସୁମୀ ବାୟୁ ପ୍ରତ୍ୟାହାର ପାଇଁ ପରିସ୍ଥିତି ଅନୁକୂଳ ହେବାର ସମ୍ଭାବନା ରହିଛି।

# ବିଶ୍ୱବିଦ୍ୟାଳୟମାନଙ୍କରେ ଅଧ୍ୟାପକ ନିଯୁକ୍ତି ଶେଷ କର

**ଭୁବନେଶ୍ୱର,୩।୧୦(ମହାଭାରତ):** ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଖାଲି ଥିବା ଶିକ୍ଷକ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ନଭେମ୍ବର ମାସର ପ୍ରଥମ ସପ୍ତାହ ସୁଦ୍ଧା ଆରମ୍ଭ କରି ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ କୁଳାଧିପତି ତଥା ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ସମସ୍ତ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକଭବନ ପରିସରସ୍ଥିତ ନ୍ୟୁ ଅଭିଷେକ ହଲ୍ ର ସମ୍ମିଳନୀ କକ୍ଷରେ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଚାଲିଥିବା ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ଏକ ବୈଠକରେ ଅଧ୍ୟକ୍ଷତା କରି ରାଜ୍ୟପାଳ ଏହା କହିଛନ୍ତି। ବୈଠକରେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ଉଚ୍ଚଶିକ୍ଷା ବିଭାଗର କମିଶନର-ତଥା-ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ରାଜ୍ୟର ବିଭିନ୍ନ ସରକାରୀ ବିଶ୍ୱବିଦ୍ୟାଳୟର କୁଳପତି ଓ କୁଳସଚିବ, ବିଭାଗର ବରିଷ୍ଠ ଅଧିକାରୀ ଏବଂ ଲୋକଭବନର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।



ରାଜ୍ୟପାଳ କହିଥିଲେ ଯେ, ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ନିଯୁକ୍ତି ପରେ ଖାଲି ଥିବା ଶିକ୍ଷକ ପଦବୀଗୁଡ଼ିକ ପୂରଣ କରିବା ଏବେ ଏକ ପ୍ରମୁଖ ଆହ୍ୱାନ। ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଗୋଟିଏ ଦିନରେ ୧୪ଟି ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତ ହୋଇଥିବା ଉଲ୍ଲେଖ କରି ସେ କହିଥିଲେ ଯେ, ଏବେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ପାଇଁ ସ୍ପଷ୍ଟ ସମୟସୀମା ଧାର୍ଯ୍ୟ କରାଯିବା ଆବଶ୍ୟକ। ଶିକ୍ଷକ ନିଯୁକ୍ତିରେ ମେଧାକୁ ପ୍ରାଥମିକତା ଦିଆଯିବା ଉଚିତ। ଗୁଣବତ୍ତା ଓ ମେଧା ସହ କୌଣସି ପ୍ରକାର ସାଲିସ୍ କରାଯାଇପାରିବ ନାହିଁ ବୋଲି ରାଜ୍ୟପାଳ କହିବା ସହ ସର୍ବୋଚ୍ଚ ଯୋଗ୍ୟତାସମ୍ପନ୍ନ ଅଧ୍ୟାପକଙ୍କୁ ନିଯୁକ୍ତି ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ବ୍ୟାପକ ଭାବେ ପ୍ରାର୍ଥୀଙ୍କୁ ସଂକ୍ଷିପ୍ତ ତାଲିକାଭୁକ୍ତ ଓ ଯାଂଚ କରିବା ପରିବର୍ତ୍ତେ ସମସ୍ତ ଯୋଗ୍ୟ ଆବେଦନକାରୀଙ୍କୁ ସାକ୍ଷାତକାର ପାଇଁ ଡାକିବାକୁ ମଧ୍ୟ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏଭଳି ପ୍ରକ୍ରିୟା ଦ୍ୱାରା କୌଣସି ଯୋଗ୍ୟ ପ୍ରାର୍ଥୀ ନିଜକୁ ବାଦ ପଡ଼ିଥିବା ଅନୁଭବ କରିବେ ନାହିଁ ଏବଂ ସାକ୍ଷାତକାର ବୋର୍ଡକୁ ଅଧିକ ପ୍ରାର୍ଥୀଙ୍କ ମଧ୍ୟରୁ ଉପଯୁକ୍ତ ପ୍ରାର୍ଥୀ ଚୟନ କରିବାର ସୁଯୋଗ ମିଳିବ ବୋଲି ସେ କହିଥିଲେ। ଓଡ଼ିଶା ଲୋକଭବନକୁ ଭାରତୀୟ ଗ୍ରୀନ୍ ବିଲ୍ଡିଂ କାଉନ୍ସିଲ୍ ପକ୍ଷରୁ ପ୍ଲାଟିନମ୍ ସାର୍ଟିଫିକେସନ୍ ମିଳିଥିବା ଉଦାହରଣ ଦେଇ ରାଜ୍ୟପାଳ ବିଶ୍ୱବିଦ୍ୟାଳୟଗୁଡ଼ିକୁ ମଧ୍ୟ ଗ୍ରୀନ୍ ସାର୍ଟିଫିକେସନ୍ ହାସଲ ପାଇଁ ପଦକ୍ଷେପ ନେବାକୁ କହିଥିଲେ। ଅଧିକାଂଶ ବିଶ୍ୱବିଦ୍ୟାଳୟ ପରିସରରେ ପର୍ଯ୍ୟାପ୍ତ ସବୁଜିମା ରହିଛି ଏବଂ ଆଉ କିଛି ଅତିରିକ୍ତ ପଦକ୍ଷେପ ନେଲେ ସେମାନେ ଏହି ସାର୍ଟିଫିକେସନ୍ ହାସଲ କରିପାରିବେ ବୋଲି ସେ ମତ ଦେଇଥିଲେ। ବିଶ୍ୱବିଦ୍ୟାଳୟଗୁଡ଼ିକରେ ଚାଲିଥିବା ଆକ୍ରେଡିଟେସନ୍ ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ରାଜ୍ୟପାଳ ସୂଚନା ନେଇଥିଲେ।

ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କ ପାଇଁ ସମାନ କାର୍ଯ୍ୟକାଳ ରହିବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ। କେତେକ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ କାର୍ଯ୍ୟକାଳ ତିନି ବର୍ଷ ଥିବାବେଳେ ଅନ୍ୟ କେତେକ ବିଶ୍ୱବିଦ୍ୟାଳୟରେ ଏହା ଚାରି ବର୍ଷ ରହିଛି। କୁଳପତିମାନଙ୍କ ପାଇଁ ସମାନ କାର୍ଯ୍ୟକାଳ ରହିବା ଉଚିତ ବୋଲି ସେ କହିଥିଲେ। ବିଶ୍ୱବିଦ୍ୟାଳୟ ପରିସରରେ ସୌର ଶକ୍ତିର ବ୍ୟବହାର ବୃଦ୍ଧି କରିବାକୁ ମଧ୍ୟ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ବିଶ୍ୱବିଦ୍ୟାଳୟଗୁଡ଼ିକ ନିଜସ୍ୱ ପଦକ୍ଷେପରେ କିମ୍ବା ରିନ୍ୟୁଏବଲ୍ ଏନର୍ଜି ସର୍ଭିସ୍ କମ୍ପାନୀ ମଡେଲ୍ ଅଧୀନରେ ସୌର ଶକ୍ତି ଗ୍ରହଣ କରିପାରିବେ ବୋଲି ସେ ପରାମର୍ଶ ଦେଇଥିଲେ। ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ରାଜ୍ୟପାଳଙ୍କ ପରାମର୍ଶକୁ ସମର୍ଥନ କରିବା ସହ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ପାଇଁ ସମସ୍ତ କୁଳପତିଙ୍କୁ ସ୍ପଷ୍ଟ ସମୟସୀମା ଧାର୍ଯ୍ୟ କରିବାକୁ କହିଥିଲେ।

## ଅଳସୀ ଚିଲା

ବ୍ରେକଫାଷ୍ଟ ସମସ୍ତଙ୍କ ଜୀବନରେ ବହୁତ ମହତ୍ତ୍ୱ ରଖିଥାଏ । ହେଲଦି ଏବଂ ଟେଷ୍ଟି ବ୍ରେକଫାଷ୍ଟ ଆପଣଙ୍କ ପୂରା ଦିନକୁ ହିଁ ଖୁସିରେ ଖୁସିରେ ନେଇଯାଇଥାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ନେଇ ଆସିଛୁ 'ଅଳସୀ ଚୀଲା' ରେସିପି । ଏହି ରେସିପି ଆପଣଙ୍କ ପାଇଁ ସ୍ୱାଦିଷ୍ଟ ହେବା ସହିତ ସ୍ୱାସ୍ଥ୍ୟକର ମଧ୍ୟ । ତେବେ ଆସନ୍ତୁ ଜାଣିବା ଏହାକୁ କେମିତି କରିବେ ପ୍ରସ୍ତୁତ ।

ଆବଶ୍ୟକୀୟ ସାମଗ୍ରୀ : ଗହମ ଅଟା-ଏକ କପ୍, ଅଳସୀ ଅଟା- ୧/୪କପ୍, ଦହି-୧/୨ କପ୍, ଅଦା ପେଷ୍ଟ- ୧ଛୋଟ ଚାମଚ, କଞ୍ଚା ଲଙ୍କା- ଗୋଟିଏ, ଗୋଲମରୀଚ- ୧/୪ଛୋଟ ଚାମଚ, ଧନିଆ ପତ୍ର- ୩ ଟେବୁଲ ଚାମଚ, ଲୁଣ- ସ୍ୱାଦ ଅନୁସାରେ

**ପ୍ରସ୍ତୁତ ପ୍ରଣାଳୀ :** ଅଳସୀର ଚୀଲା ପ୍ରସ୍ତୁତ କରିବା ପାଇଁ ଏକ ବଡ ପାତ୍ରରେ ଗହମ ଏବଂ ଅଳସୀର ଅଟାକୁ ପକାଇ ଚଲାଇ ଦିଅନ୍ତୁ । ଏହାପରେ ଏହାକୁ ଏକ ପାତ୍ରରେ ରଖି ସେଥିରେ ପୂର୍ବରୁ ରଖିଥିବା ଦହି ପକାଇ ମିଶାଇ ଦିଅନ୍ତୁ । ଏହାପରେ ଅଳ୍ପ ପାଣି ପକାଇ ମିକ୍ସ କରନ୍ତୁ । ଏହି ମିଶ୍ରଣକୁ ଭଲଭାବେ ଚଲାନ୍ତୁ ଯାହାଦ୍ୱାରା କୌଣସି ବିଣ୍ଡାର ରହବି ନାହିଁ । ଏହି ଘୋଳକୁ ଦୋଷା ଘୋଳ ଭଳି ଗାଢା ରଖନ୍ତୁ । ଏଥିରେ କଟା କଞ୍ଚା ଲଙ୍କା, ପିଆଜ, ଧନିଆ ପତ୍ର, କାଟି ରଖିଥିବା ଅଦା ଏବଂ ଗୋଲମରୀଚ ପକାଇ ମକ୍ସଲର କରନ୍ତୁ । ଏହାପରେ ଗ୍ୟାସରେ ତାୱା ବସାନ୍ତୁ । ତାୱା ଗରମ ହେଲେ ସେଥିରେ ଏହି ଘୋଳକୁ ପକାନ୍ତୁ । ଏହାର ଦୁଇ ପାଖ ଭଲଭାବେ ସୁନେଲୀ ରଙ୍ଗ ହେବା ପର୍ଯ୍ୟନ୍ତ ଓଲଟ ପାଲଟ କରନ୍ତୁ। ଏବେ ଆପଣଙ୍କର ପ୍ରସ୍ତୁତ ହୋଇଯାଇଛି ଅଳସୀ ଚୀଲା । ଆପଣ ଏହାକୁ ଧନିଆ ଚଟଣୀ କିମ୍ବା ଟମାଟୋ ସସ୍ ସହିତ ଖାଇପାରିବେ ।



ଖବର

# ଶ୍ରୀକୃଷ୍ଣଙ୍କ କୃପାପ୍ରାପ୍ତିର ଉପାୟ



ପ୍ରଭୁ ଶ୍ରୀକୃଷ୍ଣଙ୍କର ଉପାସନା କରୁଥିବା ବ୍ୟକ୍ତିମାନେ ଜୀବନରେ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନ ଥାନ୍ତି । ହିନ୍ଦୁ ଧର୍ମଶାସ୍ତ୍ର ଅନୁସାରେ ଶ୍ରୀକୃଷ୍ଣଙ୍କର ଅନେକ ମହତ୍ତ୍ୱ ରହିଛି । ଧର୍ମଶାସ୍ତ୍ରରେ ଉଲ୍ଲେଖ ରହିଛି ଅଛି ଯେ, ପ୍ରଭୁ ଶ୍ରୀକୃଷ୍ଣ ବାଲ୍ୟାବସ୍ଥାରେ ଲହୁଣୀ ଚୋରି କରି ଖାଉଥିଲେ, ଗୋପୀଙ୍କ ବସ୍ତ୍ର ଚୋରି କରୁଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ଉପାସନା କରିବା ପାଇଁ ଭକ୍ତମାନେ ତାଙ୍କର ମୂର୍ତ୍ତିକୁ ସ୍ଥାପନ କରି ଥାଆନ୍ତି। ମୂର୍ତ୍ତି ସ୍ଥାପନ କରି ତାଙ୍କର ବିଶେଷ ରୂପେ ପୂଜାର୍ଚ୍ଚନା କରିଥାଆନ୍ତି। ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ସ୍ଥାପନ କରିବା ପରେ କ'ଣ କରିବା ଉଚିତ୍ ତାହା ଭକ୍ତମାନେ ଜାଣିବା ଉଚିତ। ତେଣୁ ମୂର୍ତ୍ତି ସ୍ଥାପନ କରିବା ପରେ ଭଗବାନ ଶ୍ରୀକୃଷ୍ଣଙ୍କର ବିଶେଷ ଭାବେ ପୂଜାର୍ଚ୍ଚନା କରନ୍ତୁ । ନଚେତ୍ ତାହା ଜୀବନରେ ଉନ୍ନତି ଆଣିବା ବଦଳରେ ଓଲଟା ଫଳ ଦେଇଥାଏ । ଯେଉଁଠି ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ଅଛି ସେହିଠାରେ ବଂଶୀ ରଖିବା ଆବଶ୍ୟକ ଅଟେ । କୁହାଯାଏ ଯେ, ଭଗବାନ ଶ୍ରୀକୃଷ୍ଣଙ୍କୁ ବଂଶୀର ଧ୍ୱନି ଅତ୍ୟନ୍ତ ପସନ୍ଦ ଅଟେ । ତେଣୁ ଘରେ ବଂଶୀ ରଖିବା ଦ୍ୱାରା ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ । ଶ୍ରୀକୃଷ୍ଣଙ୍କର ଗାଈ ଓ ବାଛୁରୀ ଅତ୍ୟନ୍ତ ପ୍ରିୟ । ତାଙ୍କୁ କ୍ଷୀର, ଲହୁଣୀ ଓ କ୍ଷୀରରୁ ପ୍ରସ୍ତୁତ ସମସ୍ତ ଦ୍ରବ୍ୟ ଖାଇବାକୁ ଭଲ ଲାଗିଥାଏ । ତେଣୁ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ରଖିବା ସ୍ଥାନରେ ଗାଈ ଓ ବାଛୁରୀ ମୂର୍ତ୍ତି ମଧ୍ୟ ରଖନ୍ତୁ । ପୂଜା ସ୍ଥାନରେ ମୟୁର ଚୂଳ ମଧ୍ୟ ରଖନ୍ତୁ । ମୟୁର ଚୂଳ ରଖିବା ଦ୍ୱାରା ପରିବାରରେ ସୁଖଶାନ୍ତି ପ୍ରବେଶ କରିଥାଏ । କୃଷ୍ଣଙ୍କ ପୂଜାରେ ସର୍ବଦା ଲହୁଣୀ ଓ ମିଶ୍ରି ଭୋଗ ଲଗାନ୍ତୁ । ଶ୍ରୀକୃଷ୍ଣଙ୍କ ପାଖରେ ସର୍ବଦା ରାଧାଙ୍କ ମୂର୍ତ୍ତି ରଖନ୍ତୁ । ଏହାସହ କଇଁ ଫୁଲ ମଧ୍ୟ ରହିବା ଉଚିତ। କାରଣ କଇଁ ପଙ୍କରୁ ଜାତ ହୋଇଥାଏ। ଏହା ଜୀବନରେ ସଂଘର୍ଷ ଓ ବିଜୟୀ ହେବାର ପ୍ରତୀକ ଅଟେ।

## ବିଳାସପ୍ରିୟ ଦେବରାଜ

ହିନ୍ଦୁଧର୍ମରେ ମୂଳତଃ ୩୩ ପ୍ରମୁଖ ଦେବତାଙ୍କ ସଂପର୍କରେ ଉଲ୍ଲେଖ ରହିଛି। ସମସ୍ତ ଦେବତାଙ୍କ କାର୍ଯ୍ୟ ଏବଂ ଚରିତ୍ର ଭିନ୍ନ ଭିନ୍ନ ଅଟେ। ତେବେ ଦେବରାଜ ଇନ୍ଦ୍ରଙ୍କ ବଦ୍‌ନାମ ଯଥେଷ୍ଟ ଅଧିକ। କାରଣ ଦେବରାଜ ସର୍ବଦା ଭୋଗ ଓ ଐଶ୍ୱର୍ଯ୍ୟରେ ବୁଡ଼ି ରହିବାକୁ ପସନ୍ଦ । ସବୁ ସମୟରେ ତାଙ୍କର ସିଂହାସନର ଚିନ୍ତା । ସମସ୍ତେ କାହିଁକି ଦେବରାଜ ଇନ୍ଦ୍ରଙ୍କ ସିଂହାସନ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରନ୍ତି, କାରଣ ସେ ସ୍ୱର୍ଗର ରାଜା ଅଟନ୍ତି। ଇନ୍ଦ୍ର ଦେବତାଙ୍କ ଅଧିପତି ଅଟନ୍ତି। ସୁନ୍ଦରୀ ଅପ୍ସରାମାନେ ତାଙ୍କ ଦରବାରରେ ନୃତ୍ୟ କରନ୍ତି ଏବଂ ଗନ୍ଧର୍ବମାନେ ସଂଗୀତ ପରିବେଷଣ କରି ଇନ୍ଦ୍ରସଭାରେ ମନୋରଞ୍ଜନ କରିଥାନ୍ତି। ଦେବାସୁରଙ୍କ ସହ ଇନ୍ଦ୍ରଙ୍କର ସର୍ବଦା ଲଢ଼େଇ ଜାରି ରହିଥାଏ। ଦେବାସୁର ସୁରାପାନ କରିଥିଲେ ମଧ୍ୟ ସେ ଅସୁର ନୁହନ୍ତି। ଅଦିତିଙ୍କ ପୁତ୍ର ହେଉଛନ୍ତି ଦେବରାଜ ଇନ୍ଦ୍ର। ଇନ୍ଦ୍ରାଣୀ ବା ଶଚୀ ଦେବରାଜ ଇନ୍ଦ୍ରଙ୍କ ପତ୍ନୀ ଅଟନ୍ତି। ତାଙ୍କର ଅନ୍ୟନାମ ପୌଲୋମୀ ମଧ୍ୟ କୁହାଯାଏ। ଶଚୀପତି ଇନ୍ଦ୍ରଙ୍କ ପୂର୍ବରୁ ପାଞ୍ଚଜଣ ଇନ୍ଦ୍ର ଦେବରାଜ ଆସନରେ ଅଳଙ୍କୃତ ହୋଇଥିଲେ। ସେମାନଙ୍କୁ ସୁରେଶ, ସୁରେନ୍ଦ୍ର, ଦେବେନ୍ଦ୍ର, ଦେବେଶ, ବାସବ, ସୁରପତି, ଶକ୍ର, ପୁରନ୍ଦର ମଧ୍ୟ କୁହାଯାଏ। କ୍ରମଶଃ ୧୪ ଜଣ ଦେବରାଜ ଆସନ ଅଳଙ୍କୃତ କରିଥିଲେ। ସେମାନେ ହେଲେ ଯଜ୍ଞ, ବିପାଶ୍ଚିତ, ଶିବି, ବିଧୁ, ମନୋଜବ, ପୁରନ୍ଦର, ବାଲୀ, ଅଦ୍ଭୁତ, ଶାନ୍ତି, ବିଶ, ରିତୁଶାମ, ଦେବାସ୍ପତି ଏବଂ ସୁଚୀ। ଏମାନଙ୍କ ମଧ୍ୟରୁ ଶଚୀପତି ଇନ୍ଦ୍ର ପୁରନ୍ଦରଙ୍କ ପୂର୍ବରୁ ୫ ଜଣ ଇନ୍ଦ୍ର ଦେବରାଜ ଆସନରେ ବସିଥିଲେ। ଋଗ୍‌ବେଦରେ ଇନ୍ଦ୍ର ଓ ଇନ୍ଦ୍ରାଣୀଙ୍କ ସଂପର୍କରେ ବିଶଦ ବର୍ଣ୍ଣନା କରାଯାଇଛି। ଦେବତାଙ୍କ ଅଧିପତି ଇନ୍ଦ୍ର, ଗୁରୁ, ବୃହସ୍ପତି ଏବଂ ବିଷ୍ଣୁ ପରମ ଇଷ୍ଟ ଅଟନ୍ତି। ଅନ୍ୟପକ୍ଷରେ ଦୈତ୍ୟଙ୍କ ଅଧିପତି ହିରଣାକ୍ଷ ଓ ହିରଣ୍ୟକଶିପୁ ପରେ ବିରୋଚନ ଦୈତ୍ୟ ଅଧିପତି ଦାୟିତ୍ୱ ନେଲେ, ଯାହାଙ୍କ ଗୁରୁ ଅଟନ୍ତି ଶୁକ୍ରାଚାର୍ଯ୍ୟ ଏବଂ ଶିବ ପରମ ଇଷ୍ଟଦେବ ଅଟନ୍ତି। ଇନ୍ଦ୍ରଙ୍କର ବିବାହ ଅସୁରରାଜ ପୁଲୋମାଙ୍କ ପୁତ୍ରୀ ଶଚୀଙ୍କ ସହ ହୋଇଥିଲା ଇନ୍ଦ୍ରଙ୍କ ପୁତ୍ରଙ୍କ ନାମ ମଧ୍ୟ ପୁରାଣରେ ଉଲ୍ଲେଖ ରହିଛି। ସେମାନଙ୍କୁ ଦୁଇ ବସୁକ୍ତ ତଥା ବୃଷା ଋଷି (ଯିଏ ବୈଦିକ ମନ୍ତ୍ର ରଚନା କରିଥିଲେ।) କୁହାଯାଏ। ଇନ୍ଦ୍ରଙ୍କର ଜନ୍ମ ସଂପର୍କରେ ମଧ୍ୟ ଋଗ୍‌ବେଦରେ ବର୍ଣ୍ଣନା କରାଯାଇଛି। ଋଗ୍‌ବେଦର ଚତୁର୍ଥ ଅଧ୍ୟାୟରେ ଲିଖିତ ଅଛି ଯେ, ଇନ୍ଦ୍ରଙ୍କ ମାତାଙ୍କ ନାମ ଅଦିତ। ଏହା ମଧ୍ୟ କୁହାଯାଏ ଯେ, ଇନ୍ଦ୍ର ନିଜ ମାତାଙ୍କ ଗର୍ଭରେ ଦୀର୍ଘଦିନ ପର୍ଯ୍ୟନ୍ତ ରହିଥିଲେ। ସେଥିପାଇଁ ଅଦିତିଙ୍କୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥିଲା। ତେବେ ଅଧିକ ଦିନ ଗର୍ଭରେ ରହିଥିବା କାରଣରୁ ସେ ଅତ୍ୟନ୍ତ ବଳଶାଳୀ ଓ ପରାକ୍ରମୀ ଥିଲେ।

## ଦୈନନ୍ଦିନ ଖାଦ୍ୟକୁ ଗୁରୁତ୍ୱ ଦେଲେ ଦୂର ହେବ ହୃଦଘାତ ସମସ୍ୟା



ହୃଦ୍‌ଘାତ ଆଜିକାଲିକା ସମୟ ପାଇଁ ଏକ ସାଧାରଣ କଥା। ଅନେକ ଲୋକଙ୍କର ଏହି ସମସ୍ୟାରେ ପ୍ରାଣହାନୀ ଘଟୁଛି। ଏହା ନିୟନ୍ତ୍ରଣାଧୀନ ନହେଲେ ନିମିଷକରେ ଜୀବନ ଚାଲି ଯାଇପାରେ। ବିଶେଷ କରି ଖାଇବା ପିଇବାରେ ଅବହେଳା ହେତୁ ହୃଦ୍‌ଘାତ ହୋଇଥାଏ। ନିଜର ଠିକ୍ ଭାବେ ଯତ୍ନ ନେଲେ ଆପଣ ନିଜକୁ ହୃଦଘାତଠାରୁ ଦୂରେଇ ରଖିପାରିବେ। ଦୈନନ୍ଦିନ କାର୍ବୋହାଇଡ୍ରେଟ୍ସ, ପ୍ରୋଟିନ୍, ଫ୍ୟାଟ୍, ଭିଟାମିନ୍ ଏବଂ ଫାଇବର୍ ଯୁକ୍ତ କିଛି ନା କିଛି ଖାଦ୍ୟ ଖାଆନ୍ତୁ। ଯଦି ଆପଣ ଓଜନ କମାଇବାକୁ ଚାହୁଁଥାନ୍ତି ତେବେ ପ୍ରୋଟିନ୍ ଖାଇବା ଟିକେ କମ୍ କଲେ ଚଳିବ। ମାତ୍ରାଧିକ ଓଜନ ମଧ ହୃଦ୍‌ଘାତର କାରଣ ହୋଇଥାଏ। ପ୍ରଚୁର ପରିମାଣର ଫଳ ଓ ସବୁଜ ପରିବା ଖାଆନ୍ତୁ। ବିଶେଷ କରି ଶାଗ ଖାଇବାକୁ ଆଦୌ ଭୁଲନ୍ତୁ ନାହିଁ। ବାଦାମ ଓ ବିଭିନ୍ନ ପ୍ରକାରର ମଞ୍ଜି ଖାଦ୍ୟରେ ସାମିଲ୍ କରନ୍ତୁ। ଶସ୍ୟ ଜାତୀୟ ଖାଦ୍ୟ ଓ ମାଛ ଖାଇବା ଦ୍ୱାରା ବ୍ୟକ୍ତି ସୁସ୍ଥ ରହିଥାଏ। ଜଣେ ସଂପୂର୍ଣ୍ଣ ସୁସ୍ଥ ବ୍ୟକ୍ତିଙ୍କୁ ହୃଦଘାତ କବଳିତ କରିପାରେ ନାହିଁ। ବିଶେଷ କରି ଘରେ ପ୍ରସ୍ତୁତ କରାଯାଉଥିବା ଖାଦ୍ୟ ଖାଇବାକୁ ଚେଷ୍ଟା କରନ୍ତୁ। ବାହାର ଖାଦ୍ୟ ଯେତେ ନଖାଇବେ ସେତେ ଭଲ। ମନେ ରଖନ୍ତୁ ଆପଣଙ୍କର ଯଦି ସିଗାରେଟ୍ କିମ୍ବା ମଦ୍ୟପାନର ଅଭ୍ୟାସ ଅଛି ତେବେ ଏହାକୁ ନିଶ୍ଚିତ ଭାବେ ଛାଡ଼ିବାକୁ ପଡ଼ିବ। ଏସବୁ ମାନିବା ଦ୍ୱାରା ହୃଦ୍‌ଘାତକୁ ଏଡ଼ାଇ ଦିଆଯାଇପାରେ।

# କର୍ମ ଓ ପ୍ରେରଣା



ଅନେକ ଦିନ ତଳର କଥା। ଜଣେ ସାଧୁ ଥିଲେ । ନାମ ରାମାନନ୍ଦ। ସେ ଥିଲେ ଜଣେ ଉତ୍ତମ ଭକ୍ତ। ସ୍ୱାମୀ ରାମାନନ୍ଦଙ୍କର ଅନେକ ଶିଷ୍ୟ ଓ ଭକ୍ତ ଥିଲେ। ସେମାନେ ମଧ୍ୟ ତାଙ୍କୁ ସୁନା,ରୁପା ଭେଟି ଦେଉଥିଲେ। ସ୍ୱାମିଜୀ ସ୍ଥିର କଲେ ଯଥେଷ୍ଟ ଅର୍ଥ ଜମା ହେବାପରେ ସେ ଗରିବ ଲୋକଙ୍କ ସକାଶେ ଗୋଟାଏ ଦାତବ୍ୟ ଚିକିତ୍ସାଳୟ ଖୋଲିବେ । ଥରେ ନିଜର ଜଣେ ଶିଷ୍ୟ ଆଦିତ୍ୟକୁ ଧରି ବଣୁଆ ରାସ୍ତାଦେଇ ଯାଉଥାନ୍ତି । ବାଟରେ ସ୍ୱାମୀଜୀଙ୍କୁ ଆଦିତ୍ୟ ପଚାରିଲା "ଗୁରୁଦେବ ! କୁରୁ-ପାଣ୍ଡବ ଯୁଦ୍ଧରେ ଲଢ଼ିଲେ ଅର୍ଜୁନ। ଶ୍ରୀକୃଷ୍ଣ କେବଳ ତାଙ୍କୁ ଉପଦେଶ ଦେଉଥିଲେ। ତେବେ ଯୁଦ୍ଧରେ ପାଣ୍ଡବଙ୍କ ବିଜୟଲାଭ ପାଇଁ ସମସ୍ତେ ଶ୍ରୀକୃଷ୍ଣଙ୍କୁ କାହିଁକି ଅଭିନନ୍ଦନ ଜଣାନ୍ତି । ଠିକ୍ ସମୟରେ ଉତ୍ତର ଦେବି କହି ଆଗକୁ ଅଗ୍ରସର ହେଲେ। ଖଣ୍ଡିଏ ଟାଣୁଆ ଲାଠି ସଂଗ୍ରହ ପାଇଁ ସ୍ୱାମୀଜୀ ଆଦିତ୍ୟକୁ କହିଲେ। ଆଦିତ୍ୟ ଏକ ଲାଠି ସଂଗ୍ରହ କଲା ଏବଂ ଗୁରୁଶିଷ୍ୟ ଆଗକୁ ଯାଉ ଯାଉ ରାସ୍ତାରେ ଡ଼ାକୁମାନେ ବନ୍ଧୁକ ଧରି କହିଲେ ପାଖରେ ଯାହା ଟଙ୍କା ସୁନାଅଛି ଦେଇଦିଅ । ନ ହେଲେ ଗୁଳିରେ ମୁଣ୍ଡ ଉଡ଼ାଇ ଦେବି।

ସ୍ୱାମିଜୀ କହିଲେ ବାବୁ ଏହା ଗରିବ ଲୋକଙ୍କ ଉପକାର ପାଇଁ ସଂଚିଥିଲି। ତୁମେ ଏମିତି ଛଡ଼ାଇ ନେବା କ'ଣ ଭଲ ହେବ?" ଡ଼ାକୁମାନେ କିଛି ନ ଶୁଣି ଟଙ୍କା ଥଳିଟି ଛଡ଼ାଇ ନେଲେ। ସ୍ୱାମିଜୀ କହିଲେ ଟଙ୍କା ପଇସା ତନେଲ ମୋତେ କାହିଁକି ବଞ୍ଚାଇ ରଖିଛ। ମୋତେ ମାରିଦେଇ ଦୁଃଖରୁ ମୁକ୍ତି ଦିଅ। ଡ଼ାକୁମାନେ କହିଲେ ଏହା କ'ଣ ସତ ବନ୍ଧୁକ ହୋଇଛି ଯେ, ମୁଁ ତୁମକୁ ମାରିବି ? ସ୍ୱାମିଜୀ କହିଲେ ମୋ ସନ୍ଦେହ ଠିକ୍। ଆଦିତ୍ୟ ! ଆଉ ବିଳମ୍ବ ନକରି ଶକ୍ତି ଦେଖାଅ। ସଙ୍ଗେ ସଙ୍ଗେ ଆଦିତ୍ୟ ତା'ଲାଠି ଡ଼ାକୁ ପିଠିରେ ବସାଇଦେଲା। ଡ଼ାକୁ ତଳେ ପଡ଼ିଗଲା।

ସ୍ୱାମିଜୀ କହିଲେ, "ବାବୁ ମୋ ଅନୁରୋଧ ରକ୍ଷା କରିଥିଲେ ତୁମର ଏ ଦୁର୍ଦ୍ଦଶା ହୋଇ ନଥାନ୍ତା। ଡ଼ାକୁ ବନ୍ଧା ହୋଇ ଜୁଲୁଜୁଲୁ କରି ସେମାନଙ୍କ ଗତି ପଥକୁ ଅନାଇ ରହିଲା। କିଛିବାଟ ଯିବା ପରେ ଆଦିତ୍ୟ କହିଲା, "ଗୁରୁଦେବ! ଧନ୍ୟ ଆପଣଙ୍କ ଦୂରଦୃଷ୍ଟି ଓ ବୁଦ୍ଧି। ଆପଣଙ୍କ କଥା ଶୁଣି ଲାଠି ସଂଗ୍ରହ କରି ନ ଥିଲେ ଆଜି ସବୁ ଯାଇଥିଲା। ପୁଣି ଆପଣ ଡ଼ାକୁକୁ ବି ବୋକା ବନେଇଦେଲେ ! "କିନ୍ତୁ ଲାଠି ଚଳାଇଲୁ ତ ତୁ !" ସ୍ୱାମିଜୀ କହିଲେ। "କିନ୍ତୁ ଆପଣ ନ ଥିଲେ ମୁଁ କ'ଣ ତାହା କରିଥାନ୍ତି ?" ଆଦିତ୍ୟ କହିଲା। "ଏଥର ଶ୍ରୀକୃଷ୍ଣଙ୍କ ତାତ୍ପର୍ଯ୍ୟ ବୁଝିଲୁ ତ ? ସ୍ୱାମିଜୀ ବୁଝାଇଦେଲେ ଆଦିତ୍ୟ ତୃପ୍ତ ହେଲା।

## ପର୍ଶୁରାମଙ୍କ ଦ୍ୱାରା ନିହତ ହୋଇଥିଲେ ସହସ୍ରାର୍ଜୁନ

ହୈହବ ବଂଶର ରାଜା ଥିଲେ ଅର୍ଜୁନ। ସେ ଜଣେ ଶ୍ରେଷ୍ଠ କ୍ଷତ୍ରିୟ ଥିଲେ । ନାରାୟଣଙ୍କର ଅଂଶରେ ଜନ୍ମ ନେଇଥିବା ଦତ୍ତାତ୍ରେୟଙ୍କର ସେ ଅନେକ ପ୍ରକାରରେ ସେବା କରି ପ୍ରସନ୍ନ କଲେ । ଏକ ହଜାର ବାହୁ ଓ ଅପରାଜେୟ ରହିବାର ବର ଲାଭ କଲେ । ତାଙ୍କର କୃପାରୁ ଅନେକ ସମ୍ପତ୍ତି,



ଅତୁଳନୀୟ ବଳ, ବୀରତା, କୀର୍ତ୍ତି ଓ ଶାରୀରିକ ବଳ ଲାଭ କଲେ । ସେ ନିଜର ଶକ୍ତି ବଳରେ ଅତି ଛୋଟ କିମ୍ବା ଅତି ବଡ଼ ରୂପ ଧାରଣ କରି ପାରୁଥିଲେ । ସେ ସଂସାରରେ ବାୟୁ ଭଳି ବିନା ବାଧାରେ ଚଳପ୍ରଚଳ ହୋଇ ପାରୁଥିଲେ । ଥରେ ବୈଜୟନ୍ତୀମାଳା ପିନ୍ଧି ସହସ୍ରବାହୁ ଅର୍ଜୁନ ଅନେକ ସୁନ୍ଦରୀ ସ୍ତ୍ରୀମାନଙ୍କ ସହିତ ନର୍ମଦା ନଦୀରେ ଜଳ ବିହାର କରୁଥିଲେ । ସେ ନିଜର ବାହୁ ଦ୍ୱାରା ନଦୀର ପ୍ରବାହକୁ ରୋକିଦେଲେ । ଦଶମୁଖ ରାବଣର ଶିବିର ସେହି ନଦୀ ନିକଟରେ ଥିଲା । ନଦୀର ଧାରା ବିପରୀତ ଦିଗରେ ବହିବାକୁ ଲାଗିଲା। ଫଳରେ ରାବଣର ଶିବିର ବୁଡ଼ିବାରେ ଲାଗିଲା । ରାବଣ ନିଜକୁ ବହୁତ ବଡ଼ ବୀର ବୋଲି ମଣୁଥିଲା । ତେଣୁ ସେ ସହସ୍ରାର୍ଜୁନର ଏପରି ପରାକ୍ରମ ସହି ପାରିଲା ନାହିଁ । ଯେତେବେଳେ ରାବଣ ସହସ୍ରାର୍ଜୁନ ପାଖକୁ ଯାଇ ତାକୁ ଗାଳି ଦେବାରେ ଲାଗିଲା ସେତେବେଳେ ସହସ୍ରାର୍ଜୁନ ତାହାକୁ କଣ୍ଢେଇ ଭଳି ଧରି ନେଇ ନିଜର ରାଜଧାନୀ ମାହିଷ୍ମତୀ ନଗରୀକୁ ନେଇଗଲା ଓ ସେଠାରେ ବନ୍ଦୀ କରି ରଖିଲା । ପରେ ପୁଲସ୍ତ୍ୟ ଋଷି କହିବାରୁ ସହସ୍ରାର୍ଜୁନ ରାବଣକୁ ଛାଡ଼ିଦେଲା । ଥରେ ସହସ୍ରାର୍ଜୁନ ଶିକାର କରିବା ପାଇଁ ଘୋର ଜଙ୍ଗଲକୁ ଯାଇଥିଲେ । ଦୈବବଶତଃ ସେ ଜମଦଗ୍ନିଙ୍କର ଆଶ୍ରମରେ ଯାଇ ପହଞ୍ଚିଲେ । ଜମଦଗ୍ନିଙ୍କର ଆଶ୍ରମରେ କାମଧେନୁ ରହୁଥିଲେ । ତାଙ୍କର ସାହାଯ୍ୟରୁ ଋଷି ସେନା, ମନ୍ତ୍ରୀ ଓ ବାହନଙ୍କ ସହିତ ସହସ୍ରାର୍ଜୁନର ସ୍ୱାଗତ କଲେ । ସେ ଦେଖିଲେ ଯେ,ଜମଦଗ୍ନିଙ୍କର ପ୍ରତାପ ଅଧିକ । ତେଣୁ ସେ ତାଙ୍କର ସ୍ୱାଗତ ସତ୍କାରକୁ ଆଦର ନ କରି କାମଧେନୁକୁ ନେବା ପାଇଁ ନିଜର ସେବକମାନଙ୍କୁ ଆଦେଶ ଦେଲେ । ଆଦେଶ ଶୁଣି ସେବକଗଣ କାମଧେନୁଙ୍କୁ ତାର ବାଛୁରୀ ସହିତ ମାହିଷ୍ମତୀ ନଗରୀକୁ ନେଇଗଲେ । ଯେତେବେଳେ ପର୍ଶୁରାମ ଆସିଲେ, ସେ ସହସ୍ରାର୍ଜୁନର ଏତାଦୃଶ କର୍ମରେ ଅତ୍ୟନ୍ତ କ୍ଷୁବ୍ଧ ହେଲେ । ସେ ନିଜର ଭୟଙ୍କର ଫାର୍ଶା, ଢାଲ ଏବଂ ଧନୁ ନେଇ ତାରରାଜଧାନୀକୁ ଗଲେ । ସହସ୍ରାର୍ଜୁନ ନିଜର ରାଜଧାନୀରେ ପ୍ରବେଶ କରୁଥିଲା ବେଳେ ଦେଖିଲା ଯେ, ପର୍ଶୁରାମ ଅତ୍ୟନ୍ତ କ୍ରୋଧର ସହିତ ତା ଆଡ଼କୁ ମାଡ଼ି ଆସୁଛନ୍ତି । ତାହାକୁ ଦେଖିବା ମାତ୍ରେ ସେ ଅନେକ ଅସ୍ତ୍ର,ଶସ୍ତ୍ରରେ ସୁସଜ୍ଜିତ ହାତୀ, ଘୋଡ଼ା, ରଥ ତଥା ପଦାତି ଯୁକ୍ତ ସୈନ୍ୟମାନଙ୍କୁ ପଠାଇଲା । ପର୍ଶୁରାମ ନିଜର ଫାର୍ସା ସାହାଯ୍ୟରେ ସମସ୍ତ ସୈନ୍ୟମାନଙ୍କୁ ମାରିଦେଲେ । ସୈନ୍ୟମାନଙ୍କର ମୃତ୍ୟୁ ହେବାର ଦେଖି ସହସ୍ରାର୍ଜୁନ ନିଜେ ଆସି ପର୍ଶୁରାମଙ୍କ ସହିତ ଯୁଦ୍ଧ କଲା । ସେ ଥରକରେ ନିଜର ହଜାରେବାହୁରେ ପାଞ୍ଚଶହଟି ବାଣ ପର୍ଶୁରାମଙ୍କ ଉପରକୁ ଛାଡ଼ିଲା । ପର୍ଶୁରାମ୍ ନିଜର ଗୋଟିଏ ବାଣରେ ସେଗୁଡ଼ିକୁ କାଟି ପକାଇଲେ । ପର୍ଶୁରାମ ନିଜର ଫାର୍ଶା ସାହାଯ୍ୟରେ ସହସ୍ରାର୍ଜୁନର ବାହୁଗୁଡ଼ିକୁ କାଟିଦେଲେ । ପରେ ପର୍ଶୁରାମ୍ ତାର ମୁଣ୍ଡ କାଟି ପକାଇଲେ । ସହସ୍ରାର୍ଜୁନର ମୃତ୍ୟୁ ଦେଖି ତାର ୧୦ ହଜାର ପୁଅ ଭୟରେ ପଳାଇଗଲେ । ପରେ ପର୍ଶୁରାମ୍ କାମଧେନୁକୁ ଆଣି ଜମଦଗ୍ନିଙ୍କୁ ଫେରାଇ ଦେଲେ । ଏହିପରି ଭାବରେ ସହସ୍ରାର୍ଜୁନ ନିଜର ଗର୍ବ ଯୋଗୁଁ ପର୍ଶୁରାମଙ୍କ ଦ୍ୱାରା ନିହତ ହେଲା ।

# ବିଭିନ୍ନ କ୍ଷେତ୍ରରେ ୧୯ ଶିଳ୍ପ ନିବେଶ ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର,୩।୧୦ (ମହାଭାରତ): ଓଡ଼ିଶା ସରକାର ୩,୨୮୦.୫୮ କୋଟି ଟଙ୍କାର ମୋଟ ନିବେଶ ସହ ୧୯ଟି ଶିଳ୍ପ ନିବେଶ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହି ପ୍ରସ୍ତାବଗୁଡ଼ିକ ମାଧ୍ୟମରେ ୧୦,୬୬୧ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହି ଅନୁମୋଦନ ଓଡ଼ିଶାର ବିବିଧ କ୍ଷେତ୍ରରେ ଶିଳ୍ପ ପରିବେଶକୁ ଆହୁରି ସୁଦୃଢ଼ କରିବା, ମୂଲ୍ୟଯୁକ୍ତ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ସହ ବିଭିନ୍ନ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ଦିଗରେ ଆଉ ଏକ ପଦକ୍ଷେପ ହୋଇଛି । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୫୦ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟାରାନ୍ସ ଅଥରିଟି ବୈଠକରେ ଏହି ନିବେଶ ପ୍ରସ୍ତାବଗୁଡ଼ିକୁ ଅନୁମୋଦନ ପ୍ରଦାନ କରାଯାଇଛି। ଅନୁମୋଦିତ ପ୍ରକଳ୍ପଗୁଡ଼ିକ ବୟନ ଓ ପୋଷାକ ଏବଂ ବୈଷୟିକ ବୟନ, ଖାଦ୍ୟ ପ୍ରକ୍ରିୟାକରଣ, ଇସ୍ପାତ ଡାଉନଷ୍ଟ୍ରିମ୍, ଗ୍ଲୋବାଲ୍ କ୍ୟାପାବିଲିଟି ସେଂଟର୍, ଜୈବ ଇନ୍ଧନ, ରାସାୟନିକ ଓ ରାସାୟନିକ ଉତ୍ପାଦ, ସର୍କୁଲାର ଇକୋନୋମି, ପ୍ଲାଷ୍ଟିକ୍ ଏବଂ ପର୍ଯ୍ୟଟନ ଭଳି ବିଭିନ୍ନ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରୁଛି। ଏହି ନିବେଶଗୁଡ଼ିକ ପାରମ୍ପରିକ ଶିଳ୍ପ ସହ ଉଦୀୟମାନ କ୍ଷେତ୍ରଗୁଡ଼ିକରେ ମଧ୍ୟ ଗୁଣାତ୍ମକ ନିବେଶ ଆକୃଷ୍ଟ କରିବା ପ୍ରତି ରାଜ୍ୟ ସରକାରଙ୍କ ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏଥିସହ ସନ୍ତୁଳିତ ଆଂଚଳିକ ବିକାଶକୁ ମଧ୍ୟ ଏହା ସମର୍ଥନ କରିବ।

ଏହି ପ୍ରକଳ୍ପ ଗୁଡ଼ିକ ଓଡ଼ିଶାର ଅନୁଗୋଳ, ଦେବଗଡ଼, ଗଞ୍ଜାମ, ଜଗତସିଂହପୁର, ଝାରସୁଗୁଡ଼ା, କଟକ, ଖୋର୍ଦ୍ଧା, କୋରାପୁଟ, ପୁରୀ ଓ ସୁନ୍ଦରଗଡ଼ ଜିଲ୍ଲା ଆଦି ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକାରୀ ହେବ ।ଏଥିସହ ୮ଟିଜିଲ୍ଲା- ବାଲେଶ୍ୱର, ବଲାଙ୍ଗିର, ବରଗଡ଼, ଗଞ୍ଜାମ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ ଓ ସୁବର୍ଣ୍ଣପୁରରେ ଏକଜୈବ ଇନ୍ଧନପ୍ରକଳ୍ପ କାର୍ଯ୍ୟକାରୀ ହେବା ପାଇଁ ପ୍ରସ୍ତାବିତ ହୋଇଛି। ଅନୁମୋଦିତ ପ୍ରମୁଖ ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ବୟନ, ପୋଷାକ ଓ ବୈଷୟିକ ବୟନ କ୍ଷେତ୍ରରେ ଡଲାର ଇଣ୍ଡଷ୍ଟ୍ରିଜ୍ ଖୋର୍ଦ୍ଧାରେ ଏକ ସମନ୍ୱିତ ହୋସିଆରୀ ଉତ୍ପାଦନ ୟୁନିଟ୍ ସ୍ଥାପନ



କରିବ। ଏହି ୟୁନିଟ୍ ?ରେ ପ୍ରସ୍ତୁତ ହୋସିଆରୀ, ନିଟିଂ ଫ୍ୟାବ୍ରିକ୍, ବ୍ଲିଚିଂ ଓ ଡାଇଂ ଭଳି କାର୍ଯ୍ୟ ସାମିଲ ରହିବ। ଏଥିପାଇଁ ୧୨୫ କୋଟି ଟଙ୍କାର ନିବେଶ କରାଯିବ ଏବଂ ୧,୧୮୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।ସେହିପରି, ସାଇ ୱର୍କୱେୟାର ପ୍ରାଇଭେଟ୍ ଲିମିଟେଡ୍ ପୁରୀରେ ପୋଷାକ, ଅଗ୍ନି ପ୍ରତିରୋଧୀ ୱର୍କୱେୟାର ଓ ସୁରକ୍ଷାତ୍ମକ ବୈଷୟିକ ବୟନ ସାମଗ୍ରୀ ସମେତ ଏକ ସମନ୍ୱିତ ବୈଷୟିକ ବୟନ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହି ପ୍ରକଳ୍ପରେ ୫୯ କୋଟି ଟଙ୍କାର ନିବେଶ ସହ ୩,୬୫୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ଦୁଇଟି ପ୍ରକଳ୍ପ ମିଳିତ ଭାବେ ଓଡ଼ିଶାର ବୟନ ଓ ବୈଷୟିକ ବୟନ ଶିଳ୍ପ ପରିବେଶକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଜିଓଫାଷ୍ଟ ଇଣ୍ଡଷ୍ଟ୍ରିଜ୍ (ଇଣ୍ଡିଆ) ଲିମିଟେଡ୍ ଖୋର୍ଦ୍ଧାରେ ସ୍ନାକ୍ସ, ସାଭୋରିଜ୍ ଓ ନମକିନ୍ ?ର ଏକ ସମନ୍ୱିତ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏଥିପାଇଁ ୧୨୦ କୋଟି ଟଙ୍କାର ନିବେଶ କରାଯିବ ଏବଂ ୩୫୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।ସେହିପରି, ଜୟ ଭବାନୀ ଫୁଡ୍ସ ପ୍ରାଇଭେଟ୍ ଲିମିଟେଡ୍ କଟକରେ ଏକ ସମନ୍ୱିତ ଖାଦ୍ୟ ଓ କନଫେକ୍ସନାରୀ କୋ-ପ୍ୟାକେଜିଂ ୟୁନିଟ୍ ସ୍ଥାପନ କରିବ। ଏହି ପ୍ରକଳ୍ପରେ ୧୦୦ କୋଟି ଟଙ୍କାର ନିବେଶ ସହ ୫୫୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଇସ୍ପାତ ଡାଉନଷ୍ଟ୍ରିମ୍ କ୍ଷେତ୍ରରେ ୩ଟି ନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏସପିଏସ ଅରିହନ୍ତ ଷ୍ଟିଲ୍ ଷ୍ଟ୍ରକଚର୍ସ ପ୍ରାଇଭେଟ୍ ଲିମିଟେଡ୍ ଦେବଗଡ଼ରେ ବାର୍ଷିକ ୩୦,୦୦୦ ଟନ୍ ଷ୍ଟିଲ୍ ଆଇ-ଗାର୍ଡର୍ ଓ ବକ୍ସ ବିମ୍, ୫,୦୦୦ ଟନ୍ ଫାଷ୍ଟେନର୍ ଏବଂ ୧,୫୦,୦୦୦ ଟନ୍ ଟିଏମଟି ରିବାର୍ କପ୍ଲର୍ ଉତ୍ପାଦନ ପାଇଁ ୟୁନିଟ୍ ସ୍ଥାପନ କରିବ। ଏଥିରେ ୧୪୦ କୋଟି ଟଙ୍କାର ନିବେଶ ସହ ୫୯୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଷ୍ଟିଲେଜ୍ ଫ୍ୟାବ୍ରିକେସନ୍ ସୁନ୍ଦରଗଡ଼ରେ ବାର୍ଷିକ ୬୦,୦୦୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଏକ ଫ୍ୟାବ୍ରିକେସନ୍ ଓ ମେସିନିଂ ୟୁନିଟ୍ ସ୍ଥାପନ କରିବ। ଏହି ପ୍ରକଳ୍ପରେ ୧୦୮.୮୨ କୋଟି ଟଙ୍କାର ନିବେଶ ସହ ୩୭୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।ସେହିପରି, ଭୁବନେଶ୍ୱର ଉଦ୍ୟୋଗ ପ୍ରାଇଭେଟ୍ ଲିମିଟେଡ୍ କଟକରେ କଲର୍-କୋଟେଡ୍ ସିଟ୍, କୋରୁଗେଟେଡ୍ ଜିଆଇ ସିଟ୍, ପ୍ଲେନ୍ ଜିଆଇ ସିଟ୍ ଏବଂ ଜିଆଇ ଷ୍ଟ୍ରକଚରାଲ୍ କମ୍ପୋନେଣ୍ଟ ଉତ୍ପାଦନ ପାଇଁ ୟୁନିଟ୍ ସ୍ଥାପନ କରିବ। ଏଥିପାଇଁ ୧୦୧.୯୯ କୋଟି ଟଙ୍କାର ନିବେଶ ସହ ୧୩୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଗ୍ଲୋବାଲ୍ କ୍ୟାପାବିଲିଟି ସେଣ୍ଟର କ୍ଷେତ୍ରରେଟାଟା ପାୱାର୍ ଖୋର୍ଦ୍ଧାରେ୫୪.୩୧ କୋଟି ଟଙ୍କା ବିନିଯୋଗରେ ଏକ ଗ୍ଲୋବାଲ୍ କ୍ୟାପାବିଲିଟି ସେଣ୍ଟର ସ୍ଥାପନ କରିବ। ଏହା ଦ୍ୱାରା୧୧୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବଏବଂଓଡ଼ିଶାରେ ବଢୁଥିବା ଜ୍ଞାନଓ ପ୍ରଯୁକ୍ତିଭିତ୍ତିକ ସେବାକ୍ଷେତ୍ରକୁ ଆହୁରି ସୁଦୃଢ଼କରିବ। ଜୈବ ଇନ୍ଧନ କ୍ଷେତ୍ରରେ ଉଲ୍ଲେଖନୀୟ ନିବେଶ ଆଗ୍ରହ ପରିଲକ୍ଷିତ ହୋଇଛି। ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍ ୮ଟି ଜିଲ୍ଲା- ବାଲେଶ୍ୱର, ବଲାଙ୍ଗିର, ବରଗଡ଼, ଗଞ୍ଜାମ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ ଓ ସୁବର୍ଣ୍ଣପୁରରେ ବାର୍ଷିକ ୩୯,୬୦୦ ଟିପିଏ କମ୍ପ୍ରେସ୍ଡ ବାୟୋଗ୍ୟାସ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହି ପ୍ରକଳ୍ପରେ ୯୬୦ କୋଟି ଟଙ୍କାର ନିବେଶ ସହ ୭୬୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।ସେହିପରି, କିନେଟା ଗ୍ଲୋବାଲ୍ ଲିମିଟେଡ୍ ଗଞ୍ଜାମରେ ବାର୍ଷିକ ୮,୨୫୦ ଟିପିଏ କମ୍ପ୍ରେସ୍ଡ ବାୟୋଗ୍ୟାସ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏଥିପାଇଁ ୧୭୦ କୋଟି ଟଙ୍କାର ନିବେଶ ସହ ୧୭୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରାସାୟନିକ ଓ ରାସାୟନିକ ଉତ୍ପାଦ କ୍ଷେତ୍ରରେ ଆକ୍ୱାପ୍ରୁଫ୍ ?ୱାଲକେୟାର୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ କଟକରେ ବାର୍ଷିକ ୩,୦୫,୦୦୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ନିର୍ମାଣ ରାସାୟନିକ ପଦାର୍ଥ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ।

# ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ 'ପ୍ରୟାସ' ପ୍ରଗତି ସମୀକ୍ଷା

ଭୁବନେଶ୍ୱର,୩।୧୦ (ମହାଭାରତ): ରାଜ୍ୟର ସାମାଜିକ କ୍ଷେତ୍ରରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି, ଫଳାଫଳ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଆଜି ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ 'ପ୍ରୟାସ' ସାମାଜିକ କ୍ଷେତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବ ଓ ସଂପୃକ୍ତ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର ପ୍ରମୁଖ ଅଗ୍ରଗତି, ତଥ୍ୟଭିତ୍ତିକ ବିଶ୍ଳେଷଣ ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ଏଥି ସହିତ ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦେଇ ନିଜ ନିଜ ଜିଲ୍ଲାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସାମାଜିକ କ୍ଷେତ୍ରରେ "ତଥ୍ୟରୁ କାର୍ଯ୍ୟ – କାର୍ଯ୍ୟରୁ ଫଳାଫଳ" ଭିତ୍ତିକ ପ୍ରଶାସନକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାସ୍ତରର ଅଗ୍ରଗତିକୁ ନିୟମିତ ଭାବେ ଅନୁଧ୍ୟାନ କରିବା, ଜିଲ୍ଲାସ୍ତରରେ କାର୍ଯ୍ୟରତ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ ବଢାଇବା ସହ ବିଭିନ୍ନ ଜିଲ୍ଲାରେ



ନିଆଯାଇଥିବା ସଫଳ ପଦକ୍ଷେପଗୁଡ଼ିକୁ ଉଦାହରଣ ଭାବେ ନେଇ ଅନ୍ୟ ଜିଲ୍ଲା ତଥା ଅଂଚଳରେ ପ୍ରୟୋଗ କରିବା ନେଇ ମୁଖ୍ୟ ଶାସନ ସଚିବ ଆଲୋଚନା କରିଥିଲେ । ଜିଲ୍ଲା ଓ ସଂପୃକ୍ତ ବିଭାଗୀୟ ସମନ୍ୱୟରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ସଫଳତା ହାସଲ ପାଇଁ ତ୍ୱରିତ ପଦକ୍ଷେପ ନିଆଯିବା ଉପରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ସେବା ପ୍ରଦାନକୁ ଅଧିକ ଦକ୍ଷ, ଲକ୍ଷ୍ୟଭିତ୍ତିକ ଓ ଫଳପ୍ରଦ କରିବା ପାଇଁ ପ୍ରଯୁକ୍ତିବିଦ୍ୟା ଓ ତଥ୍ୟର ସର୍ବାଧିକ ଉପଯୋଗ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମାତୃ ମୃତ୍ୟୁହାର ସମ୍ପର୍କରେ ବିବରଣୀ ପ୍ରଦାନ ପ୍ରଦାନ କରାଯାଇଥିଲା। ପୂର୍ବ ଅପେକ୍ଷା ଏବେ ମାତୃ ମୃତ୍ୟୁହାର ଉଲ୍ଲେଖନୀୟ ଭାବେ ହ୍ରାସ ପାଉଛି। ମାଆମାନଙ୍କ ସ୍ୱାସ୍ଥ୍ୟ ସେବା ଯତ୍ନରେ ନିରନ୍ତର ନଜର ରଖିବା ଓ ତତ୍ତ୍ୱାବଧାନ ଫଳରେ ଏହା ପ୍ରତିଫଳିତ ହେଉଛି। ନବଜାତ ଶିଶୁ ମୃତ୍ୟୁ ହାର ମଧ୍ୟ ହ୍ରାସ ପାଉଛି। ନବଜାତ ଶିଶୁଙ୍କ ଉନ୍ନତ ସ୍ୱାସ୍ଥ୍ୟ ସେବା, ବିପଦପୂର୍ଣ୍ଣ ଗର୍ଭଧାରଣର ପୂର୍ବରୁ ଚିହ୍ନଟକରି ରେଫରାଲ୍ ବ୍ୟବସ୍ଥା ଓ ନିରନ୍ତର ଅନୁଧ୍ୟାନ ଯୋଗୁଁ ମାତୃ-ଶିଶୁ ସ୍ୱାସ୍ଥ୍ୟ ସେବାରେ ନିରନ୍ତର ଉନ୍ନତି ପରିଲକ୍ଷିତ ହେଉଛି । ଏହି ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଯକ୍ଷ୍ମା ନିୟନ୍ତ୍ରଣ କ୍ଷେତ୍ରରେ ମଧ୍ୟ ରାଜ୍ୟର ଅଗ୍ରଗତି ଉଲ୍ଲେଖନୀୟରହିଛି । ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପୋଷଣ ସ୍ଥିତି ନେଇ ବ୍ୟାପକ ତଥ୍ୟଭିତ୍ତିକ ବିଶ୍ଳେଷଣ ଉପସ୍ଥାପନ କରାଯାଇଥିଲା। ଅଙ୍ଗନବାଡ଼ି କେନ୍ଦ୍ର ମାଧ୍ୟମରେ ଶିଶୁଙ୍କ ମାପ ଓ ମୂଲ୍ୟାଙ୍କନ କରାଯାଉଛି। ବ୍ୟବସ୍ଥିତ ବୃହତ୍ ତଥ୍ୟଭଣ୍ଡାର ମାଧ୍ୟମରେ ଅଧିକ ଧ୍ୟାନ ଆବଶ୍ୟକତା ଥିବା ଅଞ୍ଚଳଗୁଡ଼ିକୁ ଚିହ୍ନଟ କରି ଲକ୍ଷ୍ୟଭିତ୍ତିକ ପଦକ୍ଷେପ ନିଆଯାଉଛି ।'ପୋଷଣ ଟ୍ରାକର' ଆଧାରିତ ତଥ୍ୟ ବିଶ୍ଳେଷଣ ବ୍ୟବସ୍ଥା ମାଧ୍ୟମରେ ଅଙ୍ଗନବାଡ଼ି କେନ୍ଦ୍ରସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ପୋଷଣ ସେବାର ଗୁଣବତ୍ତା, ଦୁର୍ବଳ କ୍ଷେତ୍ର ଚିହ୍ନଟ ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନକୁ ଆହୁରି ସୁଦୃଢ଼ କରାଯାଉଛି। ପୋଷଣ ସ୍ଥିତିରେ ଅଗ୍ରଗତିମଧ୍ୟରେ ଅତି ଗୁରୁତର ପୁଷ୍ଟିହୀନ ଶିଶୁଙ୍କ ସଂଖ୍ୟା ଏବଂ ମଧ୍ୟମ ଗୁରୁତର ପୁଷ୍ଟିହୀନ ଶିଶୁଙ୍କ ସଂଖ୍ୟାରେ ଏକ ବଡ଼ ହ୍ରାସ ପରିଲକ୍ଷିତ ହୋଇଥିବା ବୈଠକରୁ ଜଣାଯାଇଛି।

# ସ୍କାଉଟସ୍ ଓ ଗାଇଡସ୍ ପକ୍ଷରୁ ହୃତ୍‌ପିଣ୍ଡ ଦିବସ

ଭୁବନେଶ୍ୱର,୩।୧୦ (ମହାଭାରତ): ଆଜିର ଦ୍ରୁତ ଗତିଶୀଳ ଜୀବନଯାତ୍ରା ଓ ଅସନ୍ତୁଳିତ ଖାଦ୍ୟପେୟ ଯୋଗୁଁ ଆମର ଜୀବନଶୈଳୀରେ ବହୁତ ପରିବ□ନ ଆସିଛି । ଏହି ପରିବ□ନ ସବୁଠାରୁ ବଡ ପ୍ରଭାବ ପକାଉଛି ଆମର ସବୁଠାରୁ ସମ୍ବେଦନଶୀଳ ଅଙ୍ଗ ହୃତ୍‌ପିଣ୍ଡ ଉପରେ । ହୃଦ୍‌ଘାତ ଓ ହୃଦ୍‌ରୋଗ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହା ବିରୁଦ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୨୯ ତାରିଖକୁ "ବିଶ୍ୱ ହୃତ୍‌ପିଣ୍ଡ" ଦିବସ ଭାବରେ ପାଳନ କରାଯାଉଛି ।

ଏହି ଦିବସ ଅବସରରେ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଏବଂ ଗ୍ୟାଷ୍ଟ୍ରୋ ଏବଂ ଲିଭର କେୟାର ଫାଉଣ୍ଡେସନ ସଂଗଠନ ପକ୍ଷରୁ ସକାଳ ୯.୩୦ ମିନିଟ୍ ସମୟରେ ରାଜ୍ୟ ମୁଖ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭା ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ସଭାପତି ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଅତିଥି ଭାବରେ ଗ୍ୟାଷ୍ଟ୍ରୋ ଏବଂ ଲିଭର କେୟାର ଫାଉଣ୍ଡେସନର ନିର୍ଦ୍ଦେଶକ ତଥା ବିଶିଷ୍ଟ ଡାକ୍ତର ଶ୍ରୀ ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଶ୍ରୀ ନାୟକ ଆଜି ଦିବସର ମହତ୍ୱ ବିଷୟରେ ବର୍ଣ୍ଣନା କରିବା ବେଳେ ଶ୍ରୀଯୁକ୍ତ ସାହୁ ହୃତ୍‌ପିଣ୍ଡକୁ କିପରି ସୁସ୍ଥ ରଖିପାରିବା ସେଥିପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ "ସୁସ୍ଥ ହୃତ୍‌ପିଣ୍ଡ" ଉପରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ଏକ ସଚେତନତା ରାଲି କରାଯାଇଥିଲା । ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ଯୁଗ୍ମ ସମ୍ପାଦିକା ଶ୍ରୀମତୀ ଅନାମିକା ଦାସ ସଭା ପରିଚାଳନା କରୁଥିବା ବେଳେ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ସମ୍ପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପିଲାମାନଙ୍କୁ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯାଇଥିଲା ।

# ରାୟଗଡ଼ା ଡିଭିଜନରେ ଟ୍ରେନ୍ ସେବା ପ୍ରଭାବିତ

ଭୁବନେଶ୍ୱର,୩।୧୦ (ମହାଭାରତ): ପୂର୍ବତଟ ରେଳପଥର ରାୟଗଡ଼ା ଡିଭିଜନ ଅନ୍ତର୍ଗତ ମାଲିଗୁଡ଼ା ଓ ଛତଡିପୁଟ ଷ୍ଟେସନ ମଧ୍ୟରେ ଭୂସ୍ଖଳନ ଯୋଗୁଁ ଟ୍ରେନ୍ ସେବା ପ୍ରଭାବିତ ହୋଇଛି। ସୁରକ୍ଷା ଦୃଷ୍ଟିରୁ ଏବଂ ପ୍ରଭାବିତ ଅଂଚଳରେ ପୁନରୁଦ୍ଧାର କାର୍ଯ୍ୟକୁ ସୁଗମ କରିବା ପାଇଁ କେତେକ ଟ୍ରେନ୍ ବାତିଲ କରାଯାଇଥିବା ବେଳେ କେତେକ ଟ୍ରେନ୍ କୁ ଆଂଶିକ ଭାବେ ବାତିଲ କରାଯାଇ କୋରାପୁଟରୁ ଯାତ୍ରା ଆରମ୍ଭ କିମ୍ବା କୋରାପୁଟଠାରେ ଯାତ୍ରା ସମାପ୍ତ କରାଯିବ। ୨୯ ଏବଂ ୩୦ ସେପ୍ଟେମ୍ବରରେ ଟ୍ରେନ୍ ନଂ. ୧୮୧୦୭ ରାଉରକେଲା-ଜଗଦଲପୁର ଏକ୍ସପ୍ରେସ୍ ବାତିଲ ରହିବ। ସେହିପରି ୩୦ ସେପ୍ଟେମ୍ବର ଏବଂ ୦୧ ଅକ୍ଟୋବରରେ ଟ୍ରେନ୍ ନଂ. ୫୮୫୦୨ କିରଣ୍ଡୁଲ-ବିଶାଖାପାଟଣା ପାସେଞ୍ଜର୍ , ଟ୍ରେନ୍ ନଂ. ୫୮୫୦୧ ବିଶାଖାପାଟଣା-କିରଣ୍ଡୁଲ ପାସେଞ୍ଜର୍ ,ଟ୍ରେନ୍ ନଂ. ୧୮୫୧୬ କିରଣ୍ଡୁଲ-ବିଶାଖାପାଟଣା ଏକ୍ସପ୍ରେସ୍ ,ଟ୍ରେନ୍ ନଂ. ୧୮୫୧୫ ବିଶାଖାପାଟଣା-କିରଣ୍ଡୁଲ ଏକ୍ସପ୍ରେସ୍ ଏବଂ ଟ୍ରେନ୍ ନଂ. ୧୮୧୦୮ ଜଗଦଲପୁର-ରାଉରକେଲା ଏକ୍ସପ୍ରେସ୍ ବାତିଲ ରହିବ। ଅନ୍ୟପକ୍ଷରେ ଟ୍ରେନ୍ ନଂ. ୧୮୦୦୫ ହାୱଡ଼ା-ଜଗଦଲପୁର ଏକ୍ସପ୍ରେସ୍, ଯାହା ୨୮ ଏବଂ ୨୯ ସେପ୍ଟେମ୍ବର ୨୦୨୬ରେ ହାୱଡ଼ାରୁ ଯାତ୍ରା ଆରମ୍ଭ କରିଛି, ଏହାର ଯାତ୍ରା କୋରାପୁଟଠାରେ ସମାପ୍ତ ହେବ। କୋରାପୁଟ-ଜଗଦଲପୁର ମଧ୍ୟରେ ଏହି ଟ୍ରେନ୍ ର ସେବା ବାତିଲ ରହିବ। ସେହିଭଳି ଟ୍ରେନ୍ ନଂ. ୧୮୦୦୬ ଜଗଦଲପୁର-ହାୱଡ଼ା ଏକ୍ସପ୍ରେସ୍, ଯାହା ୩୦ ସେପ୍ଟେମ୍ବର ଏବଂ ୨୯ ନଭେମ୍ବରରେ ଜଗଦଲପୁର ପରିବର୍ତ୍ତେ ଏହା କୋରାପୁଟରୁ ଯାତ୍ରା ଆରମ୍ଭ କରିବ। ଜଗଦଲପୁର-କୋରାପୁଟ ମଧ୍ୟରେ ଏହି ଟ୍ରେନ୍ ର ସେବା ବାତିଲ ରହିବ। ଟ୍ରେନ୍ ନଂ. ୧୮୪୪୭ ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ୍, ଯାହା ୨୯ ଏବଂ ୩୦ ସେପ୍ଟେମ୍ବର ୨୦୨୬ରେ ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରିବ, ଏହାର ଯାତ୍ରା କୋରାପୁଟଠାରେ ସମାପ୍ତ ହେବ।

# ପ୍ରଗତି ୫୦ରେ ଓଡ଼ିଶାର ଭୁବନେଶ୍ୱର ଓ ପୁରୀ

ଭୁବନେଶ୍ୱର,୩।୧୦ (ମହାଭାରତ): ସହରାଂଚଳ ସ୍ୱଚ୍ଛତା ଓ ବୈଜ୍ଞାନିକ ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ପ୍ରୟାସକୁ ଜାତୀୟ ସ୍ତରରେ ଆଉ ଏକ ସ୍ୱୀକୃତି ମିଳିଛି । କେନ୍ଦ୍ର ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ୍-ଅର୍ବାନ୍ ୨.୦ ଅଧୀନରେ ଆରମ୍ଭ ହୋଇଥିବା ପ୍ରଗତି ୫୦ ପଦକ୍ଷେପ ପାଇଁ ଦେଶର ୨୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ୫୦ଟି ସହର ମଧ୍ୟରେ ଓଡ଼ିଶାର ଭୁବନେଶ୍ୱର ଓ ପୁରୀକୁ ଚୟନ କରାଯାଇଛି। ଚୟନିତ ସହରଗୁଡ଼ିକୁ 'ମଡେଲ୍ ସାନିଟେସନ୍ ସିଟି' ଭାବେ ବିକଶିତ କରିବା ପ୍ରଗତି ୫୦ର ମୁଖ୍ୟ ଲକ୍ଷ୍ୟ । ଏଥିପାଇଁ ଠୋସ ବର୍ଜ୍ୟ ପରିଚାଳନା, ବ୍ୟବହୃତ ଜଳ ପରିଚାଳନା, ସ୍ୱଚ୍ଛତା, ପରିମଳ ଓ ନାଗରିକ ଅଂଶଗ୍ରହଣ ଭଳି କ୍ଷେତ୍ରରେ ଲକ୍ଷ୍ୟଭିତ୍ତିକ ପଦକ୍ଷେପ ନିଆଯିବ । ନିୟମିତ ତଦାରଖ, ବୈଷୟିକ ମାର୍ଗଦର୍ଶନ ଓ ସୁସଂଗଠିତ ସହଯୋଗ ମାଧ୍ୟମରେ ଚୟନିତ ସହରଗୁଡ଼ିକରେ କାର୍ଯ୍ୟକାରୀ ଓ ସ୍ଥାୟୀ ସ୍ୱଚ୍ଛତା ବ୍ୟବସ୍ଥା ଗଢ଼ି ତୋଳାଯିବ।



କେନ୍ଦ୍ର ଗୃହ ଓ ନଗର ବ୍ୟାପାର ମନ୍ତ୍ରୀ ଶ୍ରୀ ମନୋହର ଲାଲ ଖଟ୍ଟରଙ୍କ ଅଧ୍ୟକ୍ଷତାରେ ପ୍ରଗତି ୫୦ର ଭର୍ଚୁଆଲ୍ ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଓଡ଼ିଶାର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହ ଭର୍ଚୁଆଲ୍ ମାଧ୍ୟମରେ ଆଲୋଚନା କରିଥିଲେ । ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ମଧ୍ୟ ଏଥିରେ ଯୋଗଦେଇଥିଲେ।

ଆଲୋଚନା ସମୟରେ ଡଃ ମହାପାତ୍ର ଓଡ଼ିଶାରେ ବର୍ଜ୍ୟରୁ ସମ୍ପଦ ସୃଷ୍ଟି ଦିଗରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଭୁବନେଶ୍ୱର, କଟକ ଓ ପୁରୀରେ କମ୍ପ୍ରେସ୍ଡ ବାୟୋ-ଗ୍ୟାସ୍ ପ୍ଲାଣ୍ଟ ପ୍ରତିଷ୍ଠା ଦିଗରେ କାର୍ଯ୍ୟ ଚାଲିଥିବା ସେ ପ୍ରକାଶ କରିଥିଲେ । ଏଥିସହ ଭୁବନେଶ୍ୱର ଓ କଟକରେ ବର୍ଜ୍ୟରୁ ଚାରକୋଲ୍ ପ୍ରସ୍ତୁତି ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି ।

ପ୍ରଗତି ୫୦କୁ ରାଜ୍ୟରେ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ମନ୍ତ୍ରଣାଳୟ, ସମ୍ପୃକ୍ତ ସହରାଂଚଳ ସ୍ଥାନୀୟ ସଂସ୍ଥା ଓ ଏସ୍ ବି ଏମ୍- ୟୁ ଟିମ୍ ସହ ସମନ୍ୱୟରେ କାର୍ଯ୍ୟ କରାଯିବ । ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଧାରିତ ମାର୍ଗଦର୍ଶିକା ଓ ମାନକ କାର୍ଯ୍ୟ ପଦ୍ଧତି ଅନୁଯାୟୀ ବିଭିନ୍ନ ପଦକ୍ଷେପ ନିଆଯିବ। ଭୁବନେଶ୍ୱର ରାଜ୍ୟର ରାଜଧାନୀ ହୋଇଥିବାବେଳେ ପୁରୀ ଦେଶର ଏକ ପ୍ରମୁଖ ସାଂସ୍କୃତିକ ଓ ଧାର୍ମିକ ସହର । ପ୍ରତିବର୍ଷ ବହୁ ସଂଖ୍ୟକ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ଏହି ଦୁଇ ସହରକୁ ଆସୁଥିବାରୁ ସ୍ୱଚ୍ଛତା ଓ ବର୍ଜ୍ୟ ପରିଚାଳନାର ଗୁରୁତ୍ୱ ଆହୁରି ବଢ଼ିଯାଏ । ପ୍ରଗତି ୫୦ ଅଧୀନରେ ଏହି ଦୁଇ ସହରରେ ସ୍ୱଚ୍ଛତା ବ୍ୟବସ୍ଥା, ବର୍ଜ୍ୟ ପରିଚାଳନା ଓ ନାଗରିକ ଅଂଶଗ୍ରହଣକୁ ଆହୁରି ସୁଦୃଢ଼ କରାଯିବ। ଗୃହ ଓ ନଗର ଉନ୍ନୟନ ବିଭାଗ, ଭୁବନେଶ୍ୱର ମହାନଗର ନିଗମ, ପୁରୀ ମହାନଗର ନିଗମ ଏବଂ ଏସବିଏମ-ୟୁ ଟିମ୍ ର ସମନ୍ୱୟରେ ନିର୍ଦ୍ଧାରିତ କାର୍ଯ୍ୟଯୋଜନା ଅନୁଯାୟୀ ଲକ୍ଷ୍ୟଭିତ୍ତିକ ପଦକ୍ଷେପ ନିଆଯିବ । ନିର୍ଦ୍ଧାରିତ ପ୍ରମୁଖ ପ୍ରଦର୍ଶନ ସୂଚକ ଆଧାରରେ କାର୍ଯ୍ୟର ଅଗ୍ରଗତି ନିୟମିତ ଭାବେ ଅନୁଧ୍ୟାନ କରାଯିବ।

# ନୂତନ ହୃଦ୍ ଚିକିତ୍ସାରେ ମହିଳାଙ୍କୁ ମିଳିଲା ନୂଆ ଜୀବନ

ଭୁବନେଶ୍ୱର,୩।୧୦ (ମହାଭାରତ): ତୀବ୍ର ହୃଦ୍‌ଯନ୍ତ୍ର ବିଫଳତାରେ ପୀଡ଼ିତା ଜଣେ ୭୧ ବର୍ଷୀୟା ମହିଳାଙ୍କ ଠାରେ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ହୃଦ୍‌ରୋଗ ବିଶେଷଜ୍ଞ ଓ ହୃଦ୍‌ଶଲ୍ୟ ଚିକିତ୍ସକଙ୍କୁ ନେଇ ଗଠିତ ଏକ ଏକ ବହୁବିଭାଗୀୟ ଟିମ୍ ସଫଳତାର ସହ ଟ୍ରାନ୍ସକ୍ୟାଥେଟର ଏଓର୍ଟିକ୍ ଭାଲ୍ଭ ରିପ୍ଲେସମେଂଟ (ଟିଏଭିଆର) ପଦ୍ଧତିରେ ସଫଳ ଚିକିତ୍ସା କରିଛନ୍ତି। ଏହି ଅତ୍ୟାଧୁନିକ ଓ ସର୍ବନିମ୍ନ ଆକ୍ରମଣାତ୍ମକ ଚିକିତ୍ସା ପଦ୍ଧତି ଓପନ୍ ହାର୍ଟ ସର୍ଜରୀ କରିବା ସମ୍ଭବ ନଥିବା ରୋଗୀଙ୍କ ପାଇଁ ଏକ ବିକଳ୍ପ ଭାବେ ସହାୟକ ହୋଇପାରେ। କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରମିଳା ମହାରଣାଙ୍କୁ ତିନି ସପ୍ତାହ ପୂର୍ବେ ସମ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଠାରେ ଅତ୍ୟ' ଗୁରୁତର ଏଓର୍ଟିକ୍ ଷ୍ଟେନୋସିସ୍ ବା ହୃଦୟର ମୁଖ୍ୟ ଭାଲ୍ଭ ସଙ୍କୁଚିତ ହୋଇଯାଇଥିଲା ବୋଲି ଜଣାପଡ଼ିଥିଲା। ଫଳରେ ତାଙ୍କର ହୃଦୟ ମାତ୍ର ପ୍ରାୟ ୨୦ରୁ ୩୦ ପ୍ରତିଶତ କ୍ଷମତାରେ କାର୍ଯ୍ୟ କରୁଥିଲା ଏବଂ



ରକ୍ତଚାପ ମଧ୍ୟ ଅତ୍ୟ' କମ୍ ରହିଥିଲା ବୋଲି ହସ୍ପିଟାଲ୍‌ର ହୃଦ୍‌ରୋଗ ବିଭାଗ ମୁଖ୍ୟ ପ୍ରଫେସର (ଡାକ୍ତର) ସୁରେଶ କୁମାର ବେହେରା ସୋମବାର କହିଛନ୍ତି। ରୋଗୀଙ୍କ ଗୁରୁତର ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ପରିବାରବର୍ଗଙ୍କ ସହ ଆଲୋଚନା ପରେ ପାରମ୍ପରିକ ଓପନ୍ ହାର୍ଟ ସର୍ଜରୀ ପରିବର୍ତ୍ତେ ପର୍କ୍ୟୁଟାନିଅସ୍ ଟ୍ରାନ୍ସକ୍ୟାଥେଟର ଏଓର୍ଟିକ୍ ଭାଲ୍ଭ ରିପ୍ଲେସମେଂଟ କରିବାକୁ ନିଷ୍ପତି ନିଆଯାଇଥିଲା ଡାକ୍ତର ବେହେରା ବିଶ୍ୱ ହୃଦ୍ ଦିବସ ପାଳନର ପୂର୍ବଦିନ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଥିଲେ। ପ୍ରତିବର୍ଷ ସେପ୍ଟେମ୍ବର ୨୯ ତାରିଖରେ ବିଶ୍ୱ ହୃଦ ଦିବସ ପାଳିତ ହୁଏ। ଚଳିତବର୍ଷର ବିଷୟବସ୍ତୁ 'ଡୋଂଟ ମିସ୍ ଏ ବିଟ' ରଖାଯାଇଛି। ଲୁକ୍କାୟିତ ହୃଦରୋଗର ଲକ୍ଷଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ହୃଦରୋଗ ସମ୍ପର୍କିତ ସଚେତନତା ବୃଦ୍ଧି କରିବା ଏହାର ଉଦ୍ଦେଶ୍ୟ। 'ଟିଏଭିଆର ଏକ ଅତ୍ୟାଧୁନିକ ପଦ୍ଧତି। ଏଥିରେ ଛାତିରେ କୌଣସି ବଡ଼ କ୍ଷତ ସୃଷ୍ଟି ନକରି ଜଙ୍ଘର ଧମନୀ (ଫେମୋରାଲ୍ ଆର୍ଟେରୀ) ଦେଇ ଏକ ନୂଆ ହୃଦୟ ଭାଲ୍ଭ ସ୍ଥାପନ କରାଯାଏ' ବୋଲି ହୃଦ୍‌ରୋଗ ବିଭାଗର ସହକାରୀ ପ୍ରଫେସର ଡାକ୍ତର ଜ୍ଞାନ ରନ ନାୟକ କହିଥିଲେ। ଚିକିତ୍ସା ପରେ ରୋଗୀ ଦୁଇରୁ ତିନି ଦିନ ମଧ୍ୟରେ ଚଲାବୁଲା କରିପାରିଥିଲେ ଏବଂ ପରେ ତାଙ୍କୁ ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ କରାଯାଇଥିଲା। ଏହି ପଦ୍ଧତି ପାଇଁ ସୂକ୍ଷ୍ମ ଯୋଜନା ସହ ପ୍ରି-ଅପରେଟିଭ ସିଟି ସ୍କାନ୍ ଆବଶ୍ୟକ ହୋଇଥାଏ। ପାରଂପରିକ ଓପନ୍ ହାର୍ଟ ସର୍ଜରୀ ତୁଳନାରେ ଏହା କମ୍ ବିପଦସଙ୍କୁଳ ଏବଂ ରୋଗୀଙ୍କ ଶୀଘ୍ର ସୁସ୍ଥତାରେ ସହାୟକ ହୋଇପାରେ,' ଡାକ୍ତର ନାୟକ କହିଥିଲେ।

# କିମସରେ ବିଶ୍ୱ ହୃଦୟ ଦିବସ ପାଳିତ

ଭୁବନେଶ୍ୱର,୩।୧୦ (ମହାଭାରତ): କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ (କିମସ) ପକ୍ଷରୁ ସୋମବାର ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ସହ ବିଶ୍ୱ ହୃଦୟ ଦିବସ ପାଳନ କରାଯାଇଛି। ଏହି ଅବସରରେ କିମସ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ କିମ୍‌ସର କାର୍ଡିଓଲୋଜି ବିଭାଗର ଡାକ୍ତର, କର୍ମଚାରୀ, ଛାତ୍ରଛାତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ହୃଦୟ ସୁସ୍ଥତାର ଗୁରୁତ୍ୱ ସଂପର୍କରେ ଲୋକଙ୍କୁ ସଚେତନ କରିବା ସହ ସୁସ୍ଥ ଜୀବନଶୈଳୀ ଆପଣାଇବା ପାଇଁ ପ୍ରୋତ୍ସାହିତ କରିବା ଏହି ସଚେତନତା ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମର ଅନ୍ୟତମ ମୁଖ୍ୟ



ଆକର୍ଷଣ ଥିଲା କିସ୍ ଛାତ୍ରଛାତ୍ରୀଙ୍କ ପାଇଁ ସାମୂହିକ ସିପିଆର ପ୍ରଶିକ୍ଷଣ। ଏଥିରେ କିସରୁ ୫୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ହୃଦ୍‌ଘାତଜନିତ ଜରୁରୀ ପରିସ୍ଥିତିରେ କାର୍ଡିଓପଲମୋନାରି ରିସସିଟେସନ୍ (ସିପିଆର)ର ଗୁରୁତ୍ୱ ଏବଂ ଏହାର ପ୍ରାଥମିକ ପଦକ୍ଷେପ ସଂପର୍କରେ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। କୌଣସି ବ୍ୟକ୍ତି ହୃଦ୍‌ଘାତର ଶିକାର ହୋଇ ଅଚେତ ହୋଇପଡ଼ିଲେ କିମ୍ବା ସ୍ୱାଭାବିକ ଭାବେ ନିଃଶ୍ୱାସ ନେଉନଥିଲେ, ଡାକ୍ତରୀ ସହାୟତା ପହଞ୍ଚିବା ପୂର୍ବରୁ ସିପିଆର ତୁରନ୍ତ ଜୀବନ ରକ୍ଷାରେ ସହାୟକ ହୋଇପାରେ। ଏହି ପ୍ରଶିକ୍ଷଣ ମାଧ୍ୟମରେ ଜରୁରୀ ସମୟରେ ତୁରନ୍ତ ସହାୟତା ଯୋଗାଇପାରୁଥିବା ପ୍ରଶିକ୍ଷିତଙ୍କ ଏକ ଗୋଷ୍ଠୀ ସୃଷ୍ଟି କରିବା ଲକ୍ଷ୍ୟ ରହିଥିଲା। କାର୍ଯ୍ୟକ୍ରମରେ କିସର ପ୍ରତିଷ୍ଠାତାଙ୍କ ପରାମର୍ଶଦାତା ଡା. ଆର.ଏନ୍. ସାମନ୍ତ, କାର୍ଡିଓଲୋଜି ବିଭାଗ ମୁଖ୍ୟ ଡା. ସୁବାଶିଷ ମିଶ୍ର, ପ୍ରଫେସର ଡା. ପଞ୍ଚାନନ ସାହୁ, ନିଶ୍ଚେତକ ବିଭାଗର ଡା. ଅଶୋକ କୁମାର ବଡ଼ମାଳୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିବାଦରେ ନିର୍ବାଚନ କମିଶନ

ଭରତର ନିର୍ବାଚନ କମିଶନ ଏକ ସ୍ୱୟଂଶାସିତ ସାମ୍ବିଧାନିକ ଖଣ୍ଡପୀଠ ଯାହାର ସ୍ୱଚ୍ଛତା ଏବଂ ନିରପେକ୍ଷତା ନେଇ ଏବେ ପ୍ରଶ୍ନ ଉଠିଛି। ଗତ ଦୁଇ ବର୍ଷରୁ ଅଧିକକାଳ ହେବ ଭାରତରେ ଏହାକୁ ନେଇ ବିତର୍କ ଚାଲିଛି। ବାସ୍ତବତା କ'ଣ ତାହା ଅନେକଙ୍କୁ ଜଣାନାହିଁ। ପୂର୍ବରୁ ଭାରତରେ ଜଣେ ନିର୍ବାଚନ କମିଶନର ରହୁଥିଲେ। ସେ ଯାହା ନିଷ୍ପତ୍ତି ନେଉଥିଲେ ତାହା ହେଉଥିଲା ଚୂଡ଼ାନ୍ତ। ଟି ଏନ ଶେଷାନ ନିର୍ବାଚନ କମିଶନର ଥିବା ବେଳେ ଯୋର ଜବରଦସ୍ତ ଭାରତରେ ଫଟୋ ପରିଚୟପତ୍ର ବ୍ୟବସ୍ଥା ପ୍ରଚଳନ କରିଥିଲେ। ସେତେବେଳେ ଏହାକୁ ଲାଲୁ ଯାଦବଙ୍କ ଭଳି ଅନେକ ନେତା ବିରୋଧ କରିଥିଲେ। କିନ୍ତୁ ଶେଷରେ ତାହା କାର୍ଯ୍ୟକାରୀ ହେଲା। ଏବେ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇଛି। ଏବେ ନିର୍ବାଚନ କମିଶନ ତିନି ଜଣିଆ ହୋଇଛି। ଜଣେ ମୁଖ୍ୟ ନିର୍ବାଚନ କମିଶନର ବା ସିଇସି ଏବଂ ତାଙ୍କ ସହ ଦୁଇଜଣ କମିଶନର ରହୁଛନ୍ତି। ସେମାନେ ମିଳିତ ଭାବେ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଅଛନ୍ତି। ଏହା ସ୍ୱାଗତଯୋଗ୍ୟ। କିନ୍ତୁ ଏକ ଦୈନିକ ଇଂରାଜୀ ଖବର କାଗଜରେ ଏବେ ଯାହା ପ୍ରକାଶ ପାଇଛି ତାହା ଚିନ୍ତାଜନକ। ସେଥିରେ ଲେଖାଯାଇଛି ଯେ, ଏସଆଇଆର ପ୍ରସଙ୍ଗରେ ନିର୍ବାଚନ କମିଶନଙ୍କ ଅନ୍ୟ ଦୁଇ ସଦସ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କ ସହମତ ନଥିଲେ।ଗତ ୧୦ ମାସ ଭିତରେ ସେମାନେ ୧୪ଥର ଏହା ଉପରେ ଆପତ୍ତି ଉଠାଇଥିଲେ ମଧ୍ୟ ସିଇସି ଜ୍ଞାନେଶ କୁମାର ଏହାକୁ ଅଣଦେଖା କରିଛନ୍ତି। ଅଭିଯୋଗକୁ ଜ୍ଞାନେଶ କୁମାର ଖଣ୍ଡନ କରିବା ସହ ପ୍ରକାଶିତ ଖବରକୁ ଅର୍ଦ୍ଧସତ୍ୟ ବୋଲି କହିଛନ୍ତି। ନିର୍ବାଚନ ପରିଚାଳନା ସମ୍ପର୍କିତ ସବୁ ନିଷ୍ପତ୍ତି ସହମତି ଭିତ୍ତିରେ ନିଆଯାଇଛି ବୋଲି ସେ କହିଛନ୍ତି। ବିଶେଷ କରି ଏସଆଇଆର ପ୍ରସଙ୍ଗରେ କମିଶନରେ କିଛି ଅସହମତି ହୋଇନାହିଁ ବୋଲି ସେ କହିଛନ୍ତି। କିନ୍ତୁ ଅନ୍ୟ ଦୁଇ ନିର୍ବାଚନ କମିଶନର ଏସ ଏସ ସାନ୍ଧୁ ଓ ବିବେକ ଯୋଶୀ ଏହା ଉପରେ କିଛି ସ୍ପଷ୍ଟୀକରଣ ଦେଇ ନାହାଁନ୍ତି। ଏଠାରେ ଏକ ପ୍ରଶ୍ନ ଉଠୁଛି ଯେ, ସବୁ ନିଷ୍ପତ୍ତି ନେବାରେ ସହମତି କ'ଣ ଜରୁରୀ? ଯଦି ମୁଖ୍ୟ ନିର୍ବାଚନ କମିଶନର ରାଷ୍ଟ୍ରର ବୃହତ୍ତର ସ୍ୱାର୍ଥ ଏବଂ ନିର୍ବାଚନ ବ୍ୟବସ୍ଥାରେ ବଡ଼ ସଂସ୍କାର ଲାଗି କିଛି ଭଲ ନିଷ୍ପତ୍ତି ନିଅନ୍ତି, ତେବେ ସେଥିରେ ଅନ୍ୟ ଦୁଇ ସଦସ୍ୟଙ୍କ କ'ଣ ସହମତି ଏକାନ୍ତ ଆବଶ୍ୟକ? ମୁଖ୍ୟ ନିର୍ବାଚନ କମିଶନରଙ୍କର କିଛି ସ୍ୱତନ୍ତ୍ର କ୍ଷମତା ରହିବା ଉଚିତ। ଅଭିଯୋଗ ନିର୍ବାଚନ କମିଶନରେ ସହମତିର ଅଭାବକୁ ନେଇ ହୋଇଛି। କିନ୍ତୁ ଏସଆଇଆରକୁ ନେଇ କିଛି ଆପତ୍ତି ଉଠିନି। କିନ୍ତୁ ବିରୋଧୀ ଦଳ ଏଥିଲାଗି ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ରାସ୍ତାକୁ ଓହ୍ଲାଇଛନ୍ତି। ମମତା ବାନାର୍ଜୀ ପଶ୍ଚିମବଙ୍ଗରେ ପୁନର୍ବାର ନିର୍ବାଚନ ଦାବି କରିଛନ୍ତି। ଏହା ହାସ୍ୟାସ୍ପଦ। ରାହୁଲ ଗାନ୍ଧି ପୁଣି ଥରେ ଭୋଟ ଚୋରି ପ୍ରସଙ୍ଗ ଉଠାଇଛନ୍ତି। କିନ୍ତୁ ତାମିଲନାଡୁ, କେରଳ, ଝାଡ଼ଖଣ୍ଡରେ ଭୋଟ ଚୋରି ହୋଇଛି ବୋଲି ସେ କହୁନାହାଁନ୍ତି। କେବଳ ବିଜେପି ଭୋଟ ଚୋରି କରି ଜିତୁଛି ଏଭଳି କହିବା ଅନୁଚିତ। ରାହୁଲ ଅନେକ ଦିନ ହେବ ଭୋଟ ଚୋରି ଅଭିଯୋଗ ଉଠାଉଛନ୍ତି, କିନ୍ତୁ ଏହାର ଉପଯୁକ୍ତ ପ୍ରମାଣ ଉପସ୍ଥାପନ କରିପାରୁ ନାହାଁନ୍ତି। ଏବେ ସମୟ ଆସିଛି ଏହାର ଫଇସଲା ହେବା ଉଚିତ। ରାହୁଲ ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟକୁ ଯିବା ଉଚିତ ଏବଂ ଅଭିଯୋଗର ସବୁ ତଥ୍ୟ ପ୍ରମାଣ ଉପସ୍ଥାପନ କରିବା ଉଚିତ। ଯଦି ଅଭିଯୋଗ ସତ୍ୟ ହୋଇଥାଏ ତେବେ ତୁରନ୍ତ ସରକାରକୁ ବରଖାସ୍ତ କରାଯାଇ ସାନି ନିର୍ବାଚନ ହେବା ଉଚିତ। ଯଦି ରାହୁଲଙ୍କ ଅଭିଯୋଗ ନିରାଧାର ବୋଲି ପ୍ରମାଣିତ ହୁଏ ତେବେ ଦେଶବାସୀଙ୍କୁ ମିଛ କହି ବିଭ୍ରାନ୍ତ କରିଥିବା ଏବଂ ଦେଶରେ ଅଯଥା ବିଭ୍ରାନ୍ତ ସୃଷ୍ଟି କରିବା ଅଭିଯୋଗରେ ତାଙ୍କୁ ରାଜନୀତିରୁ ବିଦା କରାଯିବା ଉଚିତ। ଏବେ ପ୍ରଶ୍ନ ଉଠୁଛି ଯେ, ନିର୍ବାଚନ କମିଶନରେ ସହମତିର ଅଭାବ ଥାଉ ବା ନଥାଏ ଏସଆଇଆରର କେତେ ଯଥାର୍ଥତା ରହିଛି। ପୂର୍ବରୁ ମଧ୍ୟ ଭାରତରେ ଏସଆଇଆର ହୋଇଛି। ନିୟମିତ ବ୍ୟବଧାନରେ ଭୋଟର ତାଲିକାର ସଂଶୋଧନ ଆବଶ୍ୟକ।

# ଜୈବପ୍ରଯୁକ୍ତି ଓ ଛାତ୍ର ଛାତ୍ରୀଙ୍କ କର୍ମନିଯୁକ୍ତି

॥ ପ୍ରଫେସର ହୃଦୟନାଥ ଥାଟୋଇ ॥

“ ବିଭିନ୍ନ ସରକାରୀ ଚାକରି ଯଥା ଓଡିଶା ଅଥବା ଭାରତୀୟ ବନ ବିଭାଗ ଅଧିକାରୀ, ବିଭିନ୍ନ ଓପିଏସି ଓ ୟୁପିଏସି ଚାକିରୀ ଯେଉଁ ଗୁଡିକ ସ୍ନାତୋକର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସେ ସବୁ ଚାକୀରିରେ ପ୍ରତିଯୋଗିତା ପରୀକ୍ଷା ମାଧମରେ ନିଯୁକ୍ତି ପାଇ ପାରିବେ। ଜୈବ ପ୍ରଯୁକ୍ତି ବିଭାଗରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ଛାତ୍ର ଛାତ୍ରୀମାନେ ମୁଖ୍ୟତଃ କଲେଜ ଓ ୟୁନିଭରସିଟି ଗୁଡିକରେ ଅଧାପକ ବା ବିଭିନ୍ନ ସରକାରୀ ଓ ଅଣସରକାରୀ ଗବେଷଣା ଅନୁଷ୍ଠାନରେ ବୈଜ୍ଞାନିକ ରୁପେ ଯୋଗଦେବାକୁ ଅଧିକ ପସନ୍ଦ କରି ଥାଆନ୍ତି।

ଜୈବପ୍ରଯୁକ୍ତି ବିଦ୍ୟାରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେଲାପରେ ଛାତ୍ରଛାତ୍ରୀଙ୍କ ପାଇଁ କେଉଁ ସବୁ ନିଯୁକ୍ତି ଓ ଉଚ୍ଚତର ଶିକ୍ଷାର ସୁଯୋଗ ରହିଛି ସେ ରହିଛି ସେ ବିଷୟରେ ଆଲୋକପାତ କରିବା ଏ ପ୍ରବନ୍ଧର ଲକ୍ଷ୍ୟ। ସ୍ନାତୋକର ପରୀକ୍ଷାରେ ଉତୀର୍ଣ୍ଣ ଛାତ୍ର ଛାତ୍ରୀଙ୍କ ପାଇଁ ମୁଖ୍ୟତଃ ୪ ପ୍ରକାର ବିକଳ୍ପ ରହିଛି। ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେଲା ପରେ ଛାତ୍ର ଛାତ୍ରୀମାନେ ଏମ.ଫୀଲ ଓ ପିଏଚଡି ଶିକ୍ଷା ଲାଭ ପାଇଁ ଯୋଗଦେଇ ପାରିବେ। ମାତ୍ର ଏମ.ଫୀଲ ଏ ବର୍ଷରୁ ୟୁଜିସି ଦ୍ୱାରା ବନ୍ଦ୍ କରି ଦିଆଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ, ଜାତୀୟ ଗବେଷଣା ଅନୁଷ୍ଠାନ ଯଥା ଏନଆଇଟି, ସିଟିସିଆରଆଇ, ଆଇଏମଟି, ଆରପିଆରସି, ସିଡିଆରଆଇ, ଏନବିଆରଆଇ ଇତ୍ୟାଦି ପ୍ରତିଷ୍ଠାନରେ ଉଦ୍ଦିଷ୍ଟ ଲାବରଟୋରୀରେ ଅଥବା ପ୍ରୋଜେକ୍ଟ ବା ରିସର୍ଚ୍ଚ ସହାୟକ ହିସାବରେ ଯୋଗଦାନ କରି ପାରିବେ। ବିଭିନ୍ନ ଜୈବ ପ୍ରଯୁକ୍ତି ଶିଳ୍ପ ଯଥା-ବାୟୋକନ, ଇଣ୍ଡୋହାଇବ୍ରିଡସିଡ, ଭାରତ ବାୟୋଟେକ, ରିଲଆନସ, ଲାଇଫ୍ ସାଇନ୍ସ, ବିଭିନ୍ନ ଫର୍ମାସ୍ୟୁଟିକାଲ ଶିଳ୍ପ ଯଥା ଡକ୍ଟର ରେଡି, ଟୋରେଟଂ ତଥା ବିଭିନ୍ନ ମେଡିକାଲ ଡାଇଗ୍ନୋଷ୍ଟିକ୍ ସେଟଂର, ଫୁଡ ଇଣ୍ଡଷ୍ଟ୍ରିଜ୍, ଫିସ୍ ପ୍ରୋସେସିଂ ଇତ୍ୟାଦିରେ ବୈଜ୍ଞାନକି ବା ଟେକ୍ନିକାଲ କର୍ମଚାରୀ ଓ ଗୁଣବତା ନିୟନ୍ତ୍ରକ ଅଧିକାରୀ ଭାବେ କାର୍ଯ୍ୟ କରି ପାରିବେ।

ବିଭିନ୍ନ ସରକାରୀ ଚାକରି ଯଥା ଓଡିଶା ଅଥବା ଭାରତୀୟ ବନ ବିଭାଗ ଅଧିକାରୀ, ବିଭିନ୍ନ ଓପିଏସି ଓ ୟୁପିଏସି ଚାକିରୀ ଯେଉଁ ଗୁଡିକ ସ୍ନାତୋକର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସେ ସବୁ ଚାକୀରିରେ ପ୍ରତିଯୋଗିତା ପରୀକ୍ଷା ମାଧମରେ ନିଯୁକ୍ତି ପାଇ ପାରିବେ। ଜୈବ ପ୍ରଯୁକ୍ତି ବିଭାଗରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ଛାତ୍ର ଛାତ୍ରୀମାନେ ମୁଖ୍ୟତଃ କଲେଜ ଓ ୟୁନିଭରସିଟି ଗୁଡିକରେ ଅଧାପକ ବା ବିଭିନ୍ନ ସରକାରୀ ଓ ଅଣସରକାରୀ ଗବେଷଣା ଅନୁଷ୍ଠାନରେ ବୈଜ୍ଞାନିକ ରୁପେ ଯୋଗଦେବାକୁ ଅଧିକ ପସନ୍ଦ କରି ଥାଆନ୍ତି। ଏଥିପାଇଁ ଛାତ୍ର ଛାତ୍ରୀଙ୍କୁ ଜାତୀୟ ସ୍ତରୀୟ ପରୀକ୍ଷା ଯେପରିକି ସିଏସଆଇଆର ବା ୟୁଜିସି ନାସନାଲ ଏଲିଜିବିଲିଟି ଟେଷ୍ଟ ଫର୍ (ଏନଇଟି)ପରୀକ୍ଷାରେ ଉତୀର୍ଣ୍ଣ ହେବାକୁ ପଡିଥାଏ। ଏତଦବ୍ୟତୀତ ଗ୍ରାଜୁଏଟ ଆର୍ପଟିଚ୍ୟୁଟ ଟେଷ୍ଟ ଫରି ଇଞ୍ଜିନିୟରିଂ (ଜିଏଇଟି) , ଇଣ୍ଡିଆନ କାଉଁସିଲ ଅଫ୍ ଏଗ୍ରିକଲଚରାଲ ରିସର୍ଚ୍ଚ ନାସନାଲ ଏଲିଜିବିଲିଟି ଟେଷ୍ଟ (ଆଇସିଏଆର), ବାୟୋଟେକ୍ନୋଲୋଜି ଏଲିଜିବିଲିଟି ଟେଷ୍ଟ (ବିଇଟି), ଡିପାର୍ଟମେଣଟଂ ଅଫ୍ ବାୟୋଟେକ୍ନୋଲୋଜି ଟେଷ୍ଟ (ଡିବିଟି) ଇତ୍ୟାଦିରେ ଉତୀର୍ଣ୍ଣ ହେବା ପରେ ନିହାତି ଛାତ୍ର ଛାତ୍ରୀମାନେ ୟୁନିଭରସିଟି, ଇଞ୍ଜିନିୟରିଂ କଲେଜ, ଏନଆଇଟି ଓ ଆଇଆଇଟି ମାନଙ୍କରେ ଗବେଷଣା କରିବାକୁ ଯୋଗ ଦେଇଥାଆନ୍ତି। ଏହି ସବୁ ପରୀକ୍ଷାରେ ଉତୀର୍ଣ୍ଣ ହେଲେ ଛାତ୍ର ଛାତ୍ରୀମାନଙ୍କୁ ଗବେଷଣା କରିବାକୁ ସରକାରଙ୍କଠାରୁ ଛାତ୍ରବୃତି ସହିତ ଅନୁସନ୍ଧାନ ସହାୟତା ରାଶି ମଧ ମିଳିଥାଏ। ବର୍ତମାନ ସିଏସଆଇଆର ଓ ୟୁଜିସି ଉତୀର୍ଣ୍ଣ ଛାତ୍ର ଛାତ୍ରୀମାନେ ସପ୍ତମ ବେତନ କମିଶନ ସୁପାରିଶ ଅନୁସାରେ ପ୍ରଥମ ଦୁଇ ବର୍ଷ ୩୧ ହଜାର ଟଙ୍କା ଏବଂ ଘରଭଡା ବାବଦକୁ ସ୍ଥାନ ଅନୁସାରେ ୫% ରୁ ୧୫% ପାଇଥାଆନ୍ତି। ମାତ୍ର ପରବର୍ତୀ ୩ ବର୍ଷ ବରିଷ୍ଠ ରିସର୍ଚ୍ଚ ସ୍କଲାର ହିସାବରେ ୩୫ ହଜାର ଟଙ୍କା ସହିତ ଘରଭଡା ମଧ ପାଇଥାଆନ୍ତି। ଏତଦବ୍ୟତତ ଗବେଷଣା କରିବା ପାଇଁ ଅନୁସନ୍ଧାନ ସହାୟତା ରାଶି ବର୍ଷକୁ ୨୫ ହଜାର ଟଙ୍କା ପାଇଥାଆନ୍ତି। ସିଏସଆଇଆର ନେଟ ପରୀକ୍ଷାରେ ସର୍ବଶ୍ରେଷ୍ଠ ନମ୍ବର ରଖିଥିବା ପ୍ରଥମ କିଛି ମେଧାବୀ ଛାତ୍ର ଛାତ୍ରୀଙ୍କୁ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଫେଲୋସିପ୍ ମିଳିଥାଏ। ଏହି ଫୋଲୋସିପ ର ମୂଲ୍ୟ ପ୍ରଥମ ଦୁଇ ବର୍ଷ ୩୬ ହଜାର ଓ ପରବର୍ତୀ ୩ ବର୍ଷ ୪୨ ହଜାର ପ୍ରତିମାସ ମିଳିଥାଏ। ସିଏସଆଇଆର ଫେଲୋସିପ୍ ଦୁଇ ପ୍ରକାରର ଅଛି। ଯଥା କେବଳ ଏଲିଜିବିଲିଟି ଫର ଲେକ୍ଚରସିପ୍ ଓ ଅନ୍ୟଟି ଜେଆରଏଫ। ଏହି ପରୀକ୍ଷାରେ ଉତୀର୍ଣ୍ଣ ଲିଷ୍ଟର ପ୍ରଥମ କିଛି ପିଲାଙ୍କୁ ଫେଲୋସିପ ମିଳିଥାଏ। ଯେଉଁମାନଙ୍କୁ ସରକାରଙ୍କ ଠାରୁ ସିଧା ସଳଖ ଉପରୋକ୍ତ ଫେଲୋସିପ ମିଳିଥାଏ। ମାତ୍ର ଏହି ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ପଛୁଆ କିଛି ପିଲାଙ୍କୁ କେବଳ ଲେକଚରସିପ ଆୱାର୍ଡ କରାଯାଇଥାଏ। ସେହି ଛାତ୍ରଛାତ୍ରୀମାନେ ସାରା ଦେଶରେ କଲେଜ ଓ ୟୁନିଭରସିଟିରେ ଲେକଚର ହେବାକୁ ଯୋଗ୍ୟ ହୋଇ ଥାଆନ୍ତି।

ଏତଦବ୍ୟତୀତ ସେମାନେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗବେଷଣା ଅନୁଷ୍ଠାନରେ ବିଭିନ୍ନ ଜାତୀୟ ପ୍ରୋଜେକ୍ଟରେ ଯୋଗ ମଧ କରିଥାଆନ୍ତି ଓ ସମପରିମାଣର ଫେଲୋସିପ ରିସର୍ଚ୍ଚ ପ୍ରୋଜେକ୍ଟ ଫେଲୋସିପରୁ ପାଇଥାଆନ୍ତି। ଜାତୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ସ୍ନାତୋକତରରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀମାଙ୍କୁ ପିଏଚଡି ଶିକ୍ଷା ଲାଭ କରିବା ପାଇଁ ରିସର୍ଚ୍ଚ ଫେଲୋସିପ ଡିଏସଟି ଇନସ୍ପାୟାର ଦିଆଯାଇଥାଏ। ଏହାର ଫେଲୋସିପ ବାବଦକୁ ପ୍ରଥମ ଦୁଇ ବର୍ଷ ୩୨ ହଜାର ଟଙ୍କା ଓ କଟିଂଜେନ୍ସି ବାବଦକୁ ୨୦ ହଜାର ଟଙ୍କା ପ୍ରତିବର୍ଷ ପ୍ରଦାନ କରାଯାଇଥାଏ। ଏହାର ବରିଷ୍ଠ ରିସର୍ଚ୍ଚ ଫେଲୋସିପ ବାବଦକୁ ମାସିକ ୩୫ ହଜାର ଟଙ୍କା ମିଳିଥାଏ। ଏତଦବ୍ୟତୀତ ସ୍ନାତୋକତର ଉତୀର୍ଣ୍ଣ କିଛି ଛାତ୍ରଛାତ୍ରୀ ରାଜ୍ୟ ସରକାରଙ୍କ ରିସର୍ଚ୍ଚ ଫେଲୋସିପ ଯେପରିକି ଆମ ରାଜ୍ୟ ଓଡିଶାରେ ବିଜୁ ପଟ୍ଟନାୟକ ରସର୍ଚ୍ଚ ଫେଲୋସିପ୍ ଦିଆଯାଇଥାଏ। ବିଜୁ ପଟ୍ଟନାୟକ ରିସର୍ଚ୍ଚ ଫେଲୋସିପ ଜରିଆରେ ମାସକୁ ୧୨ ହଜାର ଟଙ୍କା ଓ କଟିଂଜେନ୍ସି ବାବଦକୁ ବର୍ଷକୁ ୨୫ ହଜାର ଟଙ୍କା ପ୍ରଥମ ଦୁଇ ବର୍ଷ ପାଇଁ ପ୍ରଦାନ କରାଯାଇଥାଏ। ପରବର୍ତୀ ଏକ ବର୍ଷ ବରିଷ୍ଠ ରିସର୍ଚ୍ଚ ଫେଲୋସିପ ବାବଦକୁ ୧୫ ହଜାର ଟଙ୍କା ଓ କଟିଂଜେନ୍ସି ପ୍ରଦାନ କରାଯାଇଥାଏ। ସେହିପରି ଆଇସିଏଆର ଏନଇଟିରେ ଉତୀର୍ଣ୍ଣ ଛାତ୍ର ଛାତ୍ରୀ ମାନଙ୍କୁ ମାସିକ ୩୧ ହଜାର ଟଙ୍କା ପ୍ରଥମ ଦୁଇ ବର୍ଷ ଫେଲୋସିପ ମିଳିଥାଏ। ପରବର୍ତୀ ଏକ ବର୍ଷ ବରିଷ୍ଠ ରିସର୍ଚ୍ଚ ଫେଲୋସିପ ବାବଦକୁ ମାସିକ ୩୫ ହଜାର ଟଙ୍କା ଫେଲୋସିପ ଓ କଟିଂଜେନ୍ସି ବାବଦକୁ ବର୍ଷକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥାଏ। ସେହିପରି ଜିଏଟିଇ ପରୀକ୍ଷାରେ ଉତୀର୍ଣ୍ଣ ଛାତ୍ରଛାତ୍ରୀମାନେ ଆଇଆଇଟି ତଥା ଏନଆଇଟି ଓ ଇଞ୍ଜିନିୟରିଂ କଲେଜ୍‌ରେ ସ୍କଲାରସିପ ସହିତ ଏମଟେକ୍ ପଢିବା ଅଥବା ପ୍ରୋଜେକ୍ଟରେ ଜେଆରଏଫ/ପ୍ରୋଜେକ୍ଟ ଫେଲୋ ହିସାବରେ କାର୍ଯ୍ୟ କରିବାରେ ସୁଯୋଗ ମିଳିଥାଏ। ସେମାନେ ପ୍ରୋଜେକ୍ଟ ସ୍ଥିରିକୃତ ନିୟମ ହିସାବରେ ଫେଲୋସି ପାଇଥାଆନ୍ତି। ବାୟୋଟେକ୍ନୋଲୋଜି କନସରଟିୟମ(ବିସିଆଇଏଲ), ନୂଆଦିଲ୍ଲୀ ମଧ ୬ ମାସର ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ପାଇଁ ସ୍ନାତକୋତର ଉତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଚୟନ କରି ବିଭିନ୍ନ ଇଣ୍ଡଷ୍ଟ୍ରିଜ ମାନଙ୍କୁ ପଠାଇଥାଏ। ଏମାନେ ମାସକୁ ୧୦ ହଜାର ଟଙ୍କା ଫେଲୋଶିପ ପାଇଥାଆନ୍ତି। ଏତଦବ୍ୟତୀତ କଟିଂଜେନ୍ସି ବାବଦକୁ ଇଣ୍ଡଷ୍ଟ୍ରିମାନଙ୍କୁ କିଛି ଅର୍ଥ ମିଳିଥାଏ। ପରବର୍ତୀ ସମୟରେ ଏହି ଛାତ୍ର ଛାତ୍ରୀମାନେ ନିଯୁକ୍ତି ପାଇବାର ସୁଯୋଗ ଲାଭ କରିଥାଆନ୍ତି। ଉପରଲିଖିତ ଆଲୋଚ ସୁଯୋଗ ବ୍ୟତୀତ ବିଭିନ୍ନ ସ୍ନାତକୋତର ଉତୀର୍ଣ୍ଣ ଛାତ୍ରଛାତ୍ରୀ ନିଜର ଷ୍ଟାର୍ଟ ଅପ ବା ଏଟଂରପ୍ରେନ୍ୟୁର ପ୍ରତିଷ୍ଠା କରି ଆତ୍ମନିଯୁକ୍ତି ପାଇ ପାରନ୍ତି। ଏଥିପାଇଁ ସେମାନଙ୍କୁ ବିଭିନ୍ନ ବ୍ୟାଙ୍କ ଓ ସରକାରୀ ପ୍ରୋଗାମରୁ ସହାୟତା ମିଳିଥାଏ। ଜୀବ ବିଜ୍ଞାନ ପାଠ୍ୟକ୍ରମରେ ଜୈବପ୍ରଯୁକ୍ତି ବିଦ୍ୟା ଏକ ବୈଷୟିକ ବିଭାଗ ଯାହା ଅନ୍ୟାନ୍ୟ ମୌଳିକ ବିଭାଗ ଯଥା ଉଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ପରିବେଶ ବିଜ୍ଞାନ, ଅଣୁଜୀବ ବିଜ୍ଞାନ ଠାରୁ ଅଧିକ ଯୁଗୋପଯୋଗୀ ଓ ଛାତ୍ରଛାତ୍ରୀମାନଙ୍କ ଅଧିକ ପସନ୍ଦର ବିଭାଗ। କାରଣ ଏଥିରେ ନିଯୁକ୍ତି, ଗବେଷଣା ଓ ଉଚ୍ଚତର ଶିକ୍ଷା ନିମନ୍ତେ ପ୍ରଭୁତଃ ସୁବିଧା ସୁଯୋଗ ରହିଛି। ମାତ୍ର ଏହି ପାଠ୍ୟକ୍ରମରେ ଛାତ୍ରଛାତ୍ରମାନଙ୍କୁ ଅଧିକ ଧ୍ୟାନ କେନ୍ଦ୍ରିତ କରିବାକୁ ପଡିଥାଏ ଓ ବିଭିନ୍ନ ଗବେଷଣାଗାର ଥିବା ବଡବଡ ଲାବୋରୋଟୋରିରୁ ଅଧିକରୁ ଅଧିକ ତାଲିମ ନେଇ ଦକ୍ଷତା ହାସଲ କରିବାକୁ ପଡିଥାଏ। ଏହି ଛାତ୍ରଛାତୀମାନେ ବିଦେଶ ବିଶ୍ୱବିଦ୍ୟାଳୟ ଓ ରିସର୍ଚ୍ଚ ଅନୁଷ୍ଠାନ ମାନଙ୍କରେ ଗବେଷଣା ଓ ଉଚ୍ଚତର ଶିକ୍ଷାଲାଭ କରିବାକୁ ପ୍ରୋତ୍ସାହନ ମିଳିଥାଏ।

ଜୈବପ୍ରଯୁକ୍ତି ବିଦ୍ୟା ମୁଖ୍ୟ
ମହାରାଜା ଶ୍ରୀମରାଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦାଳୟ, ବାରିପଦା।

# ହୁଅନ୍ତୁ ପିଲାର ବନ୍ଧୁ

॥ ଜ୍ୟୋତିରଞ୍ଜନ ଚମ୍ପତିରାୟ ॥

ବର୍ତ୍ତମାନର ମୋବାଇଲଧରା ବ୍ୟସ୍ତ ସମୟ ଭିତରେ ଆପଣଙ୍କ ପିଲା ଏକା ଏକା ରହିବାକୁ ଚେଷ୍ଟା କରୁଛି କି? ବେଳେ ବେଳେ ଚୁପଚାପ, ଉଦାସ ଏହିପରି ମନୋଭାବ ତାର ଦେଖୁଛନ୍ତି କି? ସ୍କୁଲ ଖୁବ ହେଲେ ଘର ଏହାରି ଭିତରେ ସେ ନିଜକୁ ବାନ୍ଧି ରଖିବା ପାଇଁ ଚେଷ୍ଟା କରୁଛି କି? ଯଦି ହିଁ ତେବେ ଏହା ଅବୁଝା ନୁହେଁ ଯେ ସେ ନିଜର ବନ୍ଧୁଟିଏ ପାଇପାରୁନାହିଁ ଖୁସି, ସୁଖ, ଆନନ୍ଦକୁ ବାଣ୍ଟିବା ପାଇଁ। ତେବେପ ଏହାକୁ ଛୋଟିଆ କଥା ଭାବନ୍ତୁ ନାହିଁ। ଏହା ନିଶ୍ଚିନ୍ତ ଭାବେ ବଡ଼ କଥା। କାରଣ ଏହା ପିଲାର ଶାରୀରିକ, ବୌଦ୍ଧିକ ଓ ସାମାଜିକ ଅଭିବୃଦ୍ଧିର ବାଧକ ନିଶ୍ଚୟ। ଏହିପରି ଉଦାସ ରହୁଥିବା ପିଲାଙ୍କ ହାବଭାବ ପରବର୍ତ୍ତୀ ସମୟ ପାଇଁ ଭଲ ହୋଇନଥାଏ। କାରଣ ପିଲାଟି ତାର ଜଣେ ବନ୍ଧୁ ପାଇଲେ ପ୍ରଥମତଃ ଏକଲାପଣକୁ ଦୂରେଇ ପାରିବ ଦ୍ୱିତୀୟତଃ ତା ମନକଥା ବାଣ୍ଟପାରିବ ଆଉ ନିଜ ଜୀବନକୁ ନେଇ ସେ ଖୁବ ଖୁସିରେ ଆଗେଇ ପାରିବ ମଧ୍ୟ। ବର୍ତ୍ତମାନର ସମୟରେ ଅନେକ ପିଲା ବାହାରକୁ ନଯାଇପାରି ପ୍ରାୟତଃ ଅନେକ ସମୟ ଘର ଭିତରେ ଏକ ପ୍ରକାର ଆବଦ୍ଧ ହୋଇ ରହୁଥିବାରୁ, ପିଲାଟିର ମାନସିକ, ଶାରୀରିକ ଓ ବୌଦ୍ଧିକ ସ୍ଥିତି ସମ୍ପର୍କରେ ଅନେକ ବାପାମାଆ ଅଜଣା ଥାଆନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି କୋମଳମତି ପିଲାଟିର ମନକୁ ବୁଝି ତା'ପାଇଁ କିଛି ସମୟ କାଢ଼ିଲେ ତାର କଅଁଳ ମନ ଆସନ୍ତା କାଲିର ଏକ ଉଜ୍ଜ୍ୱଳ ସମାଜ ପାଇଁ କ୍ଷେତ୍ର ଯେ ସୃଷ୍ଟି ନକରିପାରିବ ତାହା କିଏ ବା ନ କହିବ? ଅନେକ ସମୟରେ ପାରିବାରିକ ଝଡ଼ଝଞ୍ଜା, ବାପା-ମାଆ ବା ଆତ୍ମୀୟ ସ୍ୱଜନଙ୍କ ଭିତରେ ମନାନ୍ତର, ମତାନ୍ତର ଏପରି ଅଘଟଣ ପିଲାମାନଙ୍କୁ ଯଥେଷ୍ଟ ଆଘାତ ଦେଇଥାଏ।

ଶିଶୁ ନିଷ୍ପାପ ଚକ୍ଷୁଯୁଗଳରେ ଲୁଚି ରହିଥାଏ ଆଗାମୀ ଭବିଷ୍ୟତର ଗୁଚ୍ଛଗୁଚ୍ଛ ସ୍ୱପ୍ନ । ମନରେ ଅନାବନା ଅନେକ ପ୍ରଶ୍ନ, କିଏ କ'ଣ କାହିଁକି, କିପରି - କିଏ ବା ସମର୍ଥ ହେବ ସେ ପ୍ରଶ୍ନମାନଙ୍କର ଉତ୍ତର ଦେବାକୁ । ସାଂପ୍ରଦାୟିକତା, ଜାତିଗତ ବିଦ୍ୱେଷ, ଅନ୍ଧ ପରମ୍ପରା ଓ ପ୍ରଦୂଷିତ ପରିବେଶ ଭିତରେ ଅହରହ ଜୀବନ ପାଇଁ ସଂଗ୍ରାମ କରୁଥିବା ସାଧାରଣ ମଣିଷ କ'ଣ ଜିତିପାରିବ ଶିଶୁମାନଙ୍କର ଚଳଚଞ୍ଚଳ ମନ ଓ ଚିନ୍ତାଧାରାକୁ । ଜୀବନର ପ୍ରାରମ୍ଭରୁ ଶିଶୁ, ପ୍ରକୃତି, ସମାଜ ଓ ପରିବେଶ ସହିତ ଓତଃପ୍ରୋତଃ ଭାବରେ ଜଡ଼ିତ ଥାଏ । ତାର, ଭାଷା, ବ୍ୟବହାର, ଚାଲିଚଳଣୀ ଓ ସଦାଚାର ଶିକ୍ଷା କରିଥାଏ ପରିବାରରୁ ବିଶେଷତଃ ସମାଜ ତଥା ପରିବେଷ୍ଟିନୀ ମାନଙ୍କ ଠାରୁ । ଗ୍ରାମାଞ୍ଚଳର ଶିଶୁଟିଏ ଶିକ୍ଷିତ ପରିବାର ଶିଶୁଠାରୁ ନିଶ୍ଚୟ ପୃଥକ ଓ ଭିନ୍ନ ଗୁଣର କେବଳ ପରିବେଶ ପାଇଁ । ଉପଯୁକ୍ତ ପରିବେଶ ଶିଶୁଟିକୁ ଉପଯୁକ୍ତ ମଣିଷ କରି ଗଢ଼ିତୋଳେ - ଏହା ନିରାଟ ସତ୍ୟ । ତେବେ ଶିଶୁ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବାକୁ ହେଲେ ଆବଶ୍ୟକ ଉପଯୁକ୍ତ ଶିକ୍ଷାର ପ୍ରସାର । ସହରାଞ୍ଚଳ ଶିଶୁମାନଙ୍କ ଠାରୁ ପ୍ରାରମ୍ଭ କରି ଗ୍ରାମାଞ୍ଚଳର ଶିଶୁମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ କିପରି ଉପଯୁକ୍ତ ଭାଷା, ଶିକ୍ଷା ଓ ଜ୍ଞାନ ପହଞ୍ଚିପାରିବ ସେଥିପାଇଁ ସମାଜ ଓ ସରକାର ସଚେତନ ହେବା ଉଚିତ । ପ୍ରତ୍ୟେକ ପରିବାର ନିଜ ନିଜ ଶିଶୁଙ୍କର ଜ୍ଞାନ ବୃଦ୍ଧି, ଚାଲିଚଳଣୀ ଓ ସୁବ୍ୟବହାର ପ୍ରତି ନଜର ଦେବା ସହ ସେମାନଙ୍କର ଜ୍ଞାନର ବିକାଶ କିପରି ସମ୍ଭବ ହେବ, ସେଥିପାଇଁ ତତ୍ପରତା ପ୍ରକାଶ କରିବା ଆବଶ୍ୟକ। ପିଲାମାନଙ୍କର ସାମାଜିକ ବ୍ୟବହାର ଉପରେ ଧ୍ୟାନ ଦେଇ ତାର ମନ ଭିତରର ଲାଜକୁଳା ଗୁଣକୁ ପ୍ରଥମତଃ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ। ସେହିପରି ପିଲାମାନଙ୍କୁ ଅନ୍ୟମାନଙ୍କ ସହ କଥାବାର୍ତ୍ତା ହେବା ମିଳାମିଶା କରିବା ସର୍ବୋପରି ନିଜର ସମସ୍ୟା ଜଣାଇବା ଏହିପରି ଗୁଣକୁ ଶିଖାନ୍ତୁ। ମନେରଖନ୍ତୁ ପିଲାମାନଙ୍କୁ କେବେ ସେମାନଙ୍କର ଭାଇଭଉଣୀ ହୁଅନ୍ତୁ ବା ପଡ଼ୋଶୀ କିମ୍ବାର ସେମାନଙ୍କର କ୍ଲାସମେଟ କାହିଁକି କାଳେ ତୁଳନା କରନ୍ତୁ ନାହିଁ। ଏପରିକି ନିଜ ପିଲାଦିନର କୌଣସି ଘଟଣା କହି ପିଲାମାନଙ୍କ ଭିତରେ ତୁଳନାର ଚିତ୍ର ଦିଅନ୍ତୁ ନାହିଁ। ଏହା ଅପେକ୍ଷା ତାକୁ ବେଶ ସ୍ୱାଭାବିକ ଓ ଖୋଲା ହୃଦୟର ଶିଖାନ୍ତୁ। ବନ୍ଧୁ ତିଆରି କରିବା, ନିଜ ସୁଖଦୁଃଖ ବାଣ୍ଟିବା, ସମସ୍ତଙ୍କ ସହିତ ମିଳିମିଶି ସଦଭାବର ସହ ବଞ୍ଚିବା ଏହି କଳା ହିଁ ପିଲାଟିକୁ ଶିକ୍ଷା ଦିଅନ୍ତୁ।

ପିଲାଟିର ବାପା-ମାଆ ସେମାନଙ୍କର ରୋଲ ମଡ଼େଲ ହୁଅନ୍ତୁ। ସବୁବେଳେ ପିଲାମାନଙ୍କ ସାମ୍ନାରେ ନିଜେ ବେଶ ଖୋଲା ଭାବେ ସମୟ ବିତାନ୍ତୁ। ପିଲାଟି ସାମାଜିକ ଭାବେ କାହା ସହିତ ନ ମିଶି ପାରୁଥିଲେ ତାକୁ ମନସ୍ତାତ୍ତ୍ୱିକ ଭାବେ ପ୍ରେରଣା ଦେଇ ତାର ସହପାଠୀ ବା ବନ୍ଧୁ ମାନଙ୍କ ସହ ମିଶିବାର ସୁଯୋଗ ସୃଷ୍ଟି କରନ୍ତୁ। ଅନେକ ବାପା-ମାଆ ନିଜେ ଚୁପ ଚାପ ସ୍ୱଭାବର ହୋଇଥିବାରୁ ପିଲାମାନେ ଜନ୍ମରୁ ପ୍ରାୟତଃ ସେହି ଗୁଣକୁ ଆଦରି ଥାଆନ୍ତି। ତେଣୁ ପିଲାମାନଙ୍କୁ ସମୟ ଦିଅନ୍ତୁ କେବଳ ମୋବାଇଲ, ପଇସା ବା ତାଙ୍କ ଆବଶ୍ୟକତା ଯୋଗାଇ ଦେଲେ ଆପଣ ପିଲାର କେବେ ହେଲେ ବନ୍ଧୁ ହୋଇପାରିବେ ନାହିଁ କାରଣ ଛୋଟ ପିଲାଟି ଭିତରେ ଅନେକ ପ୍ରଶ୍ନ, ଅନେକ ଘଟଣାର ଉତ୍ତର ସେ ଖୋଜିଥାଏ। ଏପରି କ୍ଷେତ୍ରରେ ସେ ଜଣେ ନିଶ୍ଚିନ୍ତ ଓ ସତ ପରାମର୍ଶ ପାଉଥିବା ବନ୍ଧୁଟି ଆବଶ୍ୟକ କରିଥାଏ ଯେଉଁ କାର୍ଯ୍ୟଟି ବା ତାର ପ୍ରଥମ ବନ୍ଧୁ ଭାବେ ତା ମାଆ ବାପା ରହିବେ। ଆଉ ଗୋଟିଏ ବଡ଼ କଥା ମନେରଖନ୍ତୁ, ଅନେକ ସମୟରେ ଶିଶୁ ଅବାଧ ହେଲେ ଆମେ ତାକୁ ବିଭିନ୍ନ ଭୟ ଦେଖାଇଥାଉ, ଏହାଫଳରେ ତା'ଉପରେ ମାନସିକ ଚାପ ପଡ଼ିଥାଏ । ଫଳରେ ଅନେକ ସମୟରେ ଶିଶୁ କୌଣସି କାର୍ଯ୍ୟ କରିବା ପୂର୍ବରୁ ନିଜର ସାହାସ ହରାଇ ବସେ । ସେହିପରି ପିଲା ଭୁଲ୍ କରି ବସିଲେ ଆମେ ତାକୁ ମାଡ଼ ଦେଉ ଓ ଆଉ ଭୁଲ୍ ନକରିବା ପାଇଁ ନିର୍ଦ୍ଦେଶ ଦେଉ । ତାଦ୍ୱାରା ପିଲା ଭୁଲ୍ କରେନି ସତ କିନ୍ତୁ ସେ ଆଉ ଠିକ୍ କରିବା ପାଇଁ ମଧ ଅଗ୍ରସର ହୁଏନାହିଁ ମନରେ ରହିଯାଏ ଭୟ ଆଶଙ୍କା । ଏପରି ନକରି ପିଲାକୁ ନିର୍ଦ୍ଦିଷ୍ଟ ବିଷୟ ଉପରେ ତନ୍ନ ତନ୍ନ କରି ବାରମ୍ବାର ବୁଝାଇବା ଦରକାର । ଶିଶୁର ମନ ଚଳଚଞ୍ଚଳ ସେ ଯାହା କରି ବସେ ତାହା ଭୁଲ କି ଠିକ୍ ସେ ଚିନ୍ତା କରିନଥାଏ । ଅନୁକରଣ ପ୍ରୀୟ ହୋଇଥିବାରୁ ଯାହା ସମାଜରୁ ଗ୍ରହଣ କରେ ତାହା ନିଜପାରୁ ପର୍ଯ୍ୟନ୍ତ ସେ କରିବାକୁ ସକ୍ଷମ ହୋଇଥାଏ । ପରିବେଶର ପ୍ରଭାବ ତା ଉପରେ ଚାପ ସ୍ୱରୂପ ଲଦି ହୋଇପଡ଼େ । ଆପଣ କେବେ ଭୁଲିଯାଆନ୍ତୁ ନାହିଁ ପିଲାଟି ହେଉଛି ଆପଣଙ୍କର ପ୍ରତୀକ। ଆପଣଙ୍କର ଶାରୀରିକ ଓ ମାନସିକ ପ୍ରତିଫଳନର ସେ ଚିତ୍ର। ତେଣୁ ପିଲାଟି ଦିନରୁ ହିଁ ତାକୁ ସତ୍ ଶିକ୍ଷା ଓ ସତ୍ ପରାମର୍ଶ ଦେବା ସହ ଉତ୍ତମ ଜୀବନ ଗଢ଼ିବା ନିଜ ପଡ଼ୋଶୀ, ସମାଜ ଓ ରାଷ୍ଟ୍ର ପାଇଁ ନିଜ ଉତ୍ତମ ସେବା ମନୋଭାବ ସୃଷ୍ଟି କରାଇବାର ପ୍ରାଥମିକ ଦାୟିତ୍ୱ ବାପା ମାଆଙ୍କର। ବାପାମାଆ ମାନେ ନିଜେ ଆଗେ ସଦଗୁଣର ଅନୁଶୀଳ କରି ପିଲାମାନଙ୍କୁ ସେହି ରାସ୍ତାରେ ଆଗେଇ ନେଲେ ପିଲାମାନେ ଉତ୍ତମ ବନ୍ଧୁ ପାଇପାରିବେ ଆଉ ଉତ୍ତମ ଜୀବନ ସେମାନଙ୍କ ଜୀବନ ଅଭିବୃଦ୍ଧି ବିକାଶର ଆଲୋକବର୍ତ୍ତିକା ସାଜିବ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪

# ଜ୍ୟେଷ୍ଠ ପୁତ୍ର ଓ ପୃଥିବୀ ମାଆ

॥ ଅଜୟ କୁମାର ବେହେରା ॥

ବସୁମତୀ, ଅନେକ ମାଆଙ୍କ ଭିତରୁ ଜଣେ ଦେବୀ ମାଆ। ପୃଥିବୀ ମାଆ ହିଁ ବସୁମତୀ ମାଆ। ତାଙ୍କର ପ୍ରଥମ ସନ୍ତାନ ହେଉଛି ସାଗର। ଯେ ମହାଦାମ୍ଭିମ ଓ ଗର୍ବୀ। ପୁଣି ତାଙ୍କ ଠାରୁ କେହି କ୍ଷେତ୍ରବଳୀ ନାହାଁନ୍ତି। କ୍ଷେତ୍ରର ଅଧିଶ୍ୱରମାନେ ଜମିଦାର ଏଥିରେ ସବୁଠାରୁ ବଡ଼ ଜମିଦାରୀରେ ସାଗର, ସପ୍ତସମୁଦ୍ରଙ୍କର ନାମ ରହିଛି। ରସାତଳ କୁହନ୍ତୁ ପାତାଳ କୁହନ୍ତୁ ଆଉ ପୃଥିବୀର ସର୍ବତ୍ର ନିଶ୍ଚେ ଭୂମି ଅଛି। ପାତାଳ ମାନେ ନିମ୍ନ ସ୍ଥାନ ପାଦତଳ, ରସାତଳ ମାନେ ରସର ତଳ ଏଠାରେ ଜଳକୁ ଆଧାର କରିଥିବା ମାଟି। ସମୁଦ୍ର ପତନ କହିଲେ ସମୁଦ୍ରର ଜଳ ଶୂନ୍ୟସ୍ଥାନରୁ ଉପରରୁ ଉପରୁ ଉଠିଥିବା ସ୍ଥାନ।

ଏହି ସମୁଦ୍ର ସାଗର ମହାରୁ ଉପ ପର୍ଯ୍ୟନ୍ତତ ଅନେକ ନାମକରଣ ହେଲେ ମୋଟ ଧରିଲେ ସାଗର। ଏଇ ସାଗର ପୃଥି ମାତାଙ୍କର ପ୍ରଥମ ସନ୍ତାନ। ପୃଥିମାତାଙ୍କର ବ୍ୟାପକ ଭୂ ସମ୍ପତ୍ତି ଗର୍ଭରେ ଅନେକ ମୂଲ୍ୟବାନ ଖଣିଜ ପଦାର୍ଥ, ଗ୍ୟାସ ରହିଛି। ସବୁ ମାଆଙ୍କ ପରି ପୃଥି ମାଆ ତାଙ୍କ ପିଲାଙ୍କ ପାଇଁ ମାଟିତଳେ ପିଲାଙ୍କ ଭବିଷ୍ୟତ ପାଇଁ ଦ୍ରବ୍ୟ ରଖିଛନ୍ତି। ହେଲେ ଏସବୁ ଗୋପନ ଧନକୁ ଜୁଲମ କରି ଭୟଦେଖାଇ ଛଡ଼ାଇ ନେଇଛନ୍ତି ସାଗର। କୁହାଯାଏ ତିନିଭାଗ ଜଳ ଏକ ଭାଗ ମାଟି ପୃଥିବୀରେ ରହିଛି। ମାଆ ବସୁମତୀ ସନ୍ତାପରେ ସମୟ କାଟୁଛନ୍ତି। ସାଗରରେ ତୋର ପର ଭାଇଭଉଣୀଙ୍କ ପାଇଁ ମୁଁ କଣ ସମ୍ପତ୍ତି ଦେବୀ ତୁ ଏତେ ନେ ନା। ହେଲେ ସାଗରଙ୍କର ଜିଦ ଦାବୀରେ ଆହୁରି ନେବେ, ସମୁଦ୍ରଙ୍କୁ ଅର୍ଥ ତୃଷ୍ଣା ଛାଡୁନାହିଁ।

ମାଆଙ୍କର ମନ କଥାରୁ ଅନୁମାନ କରି ସାଗର କହୁଛନ୍ତି ମାଆ ମୁଁ ଅମର ହେଲେ ପରେ ପରେ ଯେ ଜନ୍ମ ସେମାନେ ମର। ସେମାନେ କଣ ପରମାୟୁ ମୋରି ପରି ପାଇଛନ୍ତି କି? କି ପାଇବେ କି? ସେମାନେ ବଂଶ ବୃଦ୍ଧି କଲେ ବି ସେ ବଂଶ ବି ସମୟୋନୁସାରେ କ୍ଷୟ ହେବ ହେଲେ ମୁଁ ଅକ୍ଷୟ। ମୁଁ ତୋ ଥିବା ଯାଏ ତୋର ସେବା କରିବି ସେମାନେ ଏପରି ଭରଷାଶୀଳ ନୁହଁ। ସନ୍ତାନ ମାୟା ସବୁ ସ୍ତ୍ରୀଲୋକଙ୍କର ଅଛି। ଏଥିରୁ ଆଦି ମାତାଙ୍କର କେମିତି ନରହିବ? ଦେବୀ ମାଆ ଜ୍ୟେଷ୍ଠପୁତ୍ର ଦ୍ୱାରା ସଦା ଚାପରେ ତପରେ ସାଗର ସର୍ବଦା ତଟରେ ଭୟଙ୍କର ଭାବରେ ପିଟି ହୋଇ ମାଟିକୁ ତା ଆଡ଼କୁ ଭିଡ଼ି ନେଉଛି। ଦେବୀ ମାଆଙ୍କର କ୍ରନ୍ଦନ ନିତ୍ୟ ଠାକୁରେ ଶୁଣ ଶୁଣ ଏହାର ପ୍ରତିକାର କର। ଭଗବାନ ଶୁଣିଲେ ସାଗର ତ୍ରାସ ଜନ୍ମ ନେଲେ। ତାଙ୍କ ନାମ ଅଗସ୍ତ୍ୟ। ଲୋକେ ତାଙ୍କୁ ଅଗସ୍ତୀ କହୁଛନ୍ତି। ଦିବ୍ୟ ବ୍ରାହ୍ମଣ ମହାତେଜସ୍ୱୀ ସ୍ଥିରଚେତ ଦୃଢ଼ ଧୈର୍ଯ୍ୟର ସେ ଜୀବନ୍ତ ରୂପ। ସେ ଏପରି ସାଧନ ବ୍ରତୀ ହେଲେ ସମୁଦ୍ର ଜଳକୁ ମନ୍ତ୍ରପୁତ କରି ଗୁଣ୍ଡୁଷେ ଜଳରେ ନିଶେଷ କରିଦେଲେ।

ଏବେ ସାଗର ଜାଣିଲେ ନରଙ୍କ ମଧ୍ୟରେ ବି ଏମିତି ବ୍ୟକ୍ତି ଆସିଲେ ଯେ ଅମାପ ଜଳକୁ ନିଶେଷ କରିଦେଲେ। ଏଇ ସାଗର ପ୍ରତ୍ୟକ୍ଷରେ ନହେଲେ ବି ପରୋକ୍ଷରେ ବର୍ଷାର କାରଣ ସାଗରରେ ଜଳ ନରହିଲେ ଜୀବଜଗତ ବୃକ୍ଷଲତା କେହି ବଞ୍ଚି ପାରିବେ ନାହିଁ। ଏପାଇଁ ଅଗସ୍ତୀ ଦେବ ଋଷ ଅନୁରୋଧରେ ସାଗରଙ୍କୁ ମୁଖରୁ ପୁଣି କାଢ଼ିଦେଲେ। ଏ ସାଗର ଜଳ ବ୍ରାହ୍ମଣ ଅଇଣ୍ଠା ଏ ତୀର୍ଥଜଳରେ ଆସେ ମାତ୍ର ଗଙ୍ଗା ଯମୁନା ଗୋମତୀ ନର୍ମଦା ଜଳ ପରି ପବିତ୍ର ନୁହଁନ୍ତି। ପୃଥିମାତାଙ୍କ ଆଶ୍ୱାସନା ମିଳିଲା ଯେ ସାଗରକୁ ତ୍ରାସ ଏମିତି ବି ତାଙ୍କର ପିଲା ଜଣେ ଜନ୍ମ ନେଇଛି। ସାଗରଙ୍କ ଡର ହେଲା ସେ ତାଙ୍କର ସ୍ଥିତି ପରିସୀମା ବୁଝିଗଲେ। ସେ ବି ବଡ଼ଭାଇ ନାମ ମଣିଷଙ୍କ ପାଇଁ କରିଚାଲିଛନ୍ତି। ସାଗର ନଥିଲେ ଅନେକ ଅସୁବିଧା ସଂସାରରେ ହୁଅନ୍ତା। ମାଆ ଖୁସି ତାଙ୍କର ପୁଅମାନେ ଏମିତି ହେବେ ଏକଥା ସେ ସଦା ସେ ବ ଚାଲିଲେ। ସାଗରରେ ତରୀ ଗଲାଣି, ପୋତ, ଜାହାଜ କେତେ କଣ? ସାଗର ବଡ଼ଭାଇ କମାରେ ବି ଅଛନ୍ତି।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

## ଅତ୍ରି ଅନୁଦାନକୁ ନେଇ ବେଗୁନିଆରେ ଦୁଇ ବିଧାୟକ ମୁହାଁମୁହିଁ

ବେଗୁନିଆ, (ମହାଭାରତ) : ଅତ୍ରିର ଗରମ ପାଣିଠାରୁ ଅଧିକ ତାତିଛି ରାଜ୍ୟପାଳଙ୍କ ଅତ୍ରି ଗସ୍ତ ସମୟରେ ଗତ କାଲିର ରାଜନୀତି ! ଐତିହାସିକ ଅତ୍ରି ଉଷ୍ଣପ୍ରସ୍ରବଣର ବିକାଶକୁ ନେଇ ଏବେ ଦୁଇ ବିଧାୟକ ମୁହାଁମୁହିଁ। ଅନୁଦାନ କେତେ ? କିଏ ଆଣିଲା ? କାହା ଅଧିକାର ? କେଉଁଠି ଖର୍ଚ୍ଚ ହେଲା ? —ଏହି ପ୍ରଶ୍ନକୁ ନେଇ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଓ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କ ମଧ୍ୟରେ ମତଭେଦ ସାମ୍ନାକୁ ଆସିଥିବା ବେଳେ ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ରାଜ୍ୟପାଳଙ୍କ ଅତ୍ରି ଗସ୍ତ ସମୟରେ ଏହି ଘଟଣାକୁ ନେଇ ରାଜନୈତିକ ଚର୍ଚ୍ଚା ତୀବ୍ର ହୋଇଛି। ରାଜ୍ୟପାଳଙ୍କ ଗସ୍ତ ପାଇଁ ବେଗୁନିଆ ବିଧାୟକ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଥିବା ବେଳେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଅତ୍ରିର ବିକାଶ ପାଇଁ ୪୦ କୋଟି ଟଙ୍କା ଅନୁଦାନ ଆସିଥିବା ନେଇ ଦାବି କରିଥିବା ବେଳେ ଏହି ଦାବିକୁ ନେଇ ପ୍ରଦୀପ ସାହୁ ପ୍ରଶ୍ନ ଉଠାଇଥିବା ଜଣାପଡ଼ିଛି। ପୂର୍ବରୁ ଅତ୍ରି ବିକାଶ



ପାଇଁ ମଞ୍ଜୁର ହୋଇଥିବା ଅର୍ଥର ସମ୍ପୂର୍ଣ୍ଣ ବିନିଯୋଗ ହୋଇନଥିବା ବେଳେ ନୂଆ ଅନୁଦାନ ଆସିଥିବା ଦାବିର ଆଧାର କ'ଣ ବୋଲି ବିଧାୟକ ପ୍ରଦୀପ ସାହୁ ପ୍ରଶ୍ନ କରିଥିବା ଚର୍ଚ୍ଚା ହେଉଛି। ଅତ୍ରି ବିକାଶ ପାଇଁ ପୂର୍ବରୁ କେତେ ଟଙ୍କା ମଞ୍ଜୁର ହୋଇଥିଲା ? ସେଥିରୁ କେତେ ଟଙ୍କା ଖର୍ଚ୍ଚ ହୋଇଛି ? କେଉଁ କାମରେ ଖର୍ଚ୍ଚ ହୋଇଛି ? କେତେ କାମ ସରିଛି ? ଆଉ କେତେ କାମ ବାକି ରହିଛି ?—ପ୍ରଥମେ ପୁରୁଣା ଟଙ୍କାର ହିସାବ, ପରେ ନୂଆ ଦାବି ଉପରେ ଆଲୋଚନା କରିବ ବୋଲି ପ୍ରଦୀପ ପ୍ରଶାନ୍ତ ଙ୍କୁ ଯୁକ୍ତି ବାଢ଼ିଥିଲେ । ପ୍ରଶ୍ନଟି ଏବେ କେବଳ ଦୁଇ ନେତାଙ୍କ ମଧ୍ୟରେ ମତଭେଦରେ ସୀମିତ ହୋଇ ରହିନାହିଁ। ଅତ୍ରି ପାଇଁ ସରକାରୀ ଅର୍ଥ ଆସୁଥିଲେ ତାହାର ମଞ୍ଜୁରି, ଅର୍ଥ ମୁକ୍ତି ଓ ବ୍ୟୟର ସ୍ୱଷ୍ଟ ତଥ୍ୟ ସାର୍ବଜନୀନ ହେବା ଦାବି ମଧ୍ୟ ସାଧାରଣରେ ଜୋର ଧରିଛି। ଅତ୍ରି କେବଳ ରାଜନୈତିକ କୃତିତ୍ୱର ପ୍ରସଙ୍ଗ ନୁହେଁ। ଏହା ଖୋର୍ଦ୍ଧା ଜିଲ୍ଲାର ଏକ ପରିଚିତ ପର୍ଯ୍ୟଟନସ୍ଥଳୀ। ଏଠାରେ ଭିତ୍ତିଭୂମିର ବିକାଶ ହେଲେ ତାହାର ଲାଭ ପର୍ଯ୍ୟଟକ, ସ୍ଥାନୀୟ ବ୍ୟବସାୟୀ ଓ ଅଞ୍ଚଳବାସୀ ପାଇବେ। ତେଣୁ ବିକାଶ କାମର କ୍ରେଡିଟ୍ କିଏ ନେବ, ତାହାଠାରୁ ବଡ଼ ପ୍ରଶ୍ନ ? ବେଗୁନିଆରେ ପୂର୍ବରୁ ମଧ ଉଭୟ ବିଧାୟକଙ୍କ ଉପସ୍ଥିତିରେ ବିକାଶ ପ୍ରକଳ୍ପର ଶିଳାନ୍ୟାସ ହୋଇଥିବା ରିପୋର୍ଟ ପ୍ରକାଶିତ ହୋଇଛି; ତେଣୁ ଉଭୟଙ୍କ ମଧ୍ୟରେ ଅଞ୍ଚଳୀୟ ବିକାଶକୁ ନେଇ ସମନ୍ୱୟ ଓ ରାଜନୈତିକ ଦାବିର ପ୍ରସଙ୍ଗ ନୂଆ ନୁହେଁ। ଅନୁଦାନ ପ୍ରସଙ୍ଗରେ କଥା କଟାକଟି ମଧ୍ୟରେ ପ୍ରଶାନ୍ତ ଜଗଦେବ ପ୍ରଦୀପ ସାହୁଙ୍କୁ ଲକ୍ଷ୍ୟ କରି "ମା'କୁ କହିବ ମାମୁଁ ଘର କଥା" ବୋଲି ମନ୍ତବ୍ୟ ଦେଇଥିବା ଦାବି କରାଯାଇଛି।

ଏହି ମନ୍ତବ୍ୟକୁ ନେଇ ମଧ ରାଜନୈତିକ ମହଲରେ ମଧ ଚର୍ଚ୍ଚା ଆରମ୍ଭ ହୋଇଛି। ପ୍ରଦୀପ ସାହୁଙ୍କ ସମର୍ଥକମାନଙ୍କ କହିବା ଅନୁଯାୟୀ, ଏହା ବ୍ୟକ୍ତିଗତ ବିବାଦ ନୁହେଁ; ବରଂ ଅତ୍ରି ବିକାଶ ପାଇଁ ମଞ୍ଜୁର ହୋଇଥିବା ଅର୍ଥର ସଠିକ୍ ବ୍ୟବହାର ଓ କାମର ଅଗ୍ରଗତି ସମ୍ପର୍କରେ ସ୍ୱଷ୍ଟତା ଦାବି ନେଇ ବେଗୁନିଆ ବିଧାୟକଙ୍କ ପ୍ରଶ୍ନ । ଅନ୍ୟପକ୍ଷରେ, ୪୦ କୋଟି ଟଙ୍କା ଅନୁଦାନ ସମ୍ପର୍କିତ ଦାବିର ସରକାରୀ ଆଧାର ସାମ୍ନାକୁ ଆସିଲେ ହିଁ ଏହି ଦାବିର ପ୍ରକୃତ ସ୍ଥିତି ସ୍ୱଷ୍ଟ ହୋଇପାରିବ। ତେବେ ମନ୍ତବ୍ୟଟିର ପୂର୍ଣ୍ଣ ପରିପ୍ରେକ୍ଷ୍ୟ ଓ ପ୍ରାମାଣିକତା ସ୍ୱଷ୍ଟ ହେବା ଆବଶ୍ୟକତା ରହିଛି । ତେବେ ଏହି ରାଜନୈତିକ ବୟାନ, ପ୍ରତିବୟାନ ଓ କଥା କଟାକଟି ଯେତେ ବଢୁଛି, ସେତେ ଅଧିକ ଜରୁରୀ ହେଉଛି ସରକାରୀ ଦଲିଲ। ସତରେ କଣ ୪୦ କୋଟି ଟଙ୍କା ପ୍ରକୃତରେ ମଞ୍ଜୁର ହୋଇଛି ? ଯଦି ମଞ୍ଜୁର ହୋଇଛି, ତେବେ ମଞ୍ଜୁରି ଆଦେଶ କେଉଁଠି ? କେଉଁ ବିଭାଗ ଅର୍ଥ ମଞ୍ଜୁର କରିଛି ? ଅର୍ଥ କେବେ ମୁକ୍ତି ପାଇଛି ? କେଉଁ କାର୍ଯ୍ୟ ପାଇଁ ଅର୍ଥ ରହିଛି ?କାର୍ଯ୍ୟକାରୀ ସଂସ୍ଥା କିଏ ? ଟେଣ୍ଡର ହୋଇଛି କି ? କାମ ଆରମ୍ଭ ହୋଇଛି କି ନାହିଁ ଏବଂ ଏପର୍ଯ୍ୟନ୍ତ କେତେ ଟଙ୍କା ବିନିଯୋଗ ହୋଇଛି ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ସରକାରୀ ଦଲିଲ ହିଁ ଦେଇପାରିବ। ଅତ୍ରି ପାଇଁ ପ୍ରକୃତରେ କେତେ ଅର୍ଥ ମଞ୍ଜୁର ହୋଇଛି, କେତେ ଅର୍ଥ ମୁକ୍ତି ପାଇଛି, କେତେ ଖର୍ଚ୍ଚ ହୋଇଛି ଏବଂ ବର୍ତ୍ତମାନ କେଉଁ କାର୍ଯ୍ୟ ଚାଲିଛି— ଏହାର ସମ୍ପୂର୍ଣ୍ଣ ତଥ୍ୟ ସରକାରୀ ଭାବେ ପ୍ରକାଶ ପାଇଲେ ହିଁ ବିବାଦର ଚିତ୍ର ସ୍ୱଷ୍ଟ ହେବ। ଏବେ ଦେଖିବାର କଥା, ଅତ୍ରିକୁ ନେଇ ଚାଲିଥିବା ଏହି ଦାବି-ପ୍ରତିଦାବି ମଧ୍ୟରେ ସରକାରୀ ହିସାବ କେବେ ସାମ୍ନାକୁ ଆସୁଛି ।

## ଚରିତ୍ର ଗଠନ, ଦାୟିତ୍ୱବୋଧ ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ: ରାଜ୍ୟପାଳ




ଖୋର୍ଦ୍ଧା :(ମହାଭାରତ) ଖୋର୍ଦ୍ଧାସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲର ୧୨୫ତମ ବାର୍ଷିକ ସମାରୋହରେ ଯୋଗଦେଇ ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପତି ଶିକ୍ଷା କେବଳ ଜୀବିକା ନିର୍ବାହ ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରିବାର ମାଧ୍ୟମ ନୁହେଁ; ବରଂ ଏହା ଚରିତ୍ର ଗଠନ, ଦାୟିତ୍ୱବୋଧ, ନୈତିକ ମୂଲ୍ୟବୋଧ ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନର ମୂଳଦୁଆ ବୋଲି କହିଛନ୍ତି। ଏହା ସହିତ ସେ ବିଦ୍ୟାଳୟର ଦୀର୍ଘ ୧୨୫ ବର୍ଷର ଶିକ୍ଷା, ଶୃଙ୍ଖଳା, ଚରିତ୍ର ଗଠନ ଓ ସେବାର ପରମ୍ପରାକୁ ସ୍ମରଣ କରିବା ସହ ଅନୁଷ୍ଠାନର ଗୌରବମୟ ଐତିହ୍ୟକୁ ପ୍ରଶଂସା କରିଥିଲେ ଏବଂ ୧୨୫ତମ ବାର୍ଷିକ ଉତ୍ସବ କେବଳ ଏକ ସାଧାରଣ ବିଦ୍ୟାଳୟ କାର୍ଯ୍ୟକ୍ରମ ନୁହେଁ। ଏହା ଦୀର୍ଘ ଦେଢ଼ ଶତାବ୍ଦୀର ନୁହେଁ, ବରଂ ୧୨୫ ବର୍ଷର ଏକ ଐତିହାସିକ ଯାତ୍ରାକୁ ପଛକୁ ଫେରି ଦେଖିବାର ଏହା ଏକ ଅବସର । ଏହି ଯାତ୍ରାରେ ଅସଂଖ୍ୟ ଶିକ୍ଷକ, ଛାତ୍ରଛାତ୍ରୀ, କର୍ମଚାରୀ, ଅଭିଭାବକ ଓ ପୁରାତନ ଛାତ୍ରଛାତ୍ରୀଙ୍କ ଅବଦାନ ରହିଛି। ଏହି ଐତିହାସିକ ଶିକ୍ଷାନୁଷ୍ଠାନ ପିଢ଼ି ପରେ ପିଢ଼ି ଛାତ୍ରଛାତ୍ରୀଙ୍କୁ ଶିକ୍ଷିତ ଓ ସୁନାଗରିକ ଭାବେ ଗଢ଼ି ତୋଳିବା ସହ ଓଡ଼ିଶାର ବୌଦ୍ଧିକ ଓ ସାମାଜିକ ବିକାଶରେ ନିଜର ଅବଦାନ ରଖିଆସିଛି ବୋଲି ସେ କହିଥିଲେ।ବିଦ୍ୟାଳୟର ନାମ ଓ ଏହାର ଅବସ୍ଥିତିର ଐତିହାସିକ ଗୁରୁତ୍ୱ ଉପରେ ଆଲୋକପାତ କରି ରାଜ୍ୟପାଳ ବକ୍ସି ଜଗବନ୍ଧୁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ୧୮୧୭ର ପାଇକ ବିଦ୍ରୋହରେ ବକ୍ସି ଜଗବନ୍ଧୁଙ୍କ ସାହସ ଓ ତ୍ୟାଗକୁ ସ୍ମରଣ କରିବା ସହିତ ଓଡ଼ିଶା ଇତିହାସରେ ଖୋର୍ଦ୍ଧାର ଏକ ସ୍ୱତନ୍ତ୍ର ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି ବୋଲି ସେ ଉଲ୍ଲେଖ କରିଥିଲେ। ବକ୍ସିଙ୍କ ସାହସ, ତ୍ୟାଗ ଓ ଅନ୍ୟାୟ ବିରୋଧରେ ସଂଗ୍ରାମର ଚେତନା ଆଜି ମଧ୍ୟ ଯୁବପିଢ଼ିକୁ ପ୍ରେରଣା ଦେଇଆସୁଛି ବୋଲି ରାଜ୍ୟପାଳ କହିଥିଲେ। ଐତିହ୍ୟକୁ କେବଳ ସ୍ମରଣ ନକରି ଏହାର ମୂଲ୍ୟବୋଧକୁ ନୂଆ ପିଢ଼ି ନିଜ ଜୀବନରେ ଗ୍ରହଣ କରିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ସେହିପରି ବିଦ୍ୟାଳୟର ପ୍ରକୃତ ଐତିହ୍ୟ କେବଳ ଏହାର କୋଠା, ଭିତ୍ତିଭୂମି କିମ୍ବା ବିଭିନ୍ନ ଉପଲବ୍ଧିରେ ସୀମିତ ନୁହେଁ। ବରଂ ବିଦ୍ୟାଳୟ ଯେଉଁ ଜୀବନଗୁଡ଼ିକୁ ଗଢ଼ି ତୋଳେ, ସେହି ଜୀବନରେ ଏହାର ପ୍ରକୃତ ଐତିହ୍ୟ ପ୍ରତିଫଳିତ ହୁଏ। ପିଢ଼ି ପରେ ପିଢ଼ି ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ମନରେ ଶୃଙ୍ଖଳା, ଆତ୍ମବିଶ୍ୱାସ, ସଚ୍ଚୋଟତା, ଦୃଢ଼ତା, ସହାନୁଭୂତି, ସାହସ ଓ ଦାୟିତ୍ୱବୋଧର ବିକାଶ କରିଆସିଛନ୍ତି। ଏହି ମୂଲ୍ୟବୋଧ ହିଁ ଜଣେ ଛାତ୍ରଙ୍କୁ ଭବିଷ୍ୟତରେ ଜଣେ ଦାୟିତ୍ୱବାନ ନାଗରିକ ଭାବେ ଗଢ଼ି ତୋଳେ ବୋଲି ସେ କହିଥିବା ବେଳେ ଛାତ୍ରଛାତ୍ରୀମାନେ ସାହସର ସହ ସ୍ୱପ୍ନ ଦେଖିବା, ସଚ୍ଚୋଟ ଭାବେ ପରିଶ୍ରମ କରିବା ଏବଂ ଶିକ୍ଷକ ଓ ଅଭିଭାବକଙ୍କୁ ସମ୍ମାନ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ଏକ ରାଷ୍ଟ୍ରର ଶକ୍ତି ତାହାର ଯୁବପିଢ଼ିର ଚରିତ୍ର ଓ ଦାୟିତ୍ୱବୋଧ ଉପରେ ନିର୍ଭର କରେ ବୋଲି ସେ କହିଥିଲେ। ସମୟ ସହିତ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆସିବା ଆବଶ୍ୟକ। ତେବେ ଶିକ୍ଷାର ମୂଳ ମୂଲ୍ୟବୋଧ ସହ ଏହି ପରିବର୍ତ୍ତନ ଜଡ଼ିତ ରହିବା ଉଚିତ ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଥିଲେ। ଏହା ବ୍ୟତୀତ ଜାତୀୟ ଶିକ୍ଷା ନୀତି-୨୦୨୦ର ବିଭିନ୍ନ ଦିଗ ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ସାମଗ୍ରିକ ଓ ଅନୁଭୂତିଭିତ୍ତିକ ଶିକ୍ଷା, ସୂକ୍ଷ୍ମ ଚିନ୍ତନ, ବୃତ୍ତିଗତ ଶିକ୍ଷା, ଡିଜିଟାଲ ସାକ୍ଷରତା, ଭାରତୀୟ ଜ୍ଞାନ ପରମ୍ପରା, କଳା, କ୍ରୀଡ଼ା ଓ ଜୀବନ କୌଶଳ ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି। ମୁଖସ୍ଥ ଶିକ୍ଷାରୁ ଜିଜ୍ଞାସା, ସୃଜନଶୀଳତା, ଦକ୍ଷତା ଓ ଚରିତ୍ର ଗଠନ ଦିଗକୁ ଶିକ୍ଷା ବ୍ୟବସ୍ଥାର ଏହି ପରିବର୍ତ୍ତନ ବିଦ୍ୟାଳୟର ଘଉଡ଼, ସ୍କାଉଟ୍ସ, କ୍ରୀଡ଼ା ଓ ନୈତିକ ଶିକ୍ଷା ଉପରେ ଥିବା ଗୁରୁତ୍ୱ ସହ ସମନ୍ୱିତ ବୋଲି ସେ କହିଥିଲେ। ଏହା ସହିତ ସମାରୋହ ପୂର୍ବରୁ ରାଜ୍ୟପାଳ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ବାର୍ତ୍ତାଳାପ କରିଥିଲେ ଏବଂ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ପ୍ରଦର୍ଶନୀ ଓ ବିଦ୍ୟାଳୟ ପରିସରରେ ସ୍ଥାପିତ ୭୦ଫୁଟ ଉଚ୍ଚତା ବିଶିଷ୍ଟ ଏକ ଜାତୀୟ ପତାକା ସ୍ତମ୍ଭର ଉଦ୍ ?ଘାଟନ କରିଥିଲେ। ସେହିପରି ୧୨୫ ବର୍ଷର ଐତିହ୍ୟକୁ ସାଙ୍ଗରେ ନେଇ ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ ଆଗାମୀ ଦିନରେ ମଧ୍ୟ ଶିକ୍ଷା, ଚରିତ୍ର ଗଠନ ଓ ସାମାଜିକ ଦାୟିତ୍ୱବୋଧର କ୍ଷେତ୍ରରେ ନିଜର ଭୂମିକା ଜାରି ରଖିବ ବୋଲି ରାଜ୍ୟପାଳ ଆଶା ପ୍ରକାଶ କରିଥିଲେ। ଏହି ଐତିହାସିକ ସମାରୋହରେ ବିଦ୍ୟାଳୟର ଚାରିଜଣ ବିଶିଷ୍ଟ ପୁରାତନ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଦ୍ୟାଳୟର ପତ୍ରିକା 'ଅବକାଶ-୧୨୫' ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଖୋର୍ଦ୍ଧା ବିଧାୟକ ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ, ସମ୍ବାଦ ଗ୍ରୁପର ପ୍ରତିଷ୍ଠାତା ତଥା ପୂର୍ବତନ ସାଂସଦ ଶ୍ରୀ ସୌମ୍ୟରଞ୍ଜନ ପଟ୍ଟନାୟକ, ମେଜର ଜେନେରାଲ (ଅବସରପ୍ରାପ୍ତ) ଅସୀମ କୋହଲି ଏବଂ ଆୟୋଜକ ସମ୍ପାଦକ ତଥା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପ୍ରିୟଦର୍ଶନୀ ପଣ୍ଡା ବକ୍ତବ୍ୟ ପ୍ରଦାନ କରିଥିଲେ। ଆଲୁମନି ଆସୋସିଏସନର ମୁଖ୍ୟ ସଂଯୋଜକ ଶ୍ରୀ ବି.କେ. ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉତ୍ସବ କମିଟିର ସଭାପତି ପ୍ରଫେସର (ଡ.) ନାରାୟଣ ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଆଳି ବିଧାୟକଙ୍କ ବିଭିନ୍ନ ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପ ପରିଦର୍ଶନ, ଦୂର ହେବ ଜଳ କଷ୍ଟ



ନିଆଳୀ ( ମହାଭାରତ ) : ଜଳ ଜୀବନ ମିଶନ ଓ ବସୁଧା ଯୋଜନା ଅଧୀନରେ କାର୍ଯ୍ୟକାରୀ ହୋଇଥିବା ଗ୍ରାମ୍ୟ ପାଇପ୍ ? ଜଳଯୋଗାଣ ପ୍ରକଳ୍ପଗୁଡ଼ିକ ଦ୍ୱାରା ଜନସାଧାରଣ ବାସ୍ତବରେ କେତେ ଉପକୃତ ହେଉଛନ୍ତି, ତାହାର କ୍ଷେତ୍ରସ୍ତରୀୟ ଯାଞ୍ଚ ଓ ମୂଲ୍ୟାୟନ ପାଇଁ ମାନ୍ୟବର ନିଆଳି ବିଧାୟକ ଇଂ. ଛବି ମଲ୍ଲିକ ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଜଳଯୋଗାଣ ପ୍ରକଳ୍ପ ପରିଦର୍ଶନ କରିଥିବା ଦେଖିବାକୁ ମିଳିଛି । ଏହି ପରିଦର୍ଶନ ସମୟରେ ଜିଲ୍ଲାସ୍ତରୀୟ ଅଧିକାରୀ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଅଧିକାରୀ ଓ କ୍ଷେତ୍ର କର୍ମଚାରୀ, ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ, ପଞ୍ଚାୟତିରାଜ ପ୍ରତିନିଧି ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ । ମାନ୍ୟବର ବିଧାୟକ ବିଭିନ୍ନ ଗ୍ରାମରେ ଘରୋଇ ନଳ ସଂଯୋଗ, ପାନୀୟଜଳ ଯୋଗାଣର ନିୟମିତତା, ପର୍ଯ୍ୟାପ୍ତତା ଓ ଗୁଣବତ୍ତା, ଜଳ ଉତ୍ସ, ପମ୍ପ ହାଉସ, ପାଇପ୍ ?ଲାଇନ୍ ?, ଉଚ୍ଚ ଜଳଭଣ୍ଡାର ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାର କାର୍ଯ୍ୟକ୍ଷମତା ଅନୁଧ୍ୟାନ କରିଥିଲେ। ସେ ସ୍ଥାନୀୟ ଲୋକଙ୍କ ସହ ସିଧାସଳଖ ଆଲୋଚନା କରି ଜଳଯୋଗାଣ ସେବା ସମ୍ପର୍କରେ ସେମାନଙ୍କ ମତାମତ, ସୁବିଧା ଓ ସମସ୍ୟା ବୁଝିଥିଲେ । ପରିଦର୍ଶନ ସମୟରେ ଦୃଷ୍ଟିଗୋଚର ହୋଇଥିବା ଅଭାବ ଓ ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ କରି ପ୍ରତ୍ୟେକ ପରିବାରକୁ ନିୟମିତ, ପର୍ଯ୍ୟାପ୍ତ ଏବଂ ନିରାପଦ ପାନୀୟଜଳ ଯୋଗାଇଦେବାକୁ ସମ୍ପୃକ୍ତ ଜଡଝଡଝ ଅଧିକାରୀ ଓ କର୍ମଚାରୀମାନଙ୍କୁ ମାନ୍ୟବର ବିଧାୟକ ପରାମର୍ଶ ଦେଇଥିଲେ । ସମସ୍ତ ଯୋଗ୍ୟ ଗ୍ରାମରେ ଶତପ୍ରତିଶତ ଘରୋଇ ନଳ ସଂଯୋଗ, ନିୟମିତ ଜଳଯୋଗାଣ, ଘରସ୍ତରୀୟ ଯାଞ୍ଚ ଏବଂ ଗ୍ରାମସଭାର ଅନୁମୋଦନ ସୁନିଶ୍ଚିତ କରିବା ପରେ ସମଗ୍ର ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀର ଅନ୍ତର୍ଗତ ଅଞ୍ଚଳଗୁଡ଼ିକୁ "ହର ଘର ଜଳ" ଘୋଷଣା କରିବା ଦିଗରେ ଏହି ପରିଦର୍ଶନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତିମୂଳକ ପଦକ୍ଷେପ। ବିଧାୟକ ଛବି ମଲ୍ଲିକଙ୍କ ଏହି ପରିଦର୍ଶନ ସମୟରେ ଅଧିକ୍ଷଣ ଯନ୍ତ୍ରୀ ଗୌପ୍ୟ ରଞ୍ଜନ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ବାରିକ, ସହକାରୀ ଯନ୍ତ୍ରୀ ରଶ୍ମିତା ବରାଳ, ସୁଜୟ କୁମାର ରଣା, କନିଷ୍ଠ ଯନ୍ତ୍ରୀ ସୌମ୍ୟ ରଞ୍ଜନ ରାଉତରାୟ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା । ତେବେ ଆଗାମୀ ଦିନରେ ନିଆଳୀର ବିଭିନ୍ନ ଗ୍ରାମରେ ଲାଗିରହିଥିବା ଜଳ କଷ୍ଟ ଖୁବ୍ ଶୀଘ୍ର ଦୂର ହେବାକୁ ଯାଉଥିବା ଏକ ପ୍ରକାର ସ୍ପଷ୍ଟ ହୋଇଛି ।

## କଲଭର୍ଟ କାମ ସରିଲା,ରାସ୍ତା ଛଅ ମାସ ନପୁରୁଣୁ ମାଟି ତଳେ ଦବିଗଲା ରାସ୍ତା !

ରାଇଘର, (ମହାଭାରତ) : ରାଇଘର ବ୍ଲକ ଅନ୍ତର୍ଗତ ସୋନପୁର ଆଦିବାସୀ ଗ୍ରାମରେ ନିର୍ମିତ କଲଭର୍ଟ ଓ ରାସ୍ତା କାମକୁ ନେଇ ଅଭିଯୋଗ ଉଠିଛି। ଗ୍ରାମବାସୀ, ବିଶେଷକରି ମହିଳାମାନେ,କାମର ଗୁଣବତ୍ତା ନେଇ ପ୍ରଶ୍ନ ଉଠାଇଛନ୍ତି। ଗ୍ରାମର ମହିଳା ମାନେ ଅଭିଯୋଗ ଅନୁଯାୟୀ, କଲଭର୍ଟ କାମ ସରିଥିବା ବେଳେ ଏହାର ଗୁଣବତ୍ତା ନେଇ ସନ୍ଦେହ ରହିଛି। ସେହିପରି, କଲଭର୍ଟ ସହିତ ହେବାକୁ ଥିବା ରାସ୍ତା କାମ ମାତ୍ର ୮ରୁ ୯ ହାତ ପର୍ଯ୍ୟନ୍ତ କରାଯାଇଛି ।ଆହୁରି ଅଭିଯୋଗ ହେଉଛି, କି କାମ ସରିବାର ଛଅ ମାସ ମଧ୍ୟ ନପୁରୁଣୁ ନିର୍ମିତ ରାସ୍ତାର କିଛି ଅଂଶ ମାଟି ତଳେ ଦବିଯାଇଛି। ଏହାକୁ ନେଇ ରାସ୍ତାର ସ୍ଥାୟୀତ୍ୱ ଓ ନିର୍ମାଣ ଗୁଣବତ୍ତା ଉପରେ ପ୍ରଶ୍ନ ଉଠିଛି ।ଏହି ଅଭିଯୋଗରେ ରାଇଘରର (ଟୁକୁନି) ନିମ୍ନମାନର କାମ କରି ଠକି ଦେଇ ଥିବା ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗର ସ୍ୱାଧୀନ ଯାଞ୍ଚ କରିବା ଆବଶ୍ୟକ। ରହିଛି ବୋଲି ଗ୍ରାମର ମହିଳା ଙ୍କ ଦାବି,ସମ୍ପୃକ୍ତ ବିଭାଗ ଘଟଣାସ୍ଥଳକୁ ଯାଇ କଲଭର୍ଟ ଓ ରାସ୍ତା କାମର ଗୁଣବତ୍ତା ଯାଞ୍ଚ କରାଯାଉ। ଏଥିସହ କାମର ଯାଞ୍ଚ ପରେ ହିଁ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି ଗ୍ରାମର ମହିଳା ମାନେ ଅଭିଯୋଗ କରିଛନ୍ତି।

## ନେହେରୁ ଓ ଇନ୍ଦିରା ଗାନ୍ଧୀ ଟ୍ରଷ୍ଟ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ

ପାରାଦ୍ୱୀପ, (ମହାଭାରତ) : ପାରାଦ୍ୱୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପଣ୍ଡିତ ଜବାହାରଲାଲ ନେହେରୁ ଟ୍ରଷ୍ଟ ଓ ଇନ୍ଦିରା ଗାନ୍ଧୀ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇ ଯାଇଛି। ବଡପଡ଼ିଆ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଜୟନ୍ତୀ ଉତ୍ସବରେ ଉଭୟ ବରପୁତ୍ରଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ସହ ଧୂପ ଦୀପ ପ୍ରଦାନ କରାଯାଇ ଥିଲା। ଏହି ଉପଲକ୍ଷେ ଆୟୋଜିତ ସ୍ମୃତି ସଭାରେ ଟ୍ରଷ୍ଟ ଉପଦେଷ୍ଟା ଶ୍ରୀ ନିରଞ୍ଜନ ନାୟକ, ନଗର କଂଗ୍ରେସ ସଭାପତି ଶ୍ରୀ କେଦାର ବିଶ୍ୱାଳ, ସରୋଜ ପ୍ରଧାନ, ପଦ୍ମଶଭୁତ ମହାନ୍ତି ,କୃପାସିନ୍ଧୁ ଦାସ, , ଚନ୍ଦ୍ର ଶେଖର ମହାପାତ୍ର, ଧରିତ୍ରୀ ସାମଲ, ପ୍ରେମଲତା ବାରିକ, ସ୍ନେହ ଲତା ମହାନ୍ତି, ପୁଷ୍ପା ଦାସ ପ୍ରମୁଖ ଯୋଗ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଦେଶ ପ୍ରତି ତାଙ୍କର ତ୍ୟାଗ ଓ ଅବଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।



## ବାଲିଡିହା ଗ୍ରାମରେ 'ସାଇ ନିର୍ମଳ ଝର' ପ୍ରକଳ୍ପ ଉଦଘାଟିତ

ପାରାଦୀପ, (ମହାଭାରତ): ଭଗବାନ୍ ଶ୍ରୀ ସତ୍ୟସାଇ ବାବାଙ୍କ ଦିବ୍ୟ ଅନୁଗ୍ରହରୁ ସାଇ ଜିଲ୍ଲା ଜଗତସିଂହପୁର ସୌଜନ୍ୟରୁ ବାଲିଡିହା ଗ୍ରାମରେ ଆଜି ଅପରାହ୍ନରେ ପାରାଦ୍ୱୀପ ପୋର୍ଟ ଅଥରିଟି ଉପାଧ୍ୟକ୍ଷ ଶ୍ରୀ ଟି. ବେଣୁଗୋପାଳ ଙ୍କ କରକମଳରେ 'ସାଇ ନିର୍ମଳ ଝର ପ୍ରକଳ୍ପ' ଉଦଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପାରାଦୀପ ମୁନିସପାଲିଟି ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସତ୍ୟସାଇ ଟ୍ରଷ୍ଟ ରାଜ୍ୟ ସଭାପତି ଡ଼ଃ.ସତ୍ୟ ସ୍ୱରୂପ ପଟ୍ଟନାୟକ, ଆବାହକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ସାଇ ଜଗତସିଂହପୁର ଜିଲ୍ଲାର ଜିଲ୍ଲା ସଭାପତି, ଜିଲ୍ଲା କର୍ମକର୍ତ୍ତା ଗ୍ରାମର ଭାଇଭଉଣୀ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମଞ୍ଚାସିନ ଅତିଥିମାନଙ୍କୁ ଗ୍ରାମର ସଙ୍କୀର୍ତ୍ତନ ମଣ୍ଡଳୀ, ଲଉଡ଼ି ଖେଳ, ମା'ମାଉସୀ ଙ୍କ ହୁଳହୁଳି ଓ ଭାଇମାନଙ୍କ ହରିବୋଲ ଶବ୍ଦରେ ମଞ୍ଚ ଉପରକୁ ପାଛୋଟି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମ କୁ ଗ୍ରାମବାସୀ ପ୍ରଶଂସା କରିଥିଲେ। ତେବେ ଏହି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ସରପଞ୍ଚ ଦେବେନ୍ଦ୍ର କୁମାର ରାଉତ ବିଶେଷ କୃତଜ୍ଞତା ଜଣାଇଛନ୍ତି ।

## ବିପିସିଏଲ ଡିପୋ ରେ ଦାଦାଗିରି : ଟ୍ୟାଙ୍କଲରୀ ଗାଡି ହେଲ୍ପର ଙ୍କୁ ଦାଦା ବଟି ଆଦାୟ ଅଭିଯୋଗରେ ଆଦର୍ଶ ଥାନାରେ ମାମଲା

ପାରାଦୀପ, (ମହାଭାରତ) : ଦୀର୍ଘଦିନ ହେବ ପାରାଦୀପ ଟର୍ମିନାଲ ନିକଟସ୍ଥ ବିପିସିଏଲ ଓ ଅନ୍ୟାନ୍ୟ ଡିପୋ ମାନଙ୍କରେ ଜଗତସିଂହପୁର ଏସପି ଙ୍କ ପ୍ରଚେଷ୍ଟାରେ ବଟି ଓ ଚାନ୍ଦା ଆଦାୟ ବନ୍ଦ କରାଯାଇଥିବା ବେଳେ ଏବେ ସେହି ଘଟଣାର ପୁନରାବୃତ୍ତି ଘଟିଛି । ତୈଳ ଡିପୋ ମଧ୍ୟକୁ ପ୍ରବେଶ ପାଇଁ ଡ୍ରାଇଭର ସହିତ ହେଲ୍ପର ରହିବା ବାଧ୍ୟତାମୂଳକ ହୋଇଥିବା ବେଳେ ଅନେକ ଗାଡ଼ିରେ ହେଲ୍ପର ନଥିବା ଯୋଗୁଁ ଡ୍ରାଇଭର ମାନେ ସ୍ଥାନୀୟ କାମଚଳା ବା ଆକାଳୀ ହେଲ୍ପର ନେଇଥାନ୍ତି । ମାସକୁ ୧୦ ରୁ ୨୦ ଟା ଡ୍ୟୁଟି ପାଇ ସେମାନେ କିଛି ଅର୍ଥ ରୋଜଗାର କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି । କିନ୍ତୁ କିଛିଦିନ ହେବ ବାଲିଡିଆ ଗ୍ରାମର ଜନୈକ ତୁଷାର ସ୍ୱାଇଁ ଏହି ନିରୀହ



ହେଲ୍ପର ମାନଙ୍କ ଠାରୁ ଜବରଦସ୍ତ ବଟି ଆଦାୟ କରୁଥିବା ନେଇ ଅଭିଯୋଗ ହେଉଛି । ଯେଉଁମାନେ ପ୍ରତିବାଦ କରୁଛନ୍ତି ସେମାନଙ୍କୁ ଧମକାଇବା, ମାଡ଼ ମାରିବା ଏବଂ ସେମାନଙ୍କ ଗୃହିଣୀ ମାନେ ପ୍ରତିବାଦ କଲେ ସେମାନଙ୍କୁ ଅଶାଳୀନ ବ୍ୟବହାର କରୁଥିବା ମଧ୍ୟ ଅଭିଯୋଗ ହୋଇଛି । ତେଣୁ ଶେଷରେ ବାଧ୍ୟ ହୋଇ ଅତ୍ୟାଚାରିତ ହେଲ୍ପର ମାନଙ୍କ ସହଧର୍ମିଣୀ ମାନେ ଏକାଠି ହୋଇ ଆଜି ଆଦର୍ଶ ଥାନାରେ ତୁଷାର ବିରୋଧରେ ଲିଖିତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି । ଅନ୍ୟପକ୍ଷରେ ଏହି ସ୍ପର୍ଶକାତର ଅଞ୍ଚଳରେ ପୋଲିସ ପାଟ୍ରୋଲିଙ୍ଗ କୁ କଡାକଡି କରି ଅସାମାଜିକ କାର୍ଯ୍ୟକଳାପ ଉପରେ ନଜର ରଖିବାକୁ ସାଧାରଣରେ ଦାବୀ ହୋଇଛି ।

## ସଞ୍ଜୟଙ୍କ ପ୍ରଶ୍ନବାଣରେ ବ୍ରହ୍ମଗିରି ରାଜନୀତି ହଲଚଲ

ବ୍ରହ୍ମଗିରି,(ମହାଭାରତ): ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସ ବର୍ମାଙ୍କ ନେତୃତ୍ୱରେ ବ୍ରହ୍ମଗିରି ବିଜୁ ଜନତା ଦଳ ପକ୍ଷରୁ ଜନ ସମ୍ପର୍କ ପଦ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପଦ ଯାତ୍ରାରେ ହଜାର ହଜାର କର୍ମୀ ଓ ଶୁଭେଚ୍ଛୁ ସାମିଲ ହୋଇଥିଲେ ।ବ୍ରହ୍ମଗିରି ବ୍ଲକ୍ ୩୦ ନମ୍ବର ଜୋନର ରାଏବିଧାର ଛକ ନିକଟରୁ ତରମାଳ ଅଭିମୁଖେ ଏକ ବିରାଟ ଶୋଭାଯାତ୍ରା ବାହାରି ତରମାଳ ଠାରେ ପହଞ୍ଚିଥିଲା। ସେଠାରେ ଏକ ବିରାଟ ସଭାର ଆୟୋଜନ କରାଯାଇଥିଲା । ଶାସକ ଦଳର ବିଫଳତା ଓ ସ୍ଥାନୀୟ ନେତୃତ୍ୱ ଙ୍କ ର କାର୍ଯ୍ୟଶୈଳୀ କୁ ନେଇ ଅନେକ ସମାଲୋଚନା କରାଯାଇଥିଲା । ସଭାରୁ ସରକାରଙ୍କୁ



ଗୋଟିଏ ପରେ ଗୋଟିଏ ପ୍ରଶ୍ନ ବାଣ କରି ସରକାରୀ କଳକୁ ଘାଇଲା କରିଥିଲେ ସଞ୍ଜୟ। ୩୦୦ ୟୁନିଟ ମାଗଣା ବିଜୁଳି, ସମସ୍ତ ବରିଷ୍ଠ ନାଗରିକଙ୍କୁ ମାସିକ ୩୫୦୦ଟଙ୍କା ଭତ୍ତା,ଏକା ଥରକେ ମହିଳା ମାନଙ୍କୁ ୫୦୦୦୦ ଟଙ୍କା ସୁଭଦ୍ରା ଯୋଜନା ଦେବା ର ମିଛ ପ୍ରତିଶ୍ରୁତି ଏବଂ ଏମ ଏମ ଡି ଆର ସମ୍ପର୍କରେ ରାଜ୍ୟ ସରକାରଙ୍କର ଭୂମିକା ସମ୍ପର୍କରେ ମଧ ଗର୍ଜିଥିଲେ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସ ବର୍ମା । ପିଲାଙ୍କ ତ୍ରୁଟି ପୂର୍ଣ୍ଣ ପାଠ୍ୟକ୍ରମ ସମ୍ପର୍କରେ କହିବାକୁ ଯାଇ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ମଧ କଡା ଭାଷାରେ ସମାଲୋଚନା କରିଥିଲେ। । ସଂଜୟଙ୍କ ଅଭିଭାଷଣ ଓ ପ୍ରଶ୍ନର ବାଣ ଏତେ ଶାଣିତ ଥିଲା ଯେ ଯାହାକି ବ୍ରହ୍ମଗିରିର ଛକ ଛକରେ , ଚା ଖଟିରେ ଆଲୋଚନାର ବିଷୟ ପାଲଟିଛି ।ଉକ୍ତ ସଭାରେ ରାଜ୍ୟ ବିଜୁ ଯୁବ ଜନତା ଦଳର ଉପସଭାପତି ଜୟନ୍ତ କୁମାର ମହାନ୍ତି, ବ୍ଲକ ଅଧ୍ୟକ୍ଷା ରତ୍ନମାଳା ବେହେରା,ଉପାଧ୍ୟକ୍ଷା ମାଳିନୀ ଦଳାଇ,ଜିଲ୍ଲା ପରିଷଦ ସଦସ୍ୟ ଜମ୍ବେଶ୍ୱର ସାହୁ, ବିଜୁ ଜନତା ଦଳର ବ୍ଲକ ସଭାପତି ବିଦ୍ୟାଧର ସ୍ୱାଇଁ,କୃଷ୍ଣଚନ୍ଦ୍ର ରାୟ,ନନ୍ଦ କିଶୋର ବଂଶୀ,ବାଳକୃଷ୍ଣ ପେଣ୍ଟୋଇ,ସୌମ୍ୟ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ହଷ୍ଟେଲରେ ନବମ ଶ୍ରେଣୀ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକେରା ହାଇସ୍କୁଲ ହଷ୍ଟେଲରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିବା ଖବର ମିଳିଛି। ମୃତ ଛାତ୍ରଜଣକ ହେଲେ ତୁମାଣ୍ଡି ପଞ୍ଚାୟତ ବୋଇପାଜୁ ଗ୍ରାମର କୁମର ମଲିକଙ୍କ ୧୫ ବର୍ଷୀୟ ପୁଅ ଚନ୍ଦନ ମଲିକ। ସେ ଉକ୍ତ ସ୍କୁଲ ହଷ୍ଟେଲରେ ରହି ନବମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ଛାତ୍ରଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳ ତଥା ପରିବାରରେ ଗଭୀର ଶୋକର ଛାୟା ଖେଳିଯାଇଛି। ତେବେ ଏହି ଘଟଣାକୁ ନେଇ ପରିବାର ଲୋକେ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ହଷ୍ଟେଲରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ଦେଖାରଖାରେ ଚରମ ଅବହେଳା କରାଯାଉଥିବା ଯୋଗୁଁ ଚନ୍ଦନଙ୍କ ଅକାଳ ବିୟୋଗ ଘଟିଥିବା ପରିବାର ପକ୍ଷରୁ ଦାବି କରାଯାଇଛି। ଆଶ୍ଚର୍ଯ୍ୟର ବିଷୟ, ଘଟଣା ପରେ ହଷ୍ଟେଲ କର୍ତ୍ତୃପକ୍ଷଙ୍କ କୌଣସି ଦେଖା ମିଳିନଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ଘଟଣାର ଖବର ପାଇ ଦଶପଲ୍ଲା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।ମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ, ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତଥା ପୋଲିସର ନିରପେକ୍ଷ ତଦନ୍ତ ପରେ ହିଁ ମୃତ୍ୟୁ ପଛର ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି ସ୍ଥାନୀୟ ଲୋକେ ଆଶା ପ୍ରକାଶ କରିଛନ୍ତି।

## ରେଢ଼ାଖୋଲରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

ରେଢ଼ାଖୋଲ (ମହାଭାରତ) ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସ୍ଥିତ ରାଜୀବ ଗାନ୍ଧୀ ସଭାଗୃହ ଠାରେ ଶନିବାର ଦିନ ରେଢ଼ାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ନାରାୟଣ ସେନାପତିଙ୍କ ସଭାପତିତ୍ୱରେ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ୨୦୨୬ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବରେ ରେଢ଼ାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ ମାର୍ଥା ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ଏଥିରେ ବରିଷ୍ଠ ନାଗରିକ ମାନଙ୍କ କଲ୍ୟାଣ, ସାମାଜିକ ଓ ମାନସିକ ସ୍ୱାସ୍ଥ୍ୟ, ସୁରକ୍ଷା, ସମ୍ମାନର ସହ ବଞ୍ଚିବା ଓ ପରିଚ୍ଛନ୍ନତା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଏହି ଅବସରରେ ଯୋଗ ଅଭ୍ୟାସ, ମ୍ୟୁଜିକାଲ ଚେୟାର, କୁଇଜ୍ ପ୍ରତିଯୋଗିତା, ହିତାଧିକାରୀଙ୍କୁ ନୂଆ ଏପିଓ ବଣ୍ଟନ କରାଯାଇଥିଲା। ତା ସହିତ ବିଭିନ୍ନ ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏବଂ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଖରିଆର ରାଇଜିଙ୍ଗ କ୍ଲବ ତରଫରୁ ରକ୍ତଦାନ ଶିବିର

ନୂଆପଡା:(ମହାଭାରତ): ନୂଆପଡା ଜିଲ୍ଲା ଖରିଆର ବ୍ଲକ ସ୍ଥିତ ବାଦି କେନ୍ଦ୍ରୀୟ ବିଦ୍ୟାଳୟ ରେ ସମାଜସେବୀ ବାରିଦ କୁମାର ସୁନା ଙ୍କ ନେତୃତ୍ୱ ରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ସୁନା ଏବଂ ରାଇଜିଙ୍ଗ ଖରିଆର କମିଟି ର ସମସ୍ତ କାର୍ଯ୍ୟ କର୍ତା ଙ୍କ ସାହାଯ୍ୟ ରେ ଶିବିର ସୁନ୍ଦର ଭାବରେ ସମାପନ ହୋଇଥିଲା , ଉକ୍ତ ମେଗା ରକ୍ତଦାନ ଶିବିର ରେ ବିଜେପି ରାଜ୍ୟସଭା ସାଂସଦ ଶ୍ରୀଯୁକ୍ତ ସୁଜିତ କୁମାର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ। ଖଡ଼ିଆଳ ଆମ୍ବେଦକର ଛକ ଠାରୁ କେନ୍ଦ୍ରୀୟ ବିଦ୍ୟାଳୟ ପର୍ଯ୍ୟନ୍ତ ସାଂସଦ ଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଏହି ଶିବିରରେ ପୂର୍ବତନ ବିଜେପି ବିଧାୟକ ହିତେଶ କୁମାର ବଗର୍ତି, ଖଡ଼ିଆଳ ଏନଏସି ଅଧକ୍ଷ ଉଜ୍ଜ୍ୱଳ ଗୁପ୍ତା, ଜିଲ୍ଲା ସଭାପତି କମଲେଶ ଦୀକ୍ଷିତ, କାଉଁନଶିଳର ଶ୍ରୀମତୀ ଶୁଚିସ୍ମିତା ମହାରଣା, ଲକ୍ଷ୍ମଣ ଦୁରିଆ, ଚନ୍ଦନ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ପୁଷ୍ପାଞ୍ଜଳି ପାଣ୍ଡେ, ବାଦୀ ସରପଞ୍ଚ ଶ୍ରୀମତୀ ମିନା ଜାଲ ଓ ପିପୁଲ ହୋପ ଫାଉଣ୍ଡେସନ ରୁ ଶୁଭମ ତାଣ୍ଡି ସହଯୋଗ କରିଥିଲେ ଏବଂ ସମସ୍ତ ବିଜେପି କର୍ମକର୍ତା ଉପସ୍ଥିତ ଥିଲେ । ଏହି ରକ୍ତଦାନ ଶିବିରରେ ୬୦) ଷାଠିଏ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ରାଇଜିଙ୍ଗ କ୍ଲବ ସଭାପତି ଶ୍ରୀ ବାରିଦ କୁମାର ରାଜ୍ୟସଭା ସାଂସଦ ସୁଜିତ କୁମାର ଙ୍କୁ ଖଡ଼ିଆଳ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଅବଗତ କରାଇବାସହ ଖଡ଼ିଆଳ ରେ ଏକ ରକ୍ତ ଭଣ୍ଡାରର ଅତି ଜରୁରୀ ବୋଲି ଜଣାଇବା ସହ ଖଡ଼ିଆଳ ଅଞ୍ଚଳକୁ ରେଳଲାଇନ ର ବ୍ୟବସ୍ଥା କିପରି ଭାବରେ ହୋଇପାରିବ ଏବଂ ତ୍ୱରାନ୍ୱିତ କିପରି ସଂଯୋଗ ହୋଇପାରିବ ତାର ପ୍ରସ୍ତାବ ଦେବାସହ ଏକ ଲେଖା ମାଧ୍ୟମରେ ଜଣେଇଛନ୍ତି । ରାଇଜିଙ୍ଗ ଖରିଆର ର ସମସ୍ତ ସଦସ୍ୟ, ଲିଙ୍ଗରାଜ ତାଣ୍ଡି, ଜୟନ୍ତ ଦୁରିଆ , ମଦନ ବାଗ, ସତ୍ୟନାରାୟଣ ବାଗ, ରମେଶ ଦୁରିଆ, ପରମେଶ୍ୱର ହଂସ, ଜିତେନ୍ ବାଗ, ବରୁଣ ତାଣ୍ଡି, ପିଣ୍ଟୁ ପଟେଲ, ଚନ୍ଦନ ଯାଦବ, ବିନୟ ସଗରିଆ, ଆରିୟାନ ଚୌହାନ, ଗଗନ ପଟେଲ ସମସ୍ତ କାର୍ଯ୍ୟ କର୍ତା ଉପସ୍ଥିତ ରହିଥିଲେ ।

## ଲୋକଙ୍କ ସ୍ୱର ହେବ ରେଡ଼ିଓ ବାଘାଯତୀନ




ଉଦଳା (ମହାଭାରତ ): ଆଗାମୀ ଦିନରେ ଲୋକଙ୍କ ସ୍ୱର ହେବ ରେଡ଼ିଓ ବାଘାଯତୀନ। ତୃତୀୟ ପ୍ରତିଷ୍ଠା ଉତ୍ସବରେ ଆଜି ଉପସ୍ଥିତ ଅତିଥିମାନେ ରେଡ଼ିଓ ବାଘାଯତୀନ କୁ ନେଇ କହିଛନ୍ତି ଏଭଳି। ଉଦଳା ରେ ରେଡ଼ିଓ ବାଘାଯତୀନ ର ତୃତୀୟ ପ୍ରତିଷ୍ଠା ଉତ୍ସବ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କୁ ଉଦଳା ନଗରପାଳିକା ପ୍ରମିଳା ପଣ୍ଡା, ଉପଖଣ୍ଡ ପୋଲିସ ଅଧିକାରୀ ଗୋକୁଳାନନ୍ଦ ସାହୁ ଯୋଗ ଦେଇ ଉଦଘାଟନ କରିଥିଲେ କ୍ଷ ବହୁ ବରିଷ୍ଠ ଅଧିକାରୀ ଓ ବ୍ୟକ୍ତି ବିଶେଷ ଯୋଗ ଦେଇ କପ୍ତିପଦା ଉପଖଣ୍ଡ ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରେଡ଼ିଓ ର କଳ୍ପନା କରିବା ଏବଂ ତାହାକୁ ଲୋକଙ୍କ ନିକଟରେ ପହଂଚାଇବା କଷ୍ଟକର ବୋଲି କହିଥିଲେ। ଏହା ସହିତ ସହିଦ ବାଘାଯତୀନ ଙ୍କ ନାମ ଅନୁସାରେ ହୋଇଥିବା ଏହି ରେଡ଼ିଓ ମହାପୁରୁଷ, ସହିଦଙ୍କ କାହାଣୀ ସମେତ ସାଧାରଣ ଲୋକଙ୍କ ସମସ୍ୟା ଏବଂ ସରକାରୀ ଯୋଜନା ବାବଦରେ ଲୋକଙ୍କ ନିକଟରେ ସୂଚନା ପହଞ୍ଚାଇବାରେ ବେଶ ଆଗୁଆ ରହିଛି। ତେଣୁ ଆଜିର ଏହି ଡିଜିଟାଲ ଯୁଗରେ ରେଡ଼ିଓ ବାଘାଯତୀନ ଆଗାମୀ ସମୟରେ ଲୋକଙ୍କ ସ୍ୱର ହେବ ଏବଂ ଲୋକଙ୍କ ଆଶା ଭରସା ପାଲଟିବ ବୋଲି ରେଡ଼ିଓ ବାଘାଯତିନ ର ଡାଇରେକ୍ଟର ମୀନତି ବିନ୍ଧାଣି ସୂଚନା ଦେଇଥିଲେ।

# ମାଁ ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ଯାତ୍ରା,ଆସ୍ଥା, ପରମ୍ପରା ଓ ଐତିହ୍ୟର ଅନନ୍ୟ ସଙ୍ଗମ

ଜୁନାଗଡ଼(ମହାଭାରତ):କଳାହାଣ୍ଡି ଜିଲ୍ଲାର ଐତିହାସିକ ସହର ଜୁନାଗଡ଼ର ଆରାଧ୍ୟା ଦେବୀ ମାଁ ଲଙ୍କେଶ୍ୱରୀଙ୍କ ପ୍ରସିଦ୍ଧ ଖଣ୍ଡାବସା ଯାତ୍ରା ଧାର୍ମିକ ଆସ୍ଥା, ପରମ୍ପରା ଓ ଐତିହ୍ୟର ଏକ ଅନନ୍ୟ ପରିଚୟ ବହନ କରେ। ମାଁ ଙ୍କ ପ୍ରତି ଅଗାଧ ଭକ୍ତି ଓ ବିଶ୍ୱାସ ରଖିଥିବା ଶ୍ରଦ୍ଧାଳୁଙ୍କ ପାଇଁ ଏହି ଯାତ୍ରାର ବିଶେଷ ମହତ୍ତ୍ୱ ରହିଛି। ପ୍ରତିବର୍ଷ ଏହି ପବିତ୍ର ପର୍ବକୁ ନେଇ ଜୁନାଗଡ଼ ସହରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ ।ଜୁନାଗଡ଼ କେବଳ ଏକ ସହର ନୁହେଁ, ଏହା କଳାହାଣ୍ଡିର ଗୌରବମୟ ଇତିହାସର ଏକ ପ୍ରମୁଖ ସାକ୍ଷୀ। ଅତୀତରେ ଏହା କଳାହାଣ୍ଡି ଗଡ଼ଜାତ ରାଜ୍ୟର ରାଜଧାନୀ ଥିଲା। ନାଗ ରାଜବଂଶର ଶାସନ ଓ ରାଜ ପରମ୍ପରା ସହ ଏହି ଅଞ୍ଚଳର ଧାର୍ମିକ ସଂସ୍କୃତି ଗଭୀର ଭାବେ ଜଡ଼ିତ। ମାଁ ଲଙ୍କେଶ୍ୱରୀଙ୍କୁ ନାଗ ରାଜବଂଶର ଇଷ୍ଟଦେବୀ ତଥା ଜୁନାଗଡ଼ର ଅଧିଷ୍ଠାତ୍ରୀ ଦେବୀ ଭାବେ ପୂଜା କରାଯାଇଆସୁଛି। ଲୋକକଥାରେ, ବଙ୍କା ପାଇକମାନେ ରାଜାଙ୍କ ନିର୍ଦ୍ଦେଶରେ ମାଁଙ୍କୁ ଦକ୍ଷିଣ ଅଞ୍ଚଳରୁ ଆଣି ଜୁନାଗଡ଼ରେ ସ୍ଥାପନ କରିଥିଲେ। ସେହିଦିନଠାରୁ ମାଁଙ୍କ ଆରାଧନା ଏହି ଅଞ୍ଚଳର ଧାର୍ମିକ ଜୀବନ ସହ ଜଡ଼ିତ ହୋଇ ରହିଛି। ମାଁଙ୍କୁ ଶକ୍ତି, ସାହସ ଓ ବିଜୟର ପ୍ରତୀକ ଭାବେ ଭକ୍ତମାନେ ପୂଜା କରିଥାନ୍ତି। ମାଁ ଲଙ୍କେଶ୍ୱରୀଙ୍କ ପାରମ୍ପରିକ ପୂଜାବିଧି ମଧ୍ୟରେ ଖଣ୍ଡାବସା ଯାତ୍ରାର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି। ଆଶ୍ୱିନ ମାସର ମୂଳାଷ୍ଟମୀ ତିଥିରେ ଏହି ଯାତ୍ରା ଅନୁଷ୍ଠିତ ହୁଏ। ଏହି ଅବସରରେ ପାରମ୍ପରିକ ଖଣ୍ଡାଗୁଡ଼ିକୁ ବିଧିବିଧାନ ଅନୁସାରେ ପୂଜା କରାଯାଇ ମାଁଙ୍କ ପୀଠକୁ ଅଣାଯାଏ। ଶୁଭଲଗ୍ନରେ ମାଁଙ୍କ ବେଦୀରେ ଧାନ ବା ଚାଉଳ ଗଦା ଉପରେ ଖଣ୍ଡାଗୁଡ଼ିକୁ ସ୍ଥାପନ କରିବାର ପରମ୍ପରାକୁ ଖଣ୍ଡାବସା କୁହାଯାଏ। ଏହି ବିଧି ମାଁଙ୍କ ଶକ୍ତି ଉପାସନା ଓ ପ୍ରାଚୀନ ରାଜକୀୟ ପରମ୍ପରାର ପ୍ରତୀକ ଭାବେ ପରିଚିତ ।ଏହି ପାରମ୍ପରିକ ଯାତ୍ରାରେ ମନ୍ଦିରର ପୂଜାବିଧି ଓ ରୀତିନୀତିର ବିଶେଷ ଗୁରୁତ୍ୱ ରହିଥାଏ। ପୂଜକ ଅଶ୍ୱିନ କୁମାର ପଣ୍ଡାଙ୍କ ଦ୍ୱାରା ପାରମ୍ପରିକ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଥାଏ। ସେହିପରି କଳାହାଣ୍ଡିର ରାଜା ଖଣ୍ଡାଧାରୀ ଅନନ୍ତ ପ୍ରତାପ ଦେଓ ଏହି ଯାତ୍ରାର ଖଣ୍ଡା ସମ୍ପର୍କିତ ପାରମ୍ପରିକ ଦାୟିତ୍ୱ ତୁଲାଇଥାନ୍ତି। ପିଢ଼ି ପରେ ପିଢ଼ି ଚାଲିଆସୁଥିବା ଏହି ପରମ୍ପରା ଆଜି ମଧ୍ୟ ଜୁନାଗଡ଼ର ଧାର୍ମିକ ଓ ସାଂସ୍କୃତିକ ପରିଚୟକୁ ଅକ୍ଷୁଣ୍ଣ ରଖିଛି ।ଏହି ଯାତ୍ରାର



ପରିଚାଳନା ଓ ପରମ୍ପରାର ସୁରକ୍ଷା କ୍ଷେତ୍ରରେ ପରାମର୍ଶଦାତା କମିଟିର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କମିଟିର ସଦସ୍ୟ ହିମାଂଶୁ ଶେଖର ବରାଡ଼ ଓ ରାଜେଶ କୁମାର ପଣ୍ଡା ଏହି ପାରମ୍ପରିକ ଧାର୍ମିକ ଉତ୍ସବ ସହ ଜଡ଼ିତ ରହି ଏହାର ମହତ୍ତ୍ୱ ଓ ପରମ୍ପରାକୁ ଆଗକୁ ବଢ଼ାଇବାରେ ସହଯୋଗ କରିଛନ୍ତି ।ଏହି ପବିତ୍ର ଅବସରରେ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା, ମନ୍ତ୍ରପାଠ ଓ ପାରମ୍ପରିକ ରୀତିନୀତି ପାଳନ କରାଯାଏ। ମାଁଙ୍କ ଦର୍ଶନ ଓ ଖଣ୍ଡାବସା ଯାତ୍ରା ଦେଖିବା ପାଇଁ ଜୁନାଗଡ଼ ସହର ସମେତ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଭକ୍ତମାନେ ମାଁଙ୍କ ନିକଟରେ ପରିବାରର ସୁଖ, ଶାନ୍ତି, ସମୃଦ୍ଧି ଓ ସମଗ୍ର ଅଞ୍ଚଳର ମଙ୍ଗଳ କାମନା କରିଥାନ୍ତି ।ସମୟ ବଦଳିବା ସହ ରାଜତନ୍ତ୍ରର ଅବସାନ ଘଟିଛି, କିନ୍ତୁ ମାଁ ଲଙ୍କେଶ୍ୱରୀଙ୍କ ପ୍ରତି ଲୋକଙ୍କ ଆସ୍ଥା ଓ ଭକ୍ତି ଆଜି ମଧ୍ୟ ଅତୁଟ ରହିଛି। ଖଣ୍ଡାବସା ଯାତ୍ରା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଏହା ଜୁନାଗଡ଼ର ଐତିହାସିକ ପରିଚୟ, ସାଂସ୍କୃତିକ ଗୌରବ ଓ ପିଢ଼ି ପରେ ପିଢ଼ି ଚାଲିଆସୁଥିବା ପରମ୍ପରାର ଜୀବନ୍ତ ପ୍ରତୀକ। ମାଁଙ୍କ ଏହି ପବିତ୍ର ଯାତ୍ରା ଆଗାମୀ ପିଢ଼ି ପାଇଁ ମଧ୍ୟ ଜୁନାଗଡ଼ର ଗୌରବମୟ ଐତିହ୍ୟ ଓ ଧାର୍ମିକ ଚେତନାର ପରିଚୟ ହୋଇ ରହିବ ।

## ରାଜ୍ୟସ୍ତରୀୟ ବକ୍ସିଂରେ ଗଜପତିର ଚମତ୍କାର ସଫଳତା

### ୪ ସ୍ୱର୍ଣ୍ଣ ସହ ୬ ପଦକ ହାସଲ, ଜାତୀୟସ୍ତର ପାଇଁ ଖେଳାଳିଙ୍କ ମନୋନୟନ



ପାରଳାଖେମୁଣ୍ଡି, (ମହାଭାରତ): ବ୍ରହ୍ମପୁରସ୍ଥିତ ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍‌ରେ ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଅନୁଷ୍ଠିତ ୭୦ତମ ରାଜ୍ୟସ୍ତରୀୟ ବକ୍ସିଂ ଚାମ୍ପିଅନସିପ୍ ୨୦୨୬-୨୭ରେ ଗଜପତି ଜିଲ୍ଲାର ବକ୍ସରମାନେ ଚମତ୍କାର ପ୍ରଦର୍ଶନ କରି ୪ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ ସହ ମୋଟ ୬ଟି ପଦକ ହାସଲ କରିଛନ୍ତି ।ଅଣ୍ଡର-୧୪ ବାଳକ ୪୮ କିଲୋଗ୍ରାମ ବର୍ଗରେ ପାରଳାଖେମୁଣ୍ଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦିବ୍ୟ ବେନିଆ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୪୬ କିଲୋଗ୍ରାମ ବର୍ଗରେ ପି.ଏମ୍. ଶ୍ରୀ ଏମ୍.ଆର ବଏଜ୍ ହାଇସ୍କୁଲ୍, ପାରଳାଖେମୁଣ୍ଡିର ଆର ରୋହିତ କାଂସ୍ୟ ପଦକ ପାଇଛନ୍ତି। ୫୦ କିଲୋଗ୍ରାମ ବର୍ଗରେ ବିନୋଦିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପଦ୍ମପୁରର ସାଗର ମଣ୍ଡଳ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।ସେହିପରି ୫୪ କିଲୋଗ୍ରାମ ବର୍ଗରେ ଏମ୍.କେ.ସି.ଜି. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୁରାଣ୍ଡିର ଚନ୍ଦନ ଗୟା ରୌପ୍ୟ ପଦକ ହାସଲ କରିଥିବା ବେଳେ ୫୭ କିଲୋଗ୍ରାମ ବର୍ଗରେ ସେହି ବିଦ୍ୟାଳୟର ଜଗନ ବେନିଆ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୭୫ କିଲୋଗ୍ରାମ ବର୍ଗରେ ପି.ଏମ୍. ଶ୍ରୀ ଏମ୍.ଆ.ର ବଏଜ୍ ହାଇସ୍କୁଲର ଗଗନ ବେନିଆ ସ୍ୱର୍ଣ୍ଣ ପଦକ ହାସଲ କରି ଜିଲ୍ଲାର ଗୌରବ ବଢ଼ାଇଛନ୍ତି ।ଗଜପତିର ଏହି ସଫଳତା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀଯୁକ୍ତ ଅକ୍ଷୟ ସୁନୀଲ ଅଗ୍ରୱାଲ, ଆଇଏଏସ୍ ଏବଂ ଜିଲ୍ଲା ଶିକ୍ଷାଧିକାରୀ ଡ. ମାୟାଧର ସାହୁ ଚାମ୍ପିଅନ୍‌ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ କ୍ରୀଡ଼ା ଭବିଷ୍ୟତ କାମନା କରିଛନ୍ତି ।ଗଜପତିର ଭାରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷା କ୍ରୀଡ଼ା ଅଧିକାରୀ ଶ୍ରୀ ସୁରେନ୍ଦ୍ର କୁମାର ପାତ୍ର ସମସ୍ତ ପଦକ ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଆହୁରି ଉତ୍କର୍ଷ ପ୍ରଦର୍ଶନ ପାଇଁ ଶୁଭକାମନା ଜଣାଇଛନ୍ତି ।ଦଳର ସଫଳତା ପଛରେ କୋଚ୍ ଶ୍ରୀ ରାମକୃଷ୍ଣ ବେନିଆ ଓ ଟିମ୍ ମ୍ୟାନେଜର ଶ୍ରୀ ଦିଲ୍ଲେଶ୍ୱର ତୃଣାଙ୍କ ମାର୍ଗଦର୍ଶନ, ନିଷ୍ଠା ଓ ନିରନ୍ତର ପରିଶ୍ରମର ମୁଖ୍ୟ ଭୂମିକା ରହିଛି। ଗଜପତିର ଏହି ଯୁବ ବକ୍ସରମାନଙ୍କ ସଫଳତା ଜିଲ୍ଲାର କ୍ରୀଡ଼ା ମହଲରେ ଆନନ୍ଦ ଓ ଉତ୍ସାହ ସୃଷ୍ଟି କରିଛି।

## ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ



ନୂଆପଡ଼ା,(ମହାଭାରତ ): ନୂଆପଡା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୭ତମ ଜୟନ୍ତୀ ଏବଂ ଭାରତରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ୧୨୨ତମ ଜୟନ୍ତୀ ସ୍ଥାନୀୟ ଗାନ୍ଧୀ ପ୍ରମୋଦ ଉଦ୍ୟାନ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି ।ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲ୍ଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା, ଭାନୁ ପ୍ରତାପ ସିଂହ ମାଝୀ, ମୁରଲୀଧର ଭୋଇ ଓ ଅବନୀ ରଞ୍ଜନ ଯୋଶୀଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ବିଶିଷ୍ଟ ବ୍ୟକ୍ତିବିଶେଷ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଗାନ୍ଧୀ ପ୍ରମୋଦ ଉଦ୍ୟାନ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଏବଂ ଲାଲବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଅହିଂସା, ସ୍ୱଚ୍ଛତା ଓ ମାନବିକତାର ଆଦର୍ଶ ତଥା ଲାଲବାହାଦୁର ଶାସ୍ତ୍ରୀଙ୍କ ସରଳତା, ନିଷ୍ଠା, ଶୃଙ୍ଖଳା, ଜାତିପ୍ରୀତି ଓ ଦେଶପ୍ରେମର ଆଦର୍ଶକୁ ଏହି ଅବସରରେ ସ୍ମରଣ କରାଯାଇଥିଲା। ସମାରୋହରେ ଉଦ୍‌ବୋଧନ ଦେଇ ଜିଲ୍ଲାପାଳ ଶ୍ରୀ ଦାଶ କହିଥିଲେ ଯେ, ଗାନ୍ଧୀଜୀଙ୍କ ବିଚାର ଓ ଆଦର୍ଶ ଆଜି ମଧ୍ୟ ପ୍ରାସଙ୍ଗିକ। ବର୍ତ୍ତମାନ ସମୟରେ ଗାନ୍ଧୀବାଦକୁ ଆପଣାଇବା ସହ ତାଙ୍କ ଆଦର୍ଶକୁ ନିଜ ଜୀବନରେ ଅନୁକରଣ କରିବା ହିଁ ଗାନ୍ଧୀଜୀଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ସତ୍ୟ, ଅହିଂସା, ସ୍ୱଚ୍ଛତା, ସରଳ ଜୀବନଯାପନ ଓ ମାନବିକ ମୂଲ୍ୟବୋଧକୁ ଜୀବନରେ ଧାରଣ କରି ସମାଜରେ ଶାନ୍ତି, ସଦ୍‌ଭାବନା ଓ ଭାଇଚାରା ପ୍ରତିଷ୍ଠା ପାଇଁ ସେ ଆହ୍ୱାନ ଦେଇଥିଲେ। ଏଥିସହ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୀବନରୁ ଜାତିପ୍ରୀତି, ଦେଶପ୍ରେମ, ନିଷ୍ଠା ଓ କର୍ତ୍ତବ୍ୟପରାୟଣତାର ଶିକ୍ଷା ଗ୍ରହଣ କରିବାକୁ ସେ କହିଥିଲେ। ସମାରୋହରେ ଉପସ୍ଥିତ ବକ୍ତାମାନେ ଗାନ୍ଧୀଜୀଙ୍କ ଜୀବନ ଓ ଆଦର୍ଶ ଉପରେ ଆଲୋକପାତ କରିବା ସହ ସତ୍ୟ ଓ ଅହିଂସାର ମାର୍ଗ ଅନୁସରଣ କରି ସମାଜରେ ଶାନ୍ତି, ସଦ୍ ?ଭାବନା ଓ ମାନବିକତା ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ଶାସ୍ତ୍ରୀଜୀଙ୍କ ଜାତିପ୍ରୀତି ଓ ଦେଶପ୍ରେମ ସହ ଦେଶ ଗଠନରେ ତାଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିଥିମାନେ ବୃକ୍ଷରୋପଣ କରି ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧିର ବାର୍ତ୍ତା ଦେଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ବଢ଼େଇ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସମ୍ବଳ ସଂଯୋଜକ ଅନୀଲ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ ଓ ବିଭାଗୀୟ କର୍ମଚାରୀମାନେ ସମଗ୍ର କାର୍ଯ୍ୟକ୍ରମର ସୁଚାରୁ ଓ ସଫଳ ଆୟୋଜନରେ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ହ୍ୟାକାଥନରେ ଓଏଭି ରେଙ୍ଗାଲି ଛାତ୍ର ଆଶୁତୋଷଙ୍କ ସଫଳତା

### ଅଭିନବ ପ୍ରକଳ୍ପ ପାଇଁ ପୁରସ୍କୃତ




**ସମ୍ବଲପୁର,:** ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ରେଙ୍ଗାଲିର ଦ୍ୱାଦଶ ଶ୍ରେଣୀ ବାଣିଜ୍ୟ ବିଭାଗର ଛାତ୍ର ଆଶୁତୋଷ ପ୍ରଧାନ ରାଜ୍ୟସ୍ତରୀୟ 'ହ୍ୟାକାଥନ୍ ୩.୦'ରେ ଅଂଶଗ୍ରହଣ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଆଇଆଇଟି ଭୁବନେଶ୍ୱରରେ ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ଆୟୋଜିତ ଏହି ରାଜ୍ୟସ୍ତରୀୟ ହ୍ୟାକାଥନରେ ସେ 'ଟିଭି ରିମୋଟ୍‌ର ଫ୍ରିକ୍ୱେନସି ଚିହ୍ନଟ ପାଇଁ ଏକ ସମନ୍ୱିତ ଯନ୍ତ୍ରର ବିକାଶ' ଶୀର୍ଷକ ପ୍ରକଳ୍ପ ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି ।ଏହା ପୂର୍ବରୁ ଧମାସ୍ଥିତ ମା' ଝାଡ଼େଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ ଜିଲ୍ଲାସ୍ତରୀୟ ହ୍ୟାକାଥନରେ ଆଶୁତୋଷ ପ୍ରଥମ ସ୍ଥାନ ଅଧିକାର କରି ୨୦ ହଜାର ଟଙ୍କା ପୁରସ୍କାର ହାସଲ କରିଥିଲେ। ଏହି ସଫଳତା ତାଙ୍କୁ ରାଜ୍ୟସ୍ତରୀୟ ହ୍ୟାକାଥନରେ ଅଂଶଗ୍ରହଣର ସୁଯୋଗ ଦେଇଥିଲା। ଆଶୁତୋଷଙ୍କ ଏହି ସଫଳତାରେ ବିଦ୍ୟାଳୟର ଅଧକ୍ଷ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ସହପାଠୀମାନେ ଖୁସି ପ୍ରକାଶ କରିବା ସହ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଭବିଷ୍ୟତରେ ନବସୃଜନ ଓ ପ୍ରଯୁକ୍ତି କ୍ଷେତ୍ରରେ ଆଶୁତୋଷ ଆହୁରି ସଫଳତା ହାସଲ କରିବେ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି।

## ଅକାଳରେ ଲିଭିଗଲା ଯୁବ ସାମ୍ବାଦିକ ତରୁଣୀଙ୍କ ଜୀବନଦୀପ



ଡାବୁଗାଁ (ମହାଭାରତ): ଖବର ଲେଖୁଥିବା ହାତ ଆଜି ନିରବ। ଅନ୍ୟାୟ ବିରୋଧରେ କଲମ ଚଳାଉଥିବା ଜଣେ ନିର୍ଭୀକ ଯୁବ ସାମ୍ବାଦିକଙ୍କ ଜୀବନଯାତ୍ରା ଅଧାବାଟରେ ଥମିଯାଇଛି। ପରିବାରର ଆଶା, ସହକର୍ମୀଙ୍କ ଆତ୍ମୀୟ ଓ ଅଞ୍ଚଳବାସୀଙ୍କ ପ୍ରିୟ ମଣିଷ ତରୁଣୀସେନ ଜେନାଙ୍କ ଅକାଳ ବିୟୋଗରେ ସମଗ୍ର ଡାବୁଗାଁ ଅଞ୍ଚଳ ଶୋକାକୁଳ ହୋଇପଡ଼ିଛି ।ଡାବୁଗାଁର ଜଣେ ମିଷ୍ଟଭାଷୀ, ସରଳ ଓ ମେଳାପୀ ବ୍ୟକ୍ତିତ୍ୱ ଭାବେ ପରିଚିତ ତରୁଣୀସେନ କିଛି ମାସ ଧରି ସ୍ୱାସ୍ଥ୍ୟଗତ ସମସ୍ୟାରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ଶୁକ୍ରବାର ଦିନ ପ୍ରାୟ ୧୧ଟା ୩୦ ମିନିଟ୍ ? ସମୟରେ ଡାବୁଗାଁ ମେଡିକାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ବିୟୋଗ ଖବର ପ୍ରଚାର ହେବାମାତ୍ରେ ସାମ୍ବାଦିକ ମହଲ ସମେତ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା ।ପଛରେ ଛାଡ଼ିଯାଇଛନ୍ତି ବୃଦ୍ଧା ମାଆ, ସାନ ଭାଇ, ପତ୍ନୀ ଓ ଦୁଇ ପୁଅଙ୍କୁ। ଯେଉଁ ବୟସରେ ପିଲାମାନେ ବାପାଙ୍କ ସ୍ନେହ, ଶ୍ରଦ୍ଧା ଓ ସୁରକ୍ଷାରେ ନିଜ ଭବିଷ୍ୟତ ଗଢ଼ିବା କଥା, ସେହି ବୟସରେ ସେମାନଙ୍କ ମୁଣ୍ଡ ଉପରୁ ବାପାଙ୍କ ଆଶ୍ରୟ ହଟିଯାଇଛି। ପରିବାରର ଏକମାତ୍ର ଭରସା ଥିବା ତରୁଣୀଙ୍କ ଅନୁପସ୍ଥିତି ଆଗାମୀ ଦିନରେ ପରିବାର ପାଇଁ କିପରି ଆହ୍ୱାନ ସୃଷ୍ଟି କରିବ, ତାହାକୁ ନେଇ ଚିନ୍ତା ବଢ଼ିଛି ।ସବୁଠାରୁ ହୃଦୟବିଦାରକ ଦୃଶ୍ୟ ଥିଲା ତାଙ୍କ ଅନ୍ତିମ ସଂସ୍କାର ସମୟର। ମାତ୍ର ୧୦ ବର୍ଷର ବଡ଼ ପୁଅ ବାପାଙ୍କୁ ମୁଖାଗ୍ନି ଦେଇଥିବା ବେଳେ ଉପସ୍ଥିତ ଲୋକଙ୍କ ଆଖି ଲୁହରେ ଭରିଯାଇଥିଲା। ଯେଉଁ କୁନି ହାତ ବାପାଙ୍କ ହାତ ଧରି ଚାଲିବା ଶିଖିବା କଥା, ସେହି ହାତରେ ଆଜି ବାପାଙ୍କୁ ଶେଷ ବିଦାୟ ଦେବାକୁ ପଡ଼ିଲା। ଏହି ଦୃଶ୍ୟ ଡାବୁଗାଁବାସୀଙ୍କୁ ଗଭୀର ଭାବେ ମର୍ମାହତ କରିଥିଲା।

## ମୌଳିକ ସମସ୍ୟାର ସମାଧାନ ଦାବିରେ ଭଞ୍ଜସେନାର ଦାବିପତ୍ର ପ୍ରଦାନ

କରଞ୍ଜିଆ,(ମହାଭାରତ): ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ମୌଳିକ ସମସ୍ୟାର ସ୍ଥାୟୀ ସମାଧାନ ସହ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଯୁବପିଢ଼ିର ଭବିଷ୍ୟତ ପାଇଁ ତୁରନ୍ତ ଏବଂ ଦୀର୍ଘମିଆଦୀ ପଦକ୍ଷେପ ଗ୍ରହଣ ଦାବିରେ ଭଞ୍ଜସେନା, ଠାକୁରମୁଣ୍ଡା ବ୍ଲକ ଶାଖା ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶନିବାର ଭଞ୍ଜସେନାର ଯୁବ ଓ ଛାତ୍ର ସଂଗଠକମାନେ ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବ୍ଲକ ବିଡିଓଙ୍କ ଜରିଆରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରିଥିଲେ ।ଦାବିପତ୍ରରେ ମୟୂରଭଞ୍ଜ ଭଳି ବିସ୍ତୃତ ଓ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ଗ୍ରାମାଞ୍ଚଳରେ ରହିଥିବା ବିଭିନ୍ନ ମୌଳିକ ସମସ୍ୟାର ସ୍ଥାୟୀ ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ଶିକ୍ଷା ବ୍ୟବସ୍ଥାର ଉନ୍ନତି, ସ୍ୱାସ୍ଥ୍ୟସେବାକୁ ଅଧିକ ସୁଦୃଢ଼ କରିବା, ଗ୍ରାମାଞ୍ଚଳରେ ନିରାପଦ ପାନୀୟ ଜଳର ସୁବ୍ୟବସ୍ଥା, ଯୁବପିଢ଼ି ପାଇଁ ରୋଜଗାର ଓ ଦକ୍ଷତା ବିକାଶର ସୁଯୋଗ ସୃଷ୍ଟି ଭଳି ବିଷୟ ଉପରେ ପଦକ୍ଷେପ ନେବାକୁ ଦାବି କରାଯାଇଛି। ସଂଗଠନ ପକ୍ଷରୁ କୁହାଯାଇଛି ଯେ, ଜିଲ୍ଲାର ଅନେକ ଅଞ୍ଚଳରେ ଆଜି ମଧ୍ୟ ଲୋକମାନେ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କ ପାଇଁ ଉନ୍ନତ ଶିକ୍ଷା ପରିବେଶ, ଆବଶ୍ୟକ ଭିତ୍ତିଭୂମି ଓ ଶିକ୍ଷକଙ୍କ ଉପଲବ୍ଧତା ସୁନିଶ୍ଚିତ କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଆବଶ୍ୟକ ଡାକ୍ତର, ନର୍ସ, ଔଷଧ ଓ ଅନ୍ୟାନ୍ୟ ସୁବିଧା ଯୋଗାଇଦେବା ଆବଶ୍ୟକ ବୋଲି ଦାବି ଉଠିଛି ।ସେହିପରି ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ସହ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି, ଦକ୍ଷତା ବିକାଶ ଓ ଆତ୍ମନିର୍ଭରଶୀଳତାର ସୁଯୋଗ ସୃଷ୍ଟି କରିବାକୁ ଦାବି କରାଯାଇଛି। କେବଳ ତୁରନ୍ତ ସମସ୍ୟା ସମାଧାନ ନୁହେଁ, ଆଗାମୀ ଦିନରେ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରି ତାହାକୁ କାର୍ଯ୍ୟକାରୀ କରିବାକୁ ସଂଗଠନ ପକ୍ଷରୁ ଦାବି ହୋଇଛି ।ଆଜିର ଏହି କାର୍ଯ୍ୟକ୍ରମରେ ପାଞ୍ଚପୀଢ଼ ଉପଖଣ୍ଡର କାର୍ଯ୍ୟକାରୀ ସଭାପତି ଶୁଭଜିତ୍ ଦାସ ଅଧିକାରୀ, ସନମୟ ମହାନ୍ତ, ରୁନା ମହାନ୍ତ, ଚିକୁ ମହାନ୍ତଙ୍କ ସମେତ ଭଞ୍ଜସେନାର ବହୁ ଯୁବ ଓ ଛାତ୍ର ସଂଗଠକ ଉପସ୍ଥିତ ଥିଲେ। ସଂଗଠନ ପକ୍ଷରୁ ଦାବିଗୁଡ଼ିକ ଉପରେ ସରକାର ଗୁରୁତ୍ୱ ଦେଇ ଶୀଘ୍ର ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶା ପ୍ରକାଶ କରାଯାଇଛି।

# ସେତେବେଳେ ଧର୍ମେନ୍ଦ୍ର, ଏବେ ଜ୍ଞାନେଶ କୁମାର
## ଅକ୍ଟୋବର ୧୦ରୁ ସିଜେପିର ଯନ୍ତରମନ୍ତର ୨.୦



ନୂଆଦିଲ୍ଲୀ : ଦିଲ୍ଲୀର ଯନ୍ତରମନ୍ତରକୁ ଫେରିବ କକ୍ରୋଚ ଜନତା ପାର୍ଟି ବା ସିଜେପି। ଯଦି ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଇସ୍ତଫା ନ ଦେବେ, ତା'ହେଲେ ସିଜେପି ପକ୍ଷରୁ କରାଯିବ ବଡ଼ ଆନ୍ଦୋଳନ। ଆସନ୍ତା ଅକ୍ଟୋବର ୧୦ ତାରିଖରେ ସିଜେପି ଯନ୍ତରମନ୍ତରରେ ଜ୍ଞାନେଶ ବିରୋଧୀ ଆନ୍ଦୋଳନକୁ ତୀବ୍ର କରିବ ବୋଲି ଘୋଷଣା କରିଛି। ଦିନକ ତଳେ ସିଜେପି ନେତୃତ୍ୱରେ ହଜାର ହଜାର ଜେନ୍ ଜି ମୁମ୍ବାଇର ଶିବାଜୀ ପାର୍କରେ ଏକାଠି ହୋଇ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଥିଲେ। ପୁଲିସ୍‌ର ବିନା ଅନୁମତିରେ ସିଜେପିର ବିକ୍ଷୋଭ ସମାବେଶରେ ବଡ଼ ବଡ଼ ସେଲିବ୍ରେଟିଙ୍କ ଠାରୁ ଆରମ୍ଭ କରି ଛାତ୍ର ସଂଗଠନ ସାମିଲ ହୋଇଥିଲେ। ଏବେ ସିଜେପି ଜ୍ଞାନେଶ ବିରୋଧୀ ସ୍ୱରକୁ ତୀବ୍ର କରିବା ପାଇଁ ଘୋଷଣା କରିଛି। କିଛି ମାସ ତଳେ ନିଟ୍ ପ୍ରଶ୍ନପତ୍ର ଲିକ ବିରୋଧରେ ସିଜେପି ଯନ୍ତରମନ୍ତରରେ ମାସାଧିକ କାଳ ଆନ୍ଦୋଳନ କରିଥିଲା। ସିଜେପି ଆନ୍ଦୋଳନ ଯୋଗୁ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ବାଧ୍ୟ ହୋଇ ଦେଶର ଶିକ୍ଷାମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଏବେ ସିଜେପି ଭୋଟ ଚୋରି ଓ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍ ?ଆଇଆର)ରେ ଅନିୟମିତତା ଅଭିଯୋଗ ଆଣି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଛି।

ନିର୍ବାଚନ କମିଶନରେ ସବୁ କିଛି ଠିକ ଠାକ ଚାଲି ନଥିବା ଇଣ୍ଡିଆନ ଏକ୍ସପ୍ରେସ ରିପୋର୍ଟ ପ୍ରକାଶ କରିବା ପରେ ପୂରା ଦେଶରେ ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗରେ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ବିରୋଧୀ ଦଳ ଗୁଡ଼ିକ ସମେତ ସିଜେପି ମଧ୍ୟ ଆନ୍ଦୋଳନ ଆରମ୍ଭ କରିଛି। ମୁମ୍ବାଇ ଆନ୍ଦୋଳନରେ ଶୁକ୍ରବାର ଶକ୍ତି ପ୍ରଦର୍ଶନ କରିବା ପରେ ସିଜେପି ପକ୍ଷରୁ ଯନ୍ତରମନ୍ତର ୨.୦ ସମ୍ପର୍କରେ ଘୋଷଣା କରାଯାଇଛି। ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ ଏକ୍ସରେ ଲେଖିଛନ୍ତି ଯେ "ଯଦି ଜ୍ଞାନେଶ କୁମାର ଇସ୍ତଫା ନ ଦେବେ, ତା'ହେଲେ ଦେଶର ବିଭିନ୍ନ ପ୍ରାନ୍ତର କକ୍ରୋଚମାନେ ଦିଲ୍ଲୀ ଅଭିମୁଖେ ଯିବେ ଓ ଅକ୍ଟୋବର ୧୦ରେ ଯନ୍ତରମନ୍ତରରେ ବିକ୍ଷୋଭ କରିବେ। ଯଦି ଦିଲ୍ଲୀ ପୁଲିସ୍ ଆମକୁ ଅଟକାଇବାକୁ ଚେଷ୍ଟା କରିବ, ତା'ହେଲେ ସେହି ସ୍ଥାନ ହିଁ ଆମର ଯନ୍ତରମନ୍ତର ହେବ।" ଦୀପକେ ଏହି ଘୋଷଣା କରିବା ବେଳେ ଆନ୍ଦୋଳନ ସଂପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ରହିବ ବୋଲି କହିଛନ୍ତି। ଜୁଲାଇ ୨୦ ବର୍ବରତା ରିପିଟ ବାବଦରେ ମଧ୍ୟ ସେ ଦିଲ୍ଲୀ ପୁଲିସ୍ ଓ ସରକାରଙ୍କୁ ସତର୍କ କରାଇଛନ୍ତି। ସେ କହିଛନ୍ତି, "ଆମେ ମହାତ୍ମା ଗାନ୍ଧି ଦେଖାଇଥିବା ମାର୍ଗରେ ଚାଲିବୁ। ସରକାର ଓ ଦିଲ୍ଲୀ ପୁଲିସ୍ ଆମମାନଙ୍କର ଶାନ୍ତିପୂର୍ଣ୍ଣ ଆନ୍ଦୋଳନର ଅଧିକାରୀକୁ ସମ୍ମାନ ଦେବେ ନା ଜୁଲାଇ ୨୦ ବର୍ବରତା ରିପିଟ କରିବେ, ତାହା ସେମାନଙ୍କ ଉପରେ ନର୍ଭର କରେ।"

# ବିଏସଏଫ ଗୁଳିରେ ୨ ପାକିସ୍ତାନୀ ଅନୁପ୍ରବେଶକାରୀ ନିହତ
## ଭାରତୀୟ ଦୂତଙ୍କୁ ସମନ କଲା ପାକିସ୍ତାନ



ନୂଆଦିଲ୍ଲୀ : ଗୋଟିଏ ପଟେ ଚୋରି , ଅନ୍ୟପଟେ ଏହାକୁ ନେଇ ଗର୍ବ କରିବା । ପାକିସ୍ତାନର କିଛି ଏପରି ଚେହେରା ପୁଣି ଥରେ ସାମ୍ନାକୁ ଆସିଛି । ଶନିବାର ସେ ଭାରତର ପ୍ରଭାରୀ ରାଷ୍ଟ୍ରଦୂତଙ୍କୁ ସମନ କରି ଗୋଟିଏ ଦିନ ପୂର୍ବରୁ ଭାରତୀୟ ସୀମା ସୁରକ୍ଷା ବଳ (ଇଝଋ)ର କାର୍ଯ୍ୟାନୁଷ୍ଠାନରେ ଦୁଇ ଜଣଙ୍କ ମୃତ୍ୟୁକୁ ନେଇ କଡ଼ା ବିରୋଧ କରିଛି । ପାକିସ୍ତାନ ଦାବି କରିଛି ଯେ, ସେମାନେ ସାଧାରଣ ନାଗରିକ ଥିଲେ । ଏହା ପୂର୍ବରୁ ଅଧିକାରୀମାନେ ସୂଚନା ଦେଇ ଥିଲେ ଯେ ପଞ୍ଜାବ ଅନ୍ତର୍ଜାତୀୟ ସୀମାରେ ଶୁକ୍ରବାର ଦିନ ଇଝଋର କାର୍ଯ୍ୟାନୁଷ୍ଠାନରେ ଦୁଇ ଜଣ ସନ୍ଦିଗ୍ଧ ପାକିସ୍ତାନୀ ଅନୁପ୍ରବେଶକାରୀ ନିହତ ହୋଇଥିଲେ । ଅଧିକାରୀଙ୍କ କହିବା ଅନୁଯାୟୀ, ଏହି ଘଟଣା ଅପରାହ୍ନରେ ତରନତାରନ ଜିଲ୍ଲାରେ ଘଟିଥିଲା । ପଞ୍ଜାବର ପାକିସ୍ତାନ ସହିତ ୫୫୩ କିଲୋମିଟର ଲମ୍ବ ସୀମା ରହିଛି । ପଞ୍ଜାବର ତରନତାରନସ୍ଥିତ ଭିଖିବିଣ୍ଡର ପୁଲିସ ଉପ-ଅଧୀକ୍ଷକ (ଢ଼ଝଚ) ଅତୁଲ ସୋନୀ ସୂଚନା ଦେଇଥିଲେ ଯେ, ତିନି ଜଣ ଅନୁପ୍ରବେଶକାରୀ ଭାରତୀୟ ସୀମା ଆଡ଼କୁ ବଢ଼ୁଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟରୁ ଜଣେ ପାକିସ୍ତାନ ପଟକୁ ଫେରି ଯାଇ ଥିଲା । ପାକିସ୍ତାନୀ ଅଧିକାରୀମାନେ ଦାବି କରିଛନ୍ତି ଯେ ,ନିହତ ଦୁଇ ଜଣ ସାଧାରଣ ନାଗରିକ ଥିଲେ, ଯେଉଁମାନେ ସୀମା ଆଖପାଖରେ ବୁଲୁ ଥିଲେ ଏବଂ ଅଜାଣତରେ ଅନ୍ତର୍ଜାତୀୟ ସୀମା ପାର ହୋଇ ଯାଇଥିଲେ । ଇସଲାମାବାଦ ଏହି ଖବରକୁ ଖାରଜ କରିଛି । କହିଛି ,ସେମାନେ ଅନୁପ୍ରବେଶକାରୀ ଥିଲେ । ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟ ଶନିବାର ଗୋଟିଏ ବିବୃତ୍ତିରେ କହିଛି ଯେ, ଭାରତୀୟ ପ୍ରଭାରୀ ରାଷ୍ଟ୍ରଦୂତଙ୍କୁ ବୈଦେଶିକ ମନ୍ତ୍ରଣାଳୟକୁ ଡକାଯାଇ ଦୁଇ ଜଣଙ୍କ ମୃତ୍ୟୁକୁ ନେଇ ଦୃଢ଼ ଅସନ୍ତୋଷ ବ୍ୟକ୍ତ କରାଯାଇଛି ।

# ଲଦାଖର ୨୮ଟି ସ୍ଥାନର ନାମ ବଦଳାଇଲା
## ଭାରତ, ଚୀନ୍‌କୁ ବଡ଼ ଝଟ୍‌କା



ନୂଆଦିଲ୍ଲୀ: କେନ୍ଦ୍ରଶାସିତ ଅଞ୍ଚଳ ଲଦାଖରେ ଭାରତ ସରକାର ଏକ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି । ଲଦାଖର ୨୮ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଏବଂ ଭୌଗୋଳିକ ସଂରଚନାର ନାମକୁ 'ସର୍ଭେ ଅଫ୍ ଇଣ୍ଡିଆ' ର ସରକାରୀ ମାନଚିତ୍ରରେ ମାନକ ନାମ ସହ ଅଧିକାରିକ ଭାବେ ନଥିଭୁକ୍ତ କରାଯାଇଛି । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ୨ ଅକ୍ଟୋବର ୨୦୨୬ରେ ଏହି ସୂଚନା ଦିଆଯାଇଛି । ଲଦାଖ ପ୍ରଶାସନ ସହ ବିସ୍ତୃତ ଆଲୋଚନା ପରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ଏହି ୨୮ଟି ସ୍ଥାନ ମଧ୍ୟରେ ପାହାଡ଼ ଚୂଡ଼ା, ଗିରିପଥ, ଗ୍ଲେସିୟର, ଉପତ୍ୟକା ଏବଂ ଅନ୍ୟାନ୍ୟ ଭୌଗୋଳିକ କ୍ଷେତ୍ର ସାମିଲ ରହିଛି । ସରକାରଙ୍କ ସୂଚନା ଅନୁଯାୟୀ, 'ଅତିଶା ଗିରି' ନାମକ ପାହାଡ଼ ଚୂଡ଼ା, 'ବ୍ରାଙ୍ଗସା' ନାମକ ଭୂଖଣ୍ଡ ଏବଂ 'ଚପଚିଙ୍ଗଲ ପ୍ରାସ୍' ଭଳି ସ୍ଥାନଗୁଡ଼ିକୁ ଏବେ ସରକାରୀ ନଥିପତ୍ର ଓ ନକ୍ସାରେ ସ୍ପଷ୍ଟ ଭାବେ ଦର୍ଶାଯାଇଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସରକାରୀ ରେକର୍ଡରେ ସମାନତା ଆଣିବା, ସଠିକ୍ ପରିଚୟ ସୃଷ୍ଟି କରିବା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଏହି ସ୍ଥାନଗୁଡ଼ିକର ଭୌଗୋଳିକ ମହତ୍ତ୍ୱ ବିଷୟରେ ସଚେତନତା ବୃଦ୍ଧି କରିବା । ଲଦାଖର ଉତ୍ତର ଓ ପୂର୍ବ ସୀମା ଭାରତ ଏବଂ ଚୀନ୍ ମଧ୍ୟରେ ଦୀର୍ଘ ଦିନରୁ ବିବାଦୀୟ ରହିଆସିଛି । ଏଭଳି ସ୍ଥିତିରେ କୌଣସି ଅଞ୍ଚଳର ସଠିକ୍ ଭୌଗୋଳିକ ପରିଚୟକୁ ସରକାରୀ ମାନଚିତ୍ରରେ ଦର୍ଶାଇବା ପ୍ରଶାସନିକ ଓ ସାମରିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେକରାଯାଏ । ଯଦିଓ ଗୃହ ମନ୍ତ୍ରଣାଳୟ ଏହାକୁ ଚୀନ ସହ ବିବାଦ ସହ ସିଧାସଳଖ ଯୋଡ଼ିନାହିଁ, ତଥାପି ଏହା ଭାରତର ଦାବିକୁ ଅଧିକ ମଜବୁତ କରୁଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି । ସୀମାନ୍ତ ଅଞ୍ଚଳର ସ୍ଥାନଗୁଡ଼ିକୁ ସର୍ଭେ ଅଫ୍ ଇଣ୍ଡିଆ ନକ୍ସାରେ ସାମିଲ କରିବାରେ ଏହା ପ୍ରଥମ ଘଟଣା ନୁହେଁ । ଏହାପୂର୍ବରୁ ଅଗଷ୍ଟ ୨୦୨୬ରେ ଭାରତ ସରକାର ଅରୁଣାଚଳ ପ୍ରଦେଶର ୨୭ଟି ଭୌଗୋଳିକ ସ୍ଥାନର ନାମକୁ ମଧ୍ୟ ଆଧିକାରିକ ମାନଚିତ୍ରରେ ନଥିଭୁକ୍ତ କରିଥିଲେ ।

# ପାର୍ କରି ଭାରତରେ ପଶିଲେ ମହିଳା

ଜମ୍ମୁକାଶ୍ମୀର, ୩।୧୦: ଜମ୍ମୁ-କାଶ୍ମୀରର ରାଜୌରୀ ଜିଲ୍ଲାସ୍ଥିତ ଖକ୍କଡ ନିକଟରେ ଏକ ଅନୁପ୍ରବେଶ ଉଦ୍ୟମ ସାମ୍ନାକୁ ଆସିଛି । ନୌଶେରା ସେକ୍ଟରରେ ନିୟୋଜିତ ଭାରତୀୟ ସେନା ଯବାନମାନେ ସୀମା ପାର୍ କରି ଭାରତୀୟ ଭୂଖଣ୍ଡକୁ ପଶି ଆସିଥିବା ଜଣେ ପାକିସ୍ତାନ ଅଧିକୃତ କାଶ୍ମୀରର ମହିଳାଙ୍କୁ ଅଟକ ରଖିଛନ୍ତି । ଲାମ୍ ଅଞ୍ଚଳରେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ବେଳେ ସେନାର ନିୟମିତ ପାଟ୍ରୋଲିଂ ଟିମ୍ ତାଙ୍କୁ କାବୁ କରିଥିଲା । ସୂଚନା ଅନୁଯାୟୀ, ନୌଶେରା ସେକ୍ଟରର ଲାମ୍ ଅଞ୍ଚଳରେ ଭାରତୀୟ ସେନାର ଗୋଟିଏ ଗସ୍ତକାରୀ ଦଳ ନିୟମିତ କଡ଼ା ନଜର ରଖିଥିଲେ । ଏହି ସମୟରେ ଜଣେ ମହିଳା ସୀମା ପାର୍ ହୋଇ ଭାରତୀୟ ଭୂଖଣ୍ଡ ଆଡ଼କୁ ଆସୁଥିବା ଯବାନମାନଙ୍କ ନଜରରେ ପଡ଼ିଥିଲା । ଅତ୍ୟନ୍ତ ସମ୍ବେଦନଶୀଳ ସୀମାନ୍ତ ଅଞ୍ଚଳ ହୋଇଥିବାରୁ, ସେନା ଯବାନମାନେ କୌଣସି ବିଳମ୍ବ ନକରି ତୁରନ୍ତ ତାଙ୍କୁ ଘେରି ଯାଇ ଅଟକ ରଖିଥିଲେ ଏବଂ ପ୍ରାଥମିକ ପଚରାଉଚରା କରିଥିଲେ । ସେନା ଦ୍ୱାରା ପ୍ରାଥମିକ ଜେରା ସମୟରେ ଅଟକ ମହିଳାଙ୍କ ପରିଚୟ ସ୍ପଷ୍ଟ ହୋଇଛି । ସେ ପାକିସ୍ତାନ ଅଧିକୃତ କାଶ୍ମୀରର ଖୁଇରେଟା ଅଞ୍ଚଳର ମହମ୍ମଦ ଅଜିମ୍ ?ଙ୍କ ଝିଅ ସାମିଆ ଅଜିମ୍ ବୋଲି ଜଣାପଡ଼ିଛି । ସେନାର ପ୍ରାଥମିକ ପଚରାଉଚରା ଶେଷ ହେବା ପରେ, ମହିଳାଙ୍କୁ ଅଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ତଦନ୍ତ ପାଇଁ ନୌଶେରା ପୁଲିସ ହାତରେ ଟେକି ଦିଆଯାଇଛି । ପୁଲିସ ଜେରା ସମୟରେ ମହିଳା ଜଣକ ଦାବି କରିଛନ୍ତି ଯେ, ସେ କୌଣସି ଖରାପ ଉଦ୍ଦେଶ୍ୟରେ ଆସିନାହାନ୍ତି, ବରଂ ଅଜାଣତରେ ଓ ଭୁଲ୍ ?ବଶତଃ ସୀମା ରେଖା ଅତିକ୍ରମ କରି ଭାରତୀୟ ସୀମା ଭିତରକୁ ପଶି ଆସିଥିଲେ । ରାଜୌରୀ-ପୁଞ୍ଛ ସୀମାନ୍ତ ଅଞ୍ଚଳ ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ସୁରକ୍ଷା ବାହିନୀ ଓ ଗୁଇନ୍ଦା ଏଜେନ୍ସିଗୁଡ଼ିକ ଏହି ଘଟଣାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇଛନ୍ତି । ମହିଳା ଜଣକ ପ୍ରକୃତରେ ଭୁଲ୍ ?ରେ ସୀମା ପାର୍ ହୋଇଛନ୍ତି ନା ଏହା ପଛରେ କୌଣସି ଗୁପ୍ତଚର କିମ୍ବା ଆତଙ୍କବାଦୀ ସଂଗଠନର ଷଡ଼ଯନ୍ତ୍ର ରହିଛି, ସେ ନେଇ ବିଭିନ୍ନ କୋଣରୁ ତଦନ୍ତ ଜାରି ରହିଛି ।

# କଙ୍ଗୋରେ ମାରାତ୍ମକ ଇବୋଲାର ନୂଆ ପ୍ରଜାତି;
## ୮,୩୦୦ରୁ ଅଧିକ ଆକ୍ରାନ୍ତ, ୪,୦୧୮ ମୃତ

ନୂଆଦିଲ୍ଲୀ, ୧୦।୨: ଆଫ୍ରିକୀୟ ଦେଶ କଙ୍ଗୋରେ ଭୟଙ୍କର ରୂପ ଧାରଣ କରିଛି ମାରାତ୍ମକ 'ଇବୋଲା' ଭାଇରସ୍ । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଏହି ପ୍ରକୋପରେ ଏ ପର୍ଯ୍ୟନ୍ତ ୪,୦୧୮ ଜଣଙ୍କର ମୃତ୍ୟୁ ହୋଇସାରିଥିବା ବେଳେ ୮,୩୦୦ରୁ ଅଧିକ ଆକ୍ରାନ୍ତ ହୋଇଛନ୍ତି । ବିଶେଷଜ୍ଞଙ୍କ ମତରେ, ଇବୋଲା ଇତିହାସରେ ଏହା ସବୁଠାରୁ ଦ୍ରୁତ ଗତିରେ ବ୍ୟାପୁଥିବା ସଂକ୍ରମଣ ପାଲଟିଥିବାରୁ ଏହା ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା (ଡବ୍ଲ୍ୟୁଏଚଓ) ଏବଂ ସ୍ଥାନୀୟ ପ୍ରଶାସନର ଚିନ୍ତା ବଢ଼ାଇଦେଇଛି । କଙ୍ଗୋ ସରକାର ଗତ ମେ' ୧୫ ତାରିଖରେ ଇବୋଲା ସଂକ୍ରମଣ ନେଇ ଆନୁଷ୍ଠାନିକ ଘୋଷଣା କରିଥିଲେ । ଏଥର ଇବୋଲାର ଏକ ବିରଳ ପ୍ରଜାତି 'ବଣ୍ଡିବୁଗ୍ ?ୟୋ' ଭାଇରସର ମାମଲା ସାମ୍ନାକୁ ଆସିଛି । ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଏହି ଭାଇରସ୍ ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି ନିର୍ଦ୍ଦିଷ୍ଟ ପ୍ରଭାବଶାଳୀ ଚିକିତ୍ସା କିମ୍ବା ମାନ୍ୟତାପ୍ରାପ୍ତ ଟିକା ଉପଲବ୍ଧ ନାହିଁ, ଯାହା ସଂକ୍ରମଣ ରୋକିବାରେ ବଡ଼ ବାଧକ ସାଜିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଚେତାବନୀ ଦେଇଛି ଯେ, ଏହି ଭାଇରସ୍ ଦ୍ରୁତ ଗତିରେ ନୂଆ ନୂଆ ଅଞ୍ଚଳକୁ ବ୍ୟାପିବାରେ ଲାଗିଛି । ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସୀମିତ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ଚାପ ପଡୁଛି । ବିଶେଷଜ୍ଞଙ୍କ ଅନୁଯାୟୀ, ଇବୋଲା ଏକ ଅତ୍ୟନ୍ତ ମାରାତ୍ମକ ଭୂତାଣୁଜନିତ ରୋଗ, ଯାହା ସଂକ୍ରମିତ ବ୍ୟକ୍ତିଙ୍କ ଶରୀରର ତରଳ ପଦାର୍ଥ ଯେପରିକି ରକ୍ତ, ଝାଳ, ଲାଳ ଆଦି ସଂସ୍ପର୍ଶରେ ଆସିଲେ ବ୍ୟାପିଥାଏ । ଠିକ୍ ସମୟରେ ଚିକିତ୍ସା ନମିଳିଲେ ମୃତ୍ୟୁ ନିଶ୍ଚିତ ହୋଇଥାଏ । 'ଆଫ୍ରିକା ଉଉଉ'ର ରିପୋର୍ଟ ଅନୁଯାୟୀ, ଗତ କିଛି ଦିନ ହେବ ନୂଆ ସଂକ୍ରମିତଙ୍କ ସଂଖ୍ୟାରେ ସାମାନ୍ୟ ହ୍ରାସ ଦେଖିବାକୁ ମିଳିଛି । ତେବେ ଅଶାନ୍ତ ପରିବେଶ ଏବଂ କେତେକ ସ୍ଥାନୀୟ ସମ୍ପ୍ରଦାୟର ଅସହଯୋଗ କାରଣରୁ ପ୍ରକୃତ ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା ସାମ୍ନାକୁ ଆସିପାରୁ ନାହିଁ । ଅନେକ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟକର୍ମୀମାନେ ପହଞ୍ଚିବାରେ ବିଫଳ ହେଉଥିବାରୁ ସ୍ଥିତି ଆହୁରି ଜଟିଳ ହେବାରେ ଲାଗିଛି ।

# ଫାର୍ମା କମ୍ପାନୀରେ ଭୟଙ୍କର ବିସ୍ଫୋରଣ
## ୪ ମୃତ, ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ

ଆନ୍ଧ୍ରପ୍ରଦେଶ : ଆନ୍ଧ୍ରପ୍ରଦେଶର ତିରୁପତି ଜିଲ୍ଲାରେ ଥିବା ଏକ ଘରୋଇ ଫାର୍ମା କମ୍ପାନୀରେ ବଡ଼ ଧରଣର ଦୁର୍ଘଟଣା ଘଟିଛି। କମ୍ପାନୀରେ ଥିବା ଏକ ବଏଲର ବିସ୍ଫୋରଣ ହେବାରୁ ୪ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ଅନ୍ୟ କେତେକ କର୍ମଚାରୀ ଆହତ ହୋଇଥିବା ବେଳେ ଜଣେ ଗୁରୁତର ଆହତଙ୍କ ଚିକିତ୍ସା ଜାରି ରହିଛି। ଶନିବାର ସକାଳ ପ୍ରାୟ ୮ଟା ସମୟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ତିରୁପତି ଜିଲ୍ଲାର ସତ୍ୟବେଡୁ ମଣ୍ଡଳ ଅନ୍ତର୍ଗତ ଶ୍ରୀ ସିଟି ସ୍ପେଶାଲ୍ ଇକୋନୋମିକ୍ ଜୋନ୍ (ଝରତ)ରେ ଥିବା ଏକ ଘରୋଇ ଶିଳ୍ପାନୁଷ୍ଠାନରେ ଏହି ବିସ୍ଫୋରଣ ଘଟିଛି। ବଏଲରଟି ହଠାତ୍ ବିସ୍ଫୋରଣ ହେବାରୁ କାରଖାନା ପରିସରରେ ଆତଙ୍କ ଖେଳିଯାଇଥିଲା। ସେହି ସମୟରେ ନାଇଟ୍ ସିଫ୍ଟରେ କାମ କରୁଥିବା ଅନେକ କର୍ମଚାରୀ ଏଥିରେ ଫସି ଯାଇଥିଲେ। ଅଧିକାରୀଙ୍କ ସୂଚନା ଅନୁସାରେ, ବିସ୍ଫୋରଣ ଘଟିବା ପରେ ଦୁଇ ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ସେଠାରେ ସେମାନଙ୍କର ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ଆହତଙ୍କ ଚିକିତ୍ସା ଚାଲିଛି। ତେବେ ଦୁର୍ଘଟଣାରେ ମୋଟ କେତେ ଜଣ ଆହତ ହୋଇଛନ୍ତି, ସେ ସମ୍ପର୍କରେ ସବିଶେଷ ତଥ୍ୟ ଏଯାଏଁ ମିଳିନାହିଁ।

ଘଟଣା ସମ୍ପର୍କରେ ଖବର ପାଇ ପୁଲିସ ଓ ଜରୁରୀକାଳୀନ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତମାନଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ପଠାଇବା ସହ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବିସ୍ଫୋରଣର ପ୍ରକୃତ କାରଣ କ'ଣ, ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ। ତଦନ୍ତ ପରେ ସ୍ପଷ୍ଟ ହେବ।

# ଅଲ-କାଏଦା ଆତଙ୍କବାଦୀଙ୍କ ଫଟୋ, ଓମାନ ଏୟାରରୁ ବିଦା
## ସାମ୍ନାକୁ ଆସିଲା ଫ୍ଲାଏଦୁବାଇ ସହ ପାଇଲଟଙ୍କ ସାଂଘାତିକ ଖେଳ



ସୋଶାଲ ମିଡିଆରେ ଅଲକାଏଦା ଆତଙ୍କବାଦୀମାନଙ୍କ ଫଟୋକୁ ପସନ୍ଦ କରୁଥିଲା, ମୌଳବାଦୀ ଚିନ୍ତାଧାରେ ପ୍ରଭାବିତ ୱେବସାଇଟ୍‌କୁ ନିୟମିତ ଯାଉଥିଲା ଓ ବିବାଦୀୟ ଚିନ୍ତାଧାରା ଯୋଗୁ ଓମାନର ଜାତୀୟ ଏୟାରରୁ ତଡ଼ା ବି ଖାଇଥିଲା। ଇସ୍ରାଏଲ ଯାଉଥିବା ଫ୍ଲାଏଦୁବାଇ ବିମାନକୁ ୯/୧୧ ଷ୍ଟାଇଲରେ କ୍ରାଶ କରାଇବାକୁ ଚାହୁଁଥିବା ଓମାନର ସହ ପାଇଲଟଙ୍କ ସମ୍ପର୍କରେ ଆସିଛି ସାଂଘାତିକ ଖେଳ। ଦୁବାଇରୁ ବୁଧବାର ସକାଳେ ତେଲ ଅଭିଭ୍ ଯାଉଥିବା ଫ୍ଲାଏଦୁବାଇ ବିମାନ ମଝି ଆକାଶରେ ଥିବା ବେଳେ ଘଟିଥିଲା ହାଇଡ୍ରାମା। ବିମାନଟି ୩୪ ହଜାର ଫୁଟ ଉପରେ ଥିବା ବେଳେ କକପିଟ୍‌ରେ ଭାରତୀୟ କ୍ୟାପଟ୍ଟେନ୍ ସ୍ମିତ୍ ମଚ୍ଛାରଙ୍କୁ ଆକ୍ରମଣ କରିଥିଲା ସହ ପାଇଲଟ୍ ହାମାମ୍ ଅଲହାମ୍ମାମି। ସେ ଜଣେ ଓମାନ ନାଗରିକ ହୋଇଥିବା ବେଳେ ଇସ୍ରାଏଲର ନାଗରିକଙ୍କୁ ନେଇ ଯାଉଥିବା ଲୋକଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲା। କିନ୍ତୁ ଭାରତୀୟ ପାଇଲଟ ମଚ୍ଛାରଙ୍କ ସାହାସ ଓ କିଛି ଯାତ୍ରୀଙ୍କ ସହାୟତା ଯୋଗୁ ବିମାନ କ୍ରାଶ କରିବା ପାଇଁ ହାମାମ ରଚିଥିବା ଖେଳରେ ପାଣି ପଡ଼ି ଯାଇଥିଲା। ଘଟଣା ପରେ ହାମାମକୁ ଗିରଫ କରାଯାଇଛି। ଏବେ ତା' ସମ୍ପର୍କରେ ନେକ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ସୂଚନା ଅନୁସାରେ ହାମାମ ମୌଳବାଦୀ ଚିନ୍ତାଧାରାରେ ପ୍ରଭାବିତ ହୋଇଥିଲା। ସେ ଅଧିକାଂଶ ସମୟ ୟୁଏଇରେ ରହିଥିଲା ଓ ତା' ମା' ଜଣେ ସିରିୟାନ। ସେ ମୌଳବାଦୀ ଚିନ୍ତାଧାରାର ପ୍ରଭାବରେ ଆସିଥିଲା। ୨୦୨୪ରେ ହାମାମ ଓମାନ୍ ଏୟାରରେ କୋ-ପାଇଲଟ୍ ଟ୍ରେନି ଭାବେ କାମ କରୁଥିଲା। ସେହି ସମୟରେ ତାଙ୍କ ପାଖରୁ ଅନେକ ଆପତ୍ତିଜନକ ସାମଗ୍ରୀ ମିଳିଥିଲା। ଏଥିପାଇଁ ସୁରକ୍ଷା ଦୃଷ୍ଟିରୁ ତା' ବିରୋଧରେ ନିଆଯାଇଥିଲା କାର୍ଯ୍ୟାନୁଷ୍ଠାନ। ହାମାମର ବିମାନ ଚଳାଇବା ଉପରେ କଟକଣା ଲଗାଯାଇଥିଲା। ତେବେ ୨୦୨୫ରେ ସେ ଫ୍ଲାଏଦୁବାଇରେ ଚାକିରି ପାଇଥିଲା। ସେହିପରି ତା' ନାଁରେ ଥିବା ସୋଶାଲ ମିଡିଆରୁ ଦୁଇଟି ଆତଙ୍କବାଦ ସମ୍ପର୍କିତ ପୋଷ୍ଟ କରାଯାଇଥିବା ଜଣାପଡ଼ିଛି।

କୁହାଯାଉଛି ଯେ ଆ ହାମାମ ତା' ଜୀବନର ଅଧିକାଂଶ ସମୟ ୟୁଏଇରେ କାଟିଛି। ସେ ଓମାନ ନାଗରିକ ହୋଇଥିଲେ ହେଁ ଏଯାଏ ସ୍ଥାନୀୟ ସରକାର କିଛି ବି କହି ନାହାନ୍ତି। ସେହିପରି ସେ ଦ୍ୱୈତନାଗରିକତା ରଖିଥିବା ମଧ୍ୟ ଚର୍ଚ୍ଚା ହେଉଛି। ଯଦି ଏହା ସତ, ତା'ହେଲେ ଇସ୍ରାଏଲ ଯାଉଥିବା ବିମାନରେ ତା'କୁ କେମିତି ସେବା ଯୋଗାଇବାକୁ ଅନୁମତି ମିଳିଥିଲା? ଇସ୍ରାଏଲ ସହ ଓମାନର କୌଣସି କୂଟନୀତିକ ସମ୍ପର୍କ ନାହିଁ। ଅବ୍ରାହମ ଚୁକ୍ତି ଯୋଗୁ ୨୦୨୦ରେ ଇସ୍ରାଏଲ ଓ ୟୁଏଇ ସମ୍ପର୍କ ସ୍ୱାଭାବିକ ହୋଇଥିଲା। କିନ୍ତୁ ମଧ୍ୟପ୍ରାଚ୍ୟର ପାଇଲଟଙ୍କୁ ଇସ୍ରାଏଲ ଯାଉଥିବା ବିମାନ ଚଳାଇବାକୁ କଟକଣା ରହିଛି। ଫ୍ଲାଏଦୁବାଇରେ ସେ ୮ ମାସ ତଳେ ଯୋଗ ଦେଇଥିଲା। ଏହା ପୂର୍ବରୁ ସେ ଓମାନ ଏୟାର ଓ ରୟାଲ ଏୟାର ମରୋକରେ କାମ କରୁଥିଲା। ଓମାନ ଏୟାରରେ ଥିବା ବେଳେ ନିଜର ମୌଳବାଦୀ ଚିନ୍ତାଧାରା ଯୋଗୁ ସେ ବିବାଦକୁ ଆସିଥିଲା।

# ପାକିସ୍ତାନଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଲା ଭାରତୀୟ କ୍ରିକେଟ ଦଳ

**ନୂଆଦିଲ୍ଲୀ,୩।୧୦ :** ବଲ୍ ପଡୁଥାଏ। ଛାତି ଧକ୍ ଧକ୍ ହେଉଥାଏ। ପ୍ରଶଂସକଙ୍କ ହୃଦୟ ସ୍ପନ୍ଦନ ବଢିଯାଇଥିଲା। ଗୋଟିଏ ବଲ୍ ଗୋଟିଏ ବଲ୍ ମ୍ୟାଚକୁ ରୋମାଞ୍ଚକର କରୁଥିଲା। ଶେଷରେ ପରିଣାମ ଭାରତ ସପକ୍ଷରେ। ଭାରତ ଡିଫେଣ୍ଡି ଚାମ୍ପିଅନ୍ ଥିଲା ଚାମ୍ପିଅନ୍ ରହିଲା। ମହିଳାଙ୍କ ପରେ କ୍ରିକେଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ପୁରୁଷ ଟିମ୍। କ୍ରିକେଟରେ ଡବଲ୍ ଗୋଲ୍ଡ ମେଡାଲ୍ ହାତେଇଛି ଭାରତ। ସ୍ୱର୍ଣ୍ଣ ପଦକ ଲକ୍ଷ୍ୟ ନେଇ ଜାପାନର କୋରୋଗି ସ୍ପୋର୍ଟ୍ସ ପାର୍କରେ ମୁହାଁମୁହିଁ ହୋଇଥିଲେ ପାରମ୍ପରିକ ପ୍ରତିଦ୍ୱନ୍ଦୀ ଭାରତ-ପାକିସ୍ତାନ। ପାକିସ୍ତାନକୁ ୧୯ ରନରେ ହରାଇ ସ୍ୱର୍ଣ୍ଣିମ ବିଜୟ ହାସଲ କରିଛି ଟିମ୍ ଆୟର। ପ୍ରଥମେ ବ୍ୟାଟିଂ କରି ଟିମ୍ ଇଣ୍ଡିଆ ୨୧୧ରନ୍ କରିଥିଲା। ଭାରତର ଅଭିଷେକ ଶର୍ମା ଏବଂ ତିଲକ ବର୍ମା ଧୂଆଁଧାର ଇନିଂସ ଖେଳିଥିଲେ। ବୋଲିଂରେ ଅକ୍ଷର ପଟେଲ୍, ୱାସିଂଟନ ସୁନ୍ଦର ଏବଂ ଶିବମ ଦୁବେଙ୍କ ମ୍ୟାଜିକ୍ ଦେଖିବାକୁ ମିଳିଥିଲା। କ୍ରିକେଟ୍‌ରେ ଗୋଲ୍ଡ ସହ ଭାରତ ପାଇଁ ୧୯ତମ୍ ଗୋଲ୍ଡ ମେଡାଲ୍ ଜିତିଛି ଟିମ୍ ଆୟର। ଭାରତ ପାଖରେ ଏ ପର୍ଯ୍ୟନ୍ତ ୮୧ ପଦକ ରହିଛି। ୨୧୨ ରନ୍ ବିଜୟ ଲକ୍ଷ୍ୟ ନେଇ ଇନିଂସ ଆରମ୍ଭ କରିଥିଲା ଭାରତ। ପାକିସ୍ତାନ ମାତ୍ର ୩୯ ରନ୍ ରେ ୩ ୱିକେଟ୍ ହରାଇଥିଲା। ଏହା ପରେ ହାସନ ନୱାଜ ଏବଂ ସାମ ଆୟୁବ ୮୭ ରନର ଭାଗୀଦାରୀ କରି ଟିମ୍ ଇଣ୍ଡିଆ ଏବଂ ଏହାର ପ୍ରଶଂସକଙ୍କ ହୃଦୟ ସ୍ପନ୍ଦନ ବଢାଇ ଦେଇଥିଲେ। ଆୟୁବ ଓ ହାସନ କ୍ରିଜରେ ଥିବାରୁ ଭାରତ ପରାଜୟ ଆଡକୁ ଗତି କରୁଥିବା ପରି ମନେ ହେଉଥିଲା। ୧୫ ତମ ଓଭରରେ ଶିବମ ଦୁବେ ସାମ ଆୟୁବଙ୍କୁ ପାଭିଲିୟନ ପଠାଇ ଟିମ୍ ଇଣ୍ଡିଆକୁ ପ୍ରତ୍ୟାବର୍ତ୍ତନ କରିବାର ସୁଯୋଗ ଦେଇଥିଲେ। ସେହିଠାରୁ ପାକିସ୍ତାନ ଦଳର ପତନ ଆରମ୍ଭ ହୋଇଥିଲା। ହାସନ ନୱାଜ ଶେଷ ଓଭର ପର୍ଯ୍ୟନ୍ତ ରହି ୯୬ ରନ୍ କରିଥିଲେ। ମୋଟା ମୋଟି ଭାବେ କହିବାକୁ ଗଲେ ହାସନଙ୍କଙ୍କ କବଳରୁ ଅଳ୍ପକେ ବଞ୍ଚି ଯାଇଛି ଟିମ୍ ଇଣ୍ଡିଆ। ଭାରତ ପକ୍ଷରୁ ୱାସିଂଟନ ସୁନ୍ଦର, ଅକ୍ଷର ପଟେଲ୍ ଏବଂ ଶିବମ ଦୁବେ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ପାକିସ୍ତାନ ୬ ୱିକେଟ୍ ହରାଇ ୧୯୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ଭାରତ ୧୯ ରନରେ ଐତିହାସିକ ବିଜୟ ହାସଲ କରି ସ୍ୱର୍ଣ୍ଣ ପଦକ ଜିତିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଅଧିନାୟକ ଶ୍ରେୟାସ ଆୟର। ବୈଭବ ସୂର୍ଯ୍ୟବଂଶୀ ଏବଂ ଅଭିଷେକ ଶର୍ମା ଓପନିଂ କରିଥିଲେ। ବୈଭବ ଫ୍ୟାନ୍ସଙ୍କୁ ନିରାଶ କରିଥିଲେ। ସେ ୨ଟି ଛକା ବଲରେ ୯ଟି ବଲ ଖେଳି ୧୫ ରନ୍ କରିଥିଲେ। କିନ୍ତୁ ଅଭିଷେକଙ୍କ ବିସ୍ଫୋରଣ ଦେଖିବାକୁ ମିଳିଥିଲା। ସେ ପାକିସ୍ତାନ ବୋଲରଙ୍କୁ ପ୍ରହାର କରିଥିଲେ। ଚୌକା-ଛକା ବର୍ଷା କରିଥିଲେ। ୨୦ ବଲରେ ବିସ୍ଫୋଟକ ଅର୍ଦ୍ଧଶତକ ହାସଲ କରିଥିଲେ। ୨୮ ବଲରେ ମୋଟ୍ ୬୧ ରନ୍ କରିଥିଲେ। ଯେଉଁଥିରେ ୩ଟି ଚୌକା ଏବଂ ୭ଟି ଛକା ସାମିଲ। ଅନ୍ୟ ମାନଙ୍କ ମଧ୍ୟରେ ସଞ୍ଜୁ ସାମସନ ନିରାଶ କରିଥିଲେ। ସେ ୪ ବଲ ଖେଳି ୨ ରନ୍ କରିଥିଲେ। ଅଧିନାୟକ ଶ୍ରେୟାସ ଆୟର ୨୪ ବଲରେ ୨୧ ରନ୍ କରିଥିଲେ।



# ବୈଭବ ସୂର୍ଯ୍ୟବଂଶୀ ସବୁଠାରୁ ଯୁବ ଭାରତୀୟ ଗୋଲ୍ଡ ମେଡାଲିଷ୍ଟ

**ନୂଆଦିଲ୍ଲୀ,୩।୧୦ :** ଭାରତୀୟ କ୍ରିକେଟର ସେନସେସନ୍ ବୈଭବ ସୂର୍ଯ୍ୟବଂଶୀ ବହୁତ କମ୍ ବୟସରେ ଆଉ ଏକ ଐତିହାସିକ ରେକର୍ଡ଼ କରିଛନ୍ତି ଯାହା କେବଳ କ୍ରିକେଟ୍ ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ସମଗ୍ର ଭାରତୀୟ କ୍ରୀଡ଼ା ଇତିହାସରେ ରେକର୍ଡ଼ ହୋଇଛି। ଏସିଆନ ଗେମ୍ସ ୨୦୨୬ର ପୁରୁଷ କ୍ରିକେଟ ଫାଇନାଲରେ ଭାରତ ପାକିସ୍ତାନକୁ ହରାଇ ଗୋଲ୍ଡ ମେଡାଲ ଜିତିଛି। ଏହାସହ ବୈ?ଭବ ଏସିଆନ ଗେମ୍ସର ଇତିହାସରେ ଗୋଲ୍ଡ ମେଡାଲ ଜିତିଥିବା ସବୁଠାରୁ ଯୁବ ଭାରତୀୟ ଆଥଲେଟ୍ ହୋଇଯାଇଛନ୍ତି। କେବଳ ୧୫ବର୍ଷ ୬ମାସ ଏବଂ ୧୦ଦିନ ବୟସରେ ପୋଡ଼ିୟମର ଟପରେ ଛିଡ଼ା ହୋଇ ବୈଭବ ସୂର୍ଯ୍ୟବଂଶୀ ଷ୍ଟାର୍ ସୁଟର ସୌରଭ ଚୌଧୁରୀଙ୍କ ୮ବର୍ଷ ପୁରୁଣା ରେକର୍ଡ଼ ଧ୍ୱଂସ କରିଦେଇଛନ୍ତି। ଏହା ପୂର୍ବରୁ ଏହି ରେକର୍ଡ଼ ସୁଟର ସୌରଭ ଚୌଧୁରୀଙ୍କ ନାମରେ ଥିଲା। ଯିଏ ୨୦୧୮ରେ ଏସିଆନ ଗେମ୍ସରେ ୧୬ବର୍ଷ ବୟସରେ ୧୦ମିଟର ଏୟର ପିସ୍ତଲ ଇଭେଣ୍ଟରେ ଗୋଲ୍ଡ ଜିତିଥିଲେ। ଏସିୟ କ୍ରୀଡ଼ାରେ କୌଣସି ମେଡାଲ ଜିତିବା ମାମଲାରେ ବୈଭବ ସୂର୍ଯ୍ୟବଂଶୀ ଭାରତର ଦ୍ୱିତୀୟ ସବୁଠାରୁ ଯୁବ ମେଡାଲ ବିଜେତା ହୋଇଛନ୍ତି। ଏହି ରେକର୍ଡ଼ ସ୍ପିଡ୍ ସ୍କେଟର୍ ସଞ୍ଜନା ବାଥୁଲାଙ୍କ ନାମରେ ଅଛି, ଯିଏ ହାଙ୍ଗଝୁ ୨୦୨୩ରେ ୧୫ ବର୍ଷ ୩ମାସ ଏବଂ ୧୧ଦିନ ବୟସରେ ମହିଳା ସ୍ପିଡ୍ ସ୍କେଟିଂ ୩୦୦୦ମିଟର ରିଲେରେ ବ୍ରୋଞ୍ଜ ମେଡାଲ ଜିତିଥିଲେ।



# ଟୀରନ୍ଦାଜରେ ୫ମ ଗୋଲ୍ଡ ଜିତିଲେ କୁମ୍‌କୁମ୍

**ନୂଆଦିଲ୍ଲୀ,୩।୧୦ :** ଜାପାନରେ ଚାଲିଥିବା ୨୦ତମ ଏସିଆନ ଗେମ୍ସ ଶନିବାର ସ୍ୱର୍ଣ୍ଣ ଅଭିଯାନ ଆରମ୍ଭ ହୋଇଛି। ତୀରନ୍ଦାଜ ମହିଳା ବ୍ୟକ୍ତିଗତ ଫାଇନାଲରେ କାମଲ୍ କରିଛନ୍ତି ୧୭ ବର୍ଷୀୟ କୁମ୍‌କୁମ୍ ମାହୋଦ। ଐତିହାସିକ ରିକର୍ଭ ତୀରନ୍ଦାଜ



ଫାଇନାଲରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି କୁମକୁମ। ଦକ୍ଷିଣ କୋରିଆର ଓହ ୟେଜିନଙ୍କ ବିପକ୍ଷରେ କୁମ୍‌କୁମ୍ ମାହୋଦ ୮ ଓ ୧୦ ସ୍କ?ାର କରିଥିଲେ। ଏସୀୟ କ୍ରୀଡା ଅଭିଯୋନରେ କୁମକୁମଙ୍କର ଏହା ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଏବଂ ମହିଳା ରିକର୍ଭ ବ୍ୟକ୍ତିଗତ ଇଭେଣ୍ଟରେ ଭାରତର ପ୍ରଥମ ସ୍ୱର୍ଣ୍ଣ ପଦକ। ଚଳିତ ବର୍ଷ ତୀରନ୍ଦାଜରେ ଏହା ଭାରତର ପଞ୍ଚମ ଗୋଲ୍ଡ ମେଡାଲ। ୧୭ ବର୍ଷୀୟ କୁମକୁମ୍ ମହିଳା ବ୍ୟକ୍ତିଗତ ରିକର୍ଭ ଫାଇନାଲରେ ୫-୫ ଗୋଲରେ ଟାଇ ହେବା ପରେ ଦକ୍ଷିଣ କୋରିଆର ଓହ ୟେଜିନଙ୍କୁ ୧୦-୮ ଗୋଲରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏସୀୟ କ୍ରୀଡ଼ା ୨୦୨୬ରେ ଭାରତର ମହିଳା ତୀରନ୍ଦାଜ କୁମକୁମ ମହୋଦ ଯାହା କରିଛନ୍ତି ତାହା ଏକ ଐତିହାସିକ ଉପଲବ୍ଧି। ସେ ଅଲିମ୍ପିକ୍ ଟିକେଟ୍ ହାସଲ କରିଛନ୍ତି। ସ୍ୱର୍ଣ୍ଣ ପଦକ ଉପରେ ତୀର ନିକ୍ଷେପ କରାଯାଇଛି। ୧୭ ବର୍ଷୀୟା କୁମକୁମ୍ ମହିଳା ରିକର୍ଭ ବ୍ୟକ୍ତିଗତ ଇଭେଣ୍ଟରେ ଭାରତକୁ ଗୌରବାନ୍ୱିତ କରିଛନ୍ତି। ସେ ହେଉଛନ୍ତି ପ୍ରଥମ ଭାରତୀୟ ମହିଳା ତୀରନ୍ଦାଜ ଯିଏକି ଏସୀୟ କ୍ରୀଡ଼ାରେ ରିକର୍ଭ ବ୍ୟକ୍ତିଗତ ଇଭେଣ୍ଟର ଫାଇନାଲ ଖେଳି ଏହାକୁ ଜିତିଛନ୍ତି। କୁମକୁମ୍‌ଙ୍କ ଏହି ସଫଳତାର ସ୍କ୍ରିପ୍ଟ ଲେଖିବା ଜେଜେମା'ଙ୍କଠାରୁ ପାଇଥିବା ୩୦୦୦ ଟଙ୍କାରୁ ଆରମ୍ଭ ହୋଇଥିଲା। ଏସୀୟ କ୍ରୀଡ଼ା ୨୦୨୬ରେ କୁମକୁମ ମୋହତ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତି ତୀରନ୍ଦାଜରେ ନିଜର ଚମତ୍କାର ଯାତ୍ରା ଶେଷ କରିଛନ୍ତି। ମହିଳା ବ୍ୟକ୍ତିଗତ ରିକର୍ଭରେ ସ୍ୱର୍ଣ୍ଣ ଜିତିବା ପୂର୍ବରୁ କୁମକୁମ ଦଳଗତ ପ୍ରତିଯୋଗିତାରେ ସମାନ ସଫଳତା ହାସଲ କରିଥିଲେ। ଏହା ବ୍ୟତୀତ ସେ ମିକ୍ସଡ୍ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ।

# ଭାରତୀୟ ପୁରୁଷ ହକି ଦଳକୁ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ,୩।୧୦ :** ଏସିଆନ୍ ଗେମ୍ସ ୨୦୨୬ରେ ଇତିହାସ ରଚିଛି ଭାରତୀୟ ପୁରୁଷ ହକି ଟିମ୍। ଫାଇନାଲରେ ମାଲେସିଆକୁ ୫-୧ ଗୋଲରେ ପରାସ୍ତ କରି ଟିମ୍ ଇଣ୍ଡିଆ ସ୍ୱର୍ଣ୍ଣ ପଦକ ଜିତିଛି। ଏସିଆନ୍ ଗେମ୍ସ ଇତିହାସରେ ପୁରୁଷ ହକିରେ ଏହା ଭାରତର ପଞ୍ଚମ ସ୍ୱର୍ଣ୍ଣ ପଦକ। ମ୍ୟାଚର ଆରମ୍ଭରୁ ଉଭୟ ଟିମ୍ ମଧ୍ୟରେ ଜୋରଦାର ମୁକାବିଲା ଦେଖିବାକୁ ମିଳିଥିଲା। ମାଲେସିଆ ପକ୍ଷରୁ ଶେଲୋ ସିଲ୍‌ଭେରିୟସ୍ ଏକମାତ୍ର ଗୋଲ୍ କରିଥିଲେ। ଅନ୍ୟପଟେ ଭାରତୀୟ ଖେଳାଳିମାନେ ଲଗାତାର ଆକ୍ରମଣ କରି ମାଲେସିଆ ଡିଫେନ୍ସ ଉପରେ ଚାପ ସୃଷ୍ଟି କରିଥିଲେ। ମ୍ୟାଚରେ ଭାରତ ମୋଟ ୧୪ଟି ପେନାଲ୍ଟି କର୍ଣ୍ଣର ହାସଲ କରିଥିଲା।

ମ୍ୟାଚର ପ୍ରଥମ ୧୫ ମିନିଟରେ ଉଭୟ ଦଳ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। ପ୍ରଥମ କ୍ୱାର୍ଟର ୧-୧ରେ ଡ୍ର ରହିଥିଲା। ଏହାପରେ ଭାରତ ଧୀରେ ଧୀରେ ମ୍ୟାଚ୍ ଉପରେ ନିଜର ନିୟନ୍ତ୍ରଣ ବଢ଼ାଇଥିଲା। ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଭାରତ ୨-୧ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଭାରତୀୟ ଟିମର ଆକ୍ରମଣ ଆହୁରି ତୀବ୍ର ହୋଇଥିଲା ଏବଂ ମାଲେସିଆ ପାଇଁ ମ୍ୟାଚକୁ ଫେରିବା



କଷ୍ଟକର ହୋଇପଡ଼ିଥିଲା। ଭାରତ ପାଇଁ ଶିଲାନନ୍ଦ ଲାକ୍ରା ଏକମାତ୍ର ଫିଲ୍ଡ ଗୋଲ୍ ସ୍କୋର କରିଥିଲେ। ଅଧିନାୟକ ହରମନପ୍ରୀତ ସିଂହ ପେନାଲ୍ଟି କର୍ଣ୍ଣରରୁ ଦୁଇଟି ଗୋଲ୍ କରିଥିଲେ। ଏହା ସହ ଜୁଗରାଜ ସିଂହ ମଧ୍ୟ ପେନାଲ୍ଟି କର୍ଣ୍ଣରରୁ ଗୋଲ୍ ଦେଇଥିଲେ। ହାର୍ଦ୍ଦିକ ସିଂହ ପେନାଲ୍ଟି ଷ୍ଟ୍ରୋକରୁ ଆଉ ଏକ ଗୋଲ୍ କରି ଭାରତର ସ୍କୋରକୁ ୫ରେ ପହଞ୍ଚାଇଥିଲେ। ଶେଷରେ ଭାରତ ୫-୧ରେ ମାଲେସିଆକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ନିଜ ନାଁରେ କରିଥିଲା।

ଏହି ବିଜୟ ସହ ଭାରତୀୟ ପୁରୁଷ ହକି ଟିମ୍ ଏକ ନୂଆ ଇତିହାସ ରଚିଛି। ଏସିଆନ୍ ଗେମ୍ସରେ ପୁରୁଷ ହକିରେ ଭାରତ ପ୍ରଥମ ଥର ପାଇଁ ଲଗାତାର ଦୁଇଥର ସ୍ୱର୍ଣ୍ଣ ପଦକ ଜିତି ନିଜ ଟାଇଟଲ୍ ଡିଫେଣ୍ଡ କରିଛି। ଭାରତ ପୂର୍ବରୁ କେବଳ ପାକିସ୍ତାନ ଓ ଦକ୍ଷିଣ କୋରିଆ ଏସିଆନ୍ ଗେମ୍ସରେ ପୁରୁଷ ହକିର ସ୍ୱର୍ଣ୍ଣ ପଦକକୁ ସଫଳତାର ସହ ଡିଫେଣ୍ଡ କରିପାରିଥିଲେ। ଫାଇନାଲରେ ଭାରତଠାରୁ ୧-୫ରେ ପରାଜିତ ହୋଇଥିବା ମାଲେସିଆକୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଅନ୍ୟପଟେ ପାକିସ୍ତାନ ତୃତୀୟ ସ୍ଥାନ ପାଇଁ ମ୍ୟାଚରେ ଦକ୍ଷିଣ କୋରିଆକୁ ୫-୩ରେ ହରାଇ ବ୍ରୋଞ୍ଜ ପଦକ ଜିତିଛି। ଏସିଆନ୍ ଗେମ୍ସରେ ପାକିସ୍ତାନ ଦଳ ଏପର୍ଯ୍ୟନ୍ତ ୮ ଥର ସ୍ୱର୍ଣ୍ଣ ପଦକ ଜିତିଛି। ଭାରତ ଓ ଦକ୍ଷିଣ କୋରିଆ ଉଭୟ ୫ ଥର ଲେଖାଏଁ ଚାମ୍ପିଅନ୍ ହୋଇଛନ୍ତି। ପୁରୁଷ ହକିରେ ସ୍ୱର୍ଣ୍ଣ ଜିତିବା ପରେ ଏସିଆନ୍ ଗେମ୍ସ ୨୦୨୬ରେ ଭାରତର ମୋଟ ପଦକ ସଂଖ୍ୟା ୮୫ରେ ପହଞ୍ଚିଛି। ଏଥିରେ ୨୧ଟି ସ୍ୱର୍ଣ୍ଣ ପଦକ ସାମିଲ ଅଛି।

# ସଚିନଙ୍କ ରେକର୍ଡ ଭାଙ୍ଗିଲେ ହିଟମ୍ୟାନ୍

**ନୂଆଦିଲ୍ଲୀ,୩।୧୦ :** ୨୦୨୭ ବିଶ୍ୱକପରେ ଟିମ୍ ଇଣ୍ଡିଆର ଅଭିଜ୍ଞ ଖେଳାଳି ରୋହିତ ଖେଳିବେ କି ନାହିଁ ଦୀର୍ଘଦିନ ହେବ ଚର୍ଚ୍ଚା ଲାଗି ରହିଛି। କିନ୍ତୁ ରୋହିତ ନିଜର ପ୍ରଦର୍ଶନ ମାଧ୍ୟମରେ ସମାଲୋଚକଙ୍କ ମୁହଁ ବନ୍ଦ କରୁଛନ୍ତି। ନିକଟରେ ଖେଳିଥିବା ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷ ତୃତୀୟ ଦିନିକିଆରେ ଦମଦାର ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି। ଯଦିଓ ସେ ଶତକରୁ ବଞ୍ଚିତ ହୋଇଛନ୍ତି ତଥାପି ଏକ ରେକର୍ଡ ନିଜ ନାମରେ କରିଛନ୍ତି। ଏହି ପାଳି ସହାୟତାରେ ଏକ ବଡ଼ ରେକର୍ଡ କରିଛନ୍ତି। ଦିନିକିଆ କ୍ରିକେଟରେ ରଚିଛନ୍ତି ଇତିହାସ। ଓପନର ଭାବେ ଏକ ନୂଆ କିର୍ତ୍ତୀମାନ ଅର୍ଜନ କରିଛନ୍ତି। ସଚିନଙ୍କ ରେକର୍ଡ ଭାଙ୍ଗିଛନ୍ତି। ଦିନିକିଆ କ୍ରିକେଟରେ ଓପନର ଭାବେ ଦ୍ରୁତତମ ୧୦,୦୦୦ ରନ୍ ପୂରଣ କରିବା ସହ ମାଷ୍ଟର ବ୍ଲାଷ୍ଟରଙ୍କ ବିଶ୍ୱ ରେକର୍ଡକୁ ଭାଙ୍ଗିଛନ୍ତି ରୋହିତ। ଏହି ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ରୋହିତ ଶର୍ମା ଓପନର୍ ଭାବେ ୯,୯୯୮ ରନ୍ ସଂଗ୍ରହ କରିଥିଲେ। ମାତ୍ର ଶତକୀୟ ପାଳି ଖେଳିଥିଲେ। ଏଥିସହିତ ସେ ଦିନିକିଆ କ୍ରିକେଟ୍ରେ ଓପନର୍ ଭାବେ ୧୦,୦୦୦ ରନ୍ ପୂର୍ଣ୍ଣ କରିବାରେ ବିଶ୍ୱର ଚତୁର୍ଥ ଏବଂ ଭାରତର ଦ୍ୱିତୀୟ ବ୍ୟାଟ୍ସମ୍ୟାନ୍ ହୋଇପାରିଛନ୍ତି। ରୋହିତଙ୍କ ପୂର୍ବରୁ ସଚିନ ତେନ୍ଦୁଲକର, ସନତ ଜୟସୂର୍ଯ୍ୟା ଏବଂ କ୍ରିସ୍ ଗେଲ୍ ଏହି ସଫଳତା ହାସଲ କରିଥିଲେ। ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ତୃତୀୟ ଦିନିକିଆ ମ୍ୟାଚ୍ ଖେଳୁଛି ଭାରତ। ଦଳ ପ୍ରଥମେ ବ୍ୟାଟିଂ କରୁଥିବାବେଳେ ରୋହିତ ଦମଦାର ପ୍ରଦର୍ଶନ କରିଛନ୍ତି। ସେ ୮୫ ବଲରୁ ୯୨ ରନର ପାଳି ଖେଳିବାରେ ସକ୍ଷମ ହୋଇଛନ୍ତି। ଆଜିର ମ୍ୟାଚରେ ଗିଲ୍ ଏବଂ କୋହଲି ବିଫଳ ହୋଇଥିଲେ ସୁଦ୍ଧା ଅଟକିନାହିଁ ରୋହିତଙ୍କ ବ୍ୟାଟ୍। ଏହି ମ୍ୟାଚ୍‌ରେ ରୋହିତ ଶର୍ମା ମାତ୍ର ୫୮ ବଲ୍‌ରେ ନିଜର ଚମତ୍କାର ଅର୍ଦ୍ଧଶତକ ହାସଲ କରିଥିଲେ। ସିରିଜ୍ ଆରମ୍ଭ ହେବା ପୂର୍ବରୁ ରୋହିତଙ୍କ ଫର୍ମ ଏବଂ ଯଶସ୍ୱୀ ଜୟସ୍ୱାଲଙ୍କ ପ୍ରବେଶକୁ ନେଇ ବିଭିନ୍ନ ପ୍ରକାର ଆଲୋଚନା ଓ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। କିନ୍ତୁ ରୋହିତ ନିଜର ସମାଲୋଚକମାନଙ୍କୁ କଥାରେ ନୁହେଁ, ବରଂ ନିଜ ବ୍ୟାଟ୍ର କରାଜବାବ ଦେଇ ପ୍ରମାଣ କରିଦେଇଛନ୍ତି ଯେ ଦିନିକିଆ କ୍ରିକେଟ୍ରେ ଆଜି ମଧ୍ୟ ତାଙ୍କର କୌଣସି ଜୁଡ଼ି ନାହିଁ। ଆଗାମୀ ଦିନିକିଆ ବିଶ୍ୱକପ୍କୁ ନେଇ ମଧ୍ୟ ତାଙ୍କର ଏହି ଫର୍ମ ଟିମ୍ ଇଣ୍ଡିଆ ପାଇଁ ଏକ ବଡ଼ ସକାରାତ୍ମକ ସଙ୍କ?ତ ଦେଇଛି।



# ପ୍ରଣବୀ ଏସିଆନ୍ ଗେମ୍ସରେ ଗଲ୍ଫରେ ଗୋଲ୍ଡ ଜିତିଥିବା ପ୍ରଥମ ମହିଳା

**ନୂଆଦିଲ୍ଲୀ,୩।୧୦ :** ଚଳିତ ୨୦ତମ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣିମ ଶନିବାର ହୋଇଛି। ଏସିଆଡ୍ ଗେମ୍ସରେ ଆଜି ୧୫ତମ ଦିନରେ ଭାରତର ସ୍ୱର୍ଣ୍ଣିମ ଅଭିଯାନ ଆରମ୍ଭ ହୋଇଛି। ତୀରନ୍ଦାଜରେ କୁମକୁମଙ୍କ ପରେ ଗଲ୍ଫରେ ଭାରତକୁ ଗୋଲ୍ଡ ମେଡାଲ୍ ମିଳିଛି। ମହୀଶୂରର ପ୍ରଣବୀ ପ୍ରଥମ ଭାରତୀୟ ମହିଳା ଯିଏକି ଏସୀୟ କ୍ରୀଡ଼ାରେ ଗଲ୍ଫରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପ୍ରଣବୀ ଉର୍ସଙ୍କ ସ୍ୱର୍ଣ୍ଣିମ ସଫଳତା ସହ ଭାରତର ପଦକ ସଂଖ୍ୟା ୭୮ରେ ପହଞ୍ଚିଛି। ଭାରତ ଖାତାରେ ୧୮ଟି ସ୍ୱର୍ଣ୍ଣ, ୨୫ଟି ରୌପ୍ୟ ଏବଂ ୩୫ଟି ବ୍ରୋଞ୍ଜ ମେଡାଲ ରହିଛି। ପାକିସ୍ତାନ ସହ କ୍ରିକେଟ୍ ଫାଇନାଲର ରୋମାଞ୍ଚ ମଧ୍ୟରେ ଭାରତ ଏସୀୟ କ୍ରୀଡ଼ା ୨୦୨୬ ରେ ଗଲ୍ଫରେ ସ୍ୱର୍ଣ୍ଣ ଜିତିଛି। ପ୍ରଣବୀ ଭାରତ ପାଇଁ ଏହି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ମହୀଶୂରର ବାସିନ୍ଦା ପ୍ରଣବୀ ଏସୀୟ କ୍ରୀଡ଼ାରେ ଗଲ୍ଫରେ ସ୍ୱର୍ଣ୍ଣ ପଦକ ଜିତିବାରେ ପ୍ରଥମ ଭାରତୀୟ ମହିଳା ହୋଇଛନ୍ତି। ସେ ଏସୀୟ କ୍ରୀଡ଼ା ୨୦୨୬ ରେ ଗଲ୍ଫରେ ପ୍ରଥମ ସ୍ୱର୍ଣ୍ଣ ଏବଂ ଭାରତର ମୋଟ ଉପରେ ୧୮ ତମ ସ୍ୱର୍ଣ୍ଣ ଜିତିଛନ୍ତି। ମହିଳା ବ୍ୟକ୍ତିଗତ ଇଭେଣ୍ଟରେ ପ୍ରଣବୀ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବା ବ୍ୟତୀତ ପ୍ରଣବୀ ଦଳଗତ ପ୍ରତିଯୋଗିତାରେ ରୌପ୍ୟ ପଦକ ମଧ୍ୟ ଜିତିଛନ୍ତି। ଏସୀୟ କ୍ରୀଡ଼ାର ଦଳଗତ ପ୍ରତିଯୋଗିତାରେ ଏହା ହେଉଛି ଭାରତର ପ୍ରଥମ ପଦକ। ପ୍ରଣବୀ ଆଦିତ୍ୟ ଏବଂ ଦୀକ୍ଷାଙ୍କ ସହ ଦଳଗତ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ। ଅନ୍ତିମ ରାଉଣ୍ଡ ପୂର୍ବରୁ ପ୍ରଣବୀ ୧୫-ଅଣ୍ଡର ୧୯୫ ସ୍କୋର ସହିତ ତିନି ସଟ୍ ଆଗୁଆ ଥିଲେ। ଏସିଆନ ଗେମ୍ସରେ ଭାରତୀୟଙ୍କ ଦବଦବା ଜାରି ରହିଛି। ପ୍ରଣବୀଙ୍କ ପୂର୍ବରୁ ଆଜି ସକାଳ ତୀରନ୍ଦାଜରେ କୁମକୁମ୍ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପୁରୁଷ କ୍ରିକେଟରେ ଭାରତ ବନାମ ପାକିସ୍ତାନ ମଧ୍ୟରେ ସ୍ୱର୍ଣ୍ଣ ମୁକାବିଲା ଜାରି ରହିଛି।



# ଷ୍ଟାର୍ଟଅପ୍ ଗୁଡିକୁ ପ୍ରୋତ୍ସାହିତ କରିବ ଇଣ୍ଡିଆ ମୋବାଇଲ କଂଗ୍ରେସ

**ନୂଆଦିଲ୍ଲୀ,୩।୧୦ :** ଏସିଆର ସର୍ବବୃହତ ଡିଜିଟାଲ୍ ଟେକ୍ନୋଲୋଜି ଫୋରମ୍ ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମସି) ୨୦୨୬ ଡିପ୍ ଟେକ୍ ଏବଂ ଫ୍ରଂଟିୟର ଇନୋଭେସନକୁ ଏହାର ଷ୍ଟାର୍ଟଅପ୍ ଏଜେଣ୍ଡାର ମୂଳଦୁଆରେ ରଖିବ। ଏହାର ଫ୍ଲାଗସିପ୍ ଷ୍ଟାର୍ଟଅପ୍ ପ୍ଲାଟଫର୍ମ ଆସ୍ପାୟାର୍ ସହିତ, ଉଦୀୟମାନ କମ୍ପାନୀଗୁଡ଼ିକୁ ପ୍ରୋଟୋଟାଇପ୍ ରୁ ବଜାର ସୁଯୋଗ, ପୁଞ୍ଜି ବିନିଯୋଗ ଏବଂ ସ୍କେଲ୍ ଆଡକୁ ଯିବାରେ ସାହାଯ୍ୟ କରିବା ଉପରେ ଧ୍ୟାନ ଦେବ। ଏହାର ଐତିହାସିକ ୧୦ ତମ ସଂସ୍କରଣରେ, ଆଇଏମ୍‌ସି ଷ୍ଟାର୍ଟଅପ୍, ନିବେଶକ, ଶିଳ୍ପପତି ଏବଂ ଇକୋସିଷ୍ଟମ୍ ସକ୍ଷମକାରୀଙ୍କୁ ଏକତ୍ରିତ କରିବ ଏବଂ ଡିପ୍ ଟେକ୍ ନୂତନତ୍ୱ, ବଜାର ପ୍ରବେଶ, ନିବେଶକ-ଷ୍ଟାର୍ଟଅପ୍ ଯୋଗଦାନ ଏବଂ ଗାଇଡ୍ ନିବେଶକ ଭ୍ରମଣ ଉପରେ କେନ୍ଦ୍ରିତ ଏକ ଅନନ୍ୟ ମୂଲ୍ୟ ପ୍ରଦାନ କରିବ। ଟେଲିକମ୍ ବିଭାଗ ଏବଂ ସେଲୁଲାର୍ ଅପରେଟର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ (ସିଓଏଆଇ) ଦ୍ୱାରା ଆୟୋଜିତ ଆଇଏମସି ୨୦୨୬ ଅକ୍ଟୋବର ୭ ରୁ ୧୦ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଯଶୋଭୂମି କନଭେନସନ୍ ସେଂଟରରେ ଅନୁଷ୍ଠିତ ହେବ। ଟେଲିକମ୍ ସେଂଟର ଅଫ୍ ଏକ୍ସିଲେନ୍ସ ଇଣ୍ଡିଆ (ଟିସିଓଇ ଇଣ୍ଡିଆ) ଏବଂ ଟିଆଇଇ ଦିଲ୍ଲୀ-ଏନସିଆର ଦ୍ୱାରା ପରିଚାଳିତ ଏବଂ ସମର୍ଥିତ, ଆସ୍ପାୟାର ୩୦୦ ରୁ ଅଧିକ ଭେଂଚର କ୍ୟାପିଟାଲ ଫାର୍ମ, ଆଞ୍ଜେଲ ନେଟୱାର୍କ, ଇନକ୍ୟୁବେଟର ଏବଂ କର୍ପୋରେଟ୍ ଇନୋଭେସନ ଫାର୍ମ ସହିତ ୫୦୦ ରୁ ଅଧିକ ଷ୍ଟାର୍ଟଅପ୍ ଏବଂ ଏମ୍‌ଏସ୍‌ଏମ୍‌ଇକୁ ଏକତ୍ର କରିବ ବୋଲି ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମ ୭୦୦ ରୁ ଅଧିକ କ୍ୟୁରେଟେଡ୍ ଷ୍ଟାର୍ଟଅପ୍ ୱାନ୍-ଟୁ-ୱାନ୍ ନିବେଶକ ବୈଠକକୁ ମଧ୍ୟ ସୁଗମ କରିବ ବୋଲି ଆଶା କରାଯାଉଛି।

# ୱାର୍ଲ୍ଡ ନମ୍ବର-୧ ପହିଲମାନଙ୍କୁ ହରାଇଲେ ଅମନ ସହରାୱତ

**ନୂଆଦିଲ୍ଲୀ,୩।୧୦ :** ୨୦୨୬ ଏସୀୟ କ୍ରୀଡ଼ାରେ ଭାରତ ପାଇଁ ଆସିଛି ଆଉ ଏକ ଗୌରବ ମୁହୂର୍ତ୍ତ। ଭାରତୀୟ କୁସ୍ତି ଯୋଦ୍ଧା ଅମନ ସେହରାୱତ ସମସ୍ତଙ୍କୁ ଚକିତ କରି ବିଶ୍ୱର ୧ ନମ୍ବର ପହଲୱାନଙ୍କୁ ମାତ୍ ଦେଇ ଦେଶ ପାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୁରୁଷ ବର୍ଗର ୫୭ କିଲୋଗ୍ରାମ ଇଭେଣ୍ଟର ଫାଇନାଲ୍ ମ୍ୟାଚରେ ଅମନ ସେହରାୱତ ଦୁନିଆର ଏକ ନମ୍ବର ଉତ୍ତର କୋରିଆର ପହିଲମାନ ଚୋଙ୍ଗ ସୋଙ୍ଗଙ୍କୁ ଭେଟିଥିଲେ। ଏହି ରୋମାଞ୍ଚକର ମୁକାବିଲାରେ ଅମନ ଚୋଙ୍ଗଙ୍କୁ ୧୧-୭ ପଏଣ୍ଟରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଚନ୍ତି। ଏହା ହେଉଛି ୨୦୨୬ ଏସୀୟ କ୍ରୀଡ଼ାରେ ଭାରତ ପାଇଁ ୨୦ତମ ସ୍ୱର୍ଣ୍ଣ ଏବଂ କୁସ୍ତିରେ ଦ୍ୱିତୀୟ ଗୋଲ୍ଡ ମେଡାଲ୍। ଏସୀୟ କ୍ରୀଡ଼ାରେ ଅମନଙ୍କର ଏହା ପ୍ରଥମ ସ୍ୱର୍ଣ୍ଣ ପଦକ। ୨୦୨୨ ଏସୀୟ କ୍ରୀଡ଼ାରେ ତାଙ୍କୁ ବ୍ରୋଞ୍ଜ ପଦକ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। କୁସ୍ତିର ଏହି ୬ ମିନିଟର ବିଶିଷ୍ଟ ମୁକାବିଲାରେ ତିନି-ତିନି ମିନିଟର



ଦୁଇଟି ରାଉଣ୍ଡ ଖେଳାଯାଇଥିଲା। ପ୍ରଥମ ୩ ମିନିଟ୍ ସୁଦ୍ଧା ଅମନ ୨-୦ରେ ଆଗୁଆ ରହି ନିଜର ଦମ୍ ଦେଖାଇଥିଲେ। ମାତ୍ର ପରବର୍ତ୍ତୀ ୩ ମିନିଟରେ ଉତ୍ତର କୋରିଆର ପହିଲମାନ ଚୋଙ୍ଗ ସୋଙ୍ଗ ଜୋରଦାର ପ୍ରତ୍ୟାବର୍ତ୍ତନ କରି ଅମନଙ୍କୁ ଚାପରେ ପକାଇଥିଲେ। ମ୍ୟାଚର ମାତ୍ର ଗୋଟିଏ ମିନିଟ୍ ବାକିଥିବା ବେଳେ ଚୋଙ୍ଗ ସୋଙ୍ଗ ୭-୬ରେ ଅମନଙ୍କଠାରୁ ଆଗରେ ଥିଲେ। ଏପରି ଲାଗୁଥିଲା ଯେ ଅମନ ଏହି ମ୍ୟାଚ୍ ହାରିଯିବେ, କିନ୍ତୁ ଶେଷ ମିନିଟରେ ଖେଳର ମୋଡ଼ ବଦଳି ଯାଇଥିଲା। ଚୋଙ୍ଗ ସୋଙ୍ଗଙ୍କ ଅତ୍ୟଧିକ ଆକ୍ରମଣାତ୍ମକ ନୀତି ତାଙ୍କ ପାଇଁ ଓଲଟା ମହଙ୍ଗା ପଡ଼ିଥିଲା। ଶେଷ ମିନିଟରେ ତାଙ୍କର ଆକ୍ରମଣର ଜବାବ ଦେଇ ଅମନ ଏକ ଦମଦାର୍ କାଉଣ୍ଟର ଆଟାକ କରିଥିଲେ ଏବଂ ବିରୋଧୀ ପହିଲମାନଙ୍କୁ ମ୍ୟାଟ୍ ଉପରେ ପକାଇ ଗୁରୁତ୍ୱପୂର୍ଣ୍ଣ ୨ ଅଙ୍କ ହାତେଇଥିଲେ। ଏହି ନିଷ୍ପତ୍ତିକୁ ନେଇ ଉତ୍ତର କୋରିଆ ଶିବିର ପକ୍ଷରୁ ରେଫରୀଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରାଯାଇଥିଲା। ହେଲେ ଏହା ସେମାନଙ୍କ ବିପକ୍ଷରେ ଯାଇଥିଲା।

# ରୁଷ ସେନାରେ ଯୋଗଦେବା ବିରୋଧରେ କଡ଼ା ଚେତାବନୀ

**ନୂଆଦିଲ୍ଲୀ,୩।୧୦ :** ଭାରତୀୟ ନାଗରିକମାନଙ୍କୁ ରୁଷ ସଶସ୍ତ୍ର ବାହିନୀରେ ନିଯୁକ୍ତ କରାଯାଉଥିବା ନେଇ ଲଗାତାର ରିପୋର୍ଟ ମଧ୍ୟରେ ଭାରତ ସରକାର ପୁଣିଥରେ କଡ଼ା ଚେତାବନୀ ଜାରି କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଗରଇ) ଭାରତୀୟ ନାଗରିକମାନଙ୍କୁ ରୁଷ ସେନାରେ ଯୋଗ ନଦେବାକୁ ସତର୍କ କରି ଏକ ନୂତନ ପରାମର୍ଶ ଜାରି କରିଛି ଏବଂ ଏହାକୁ "ବିପଜ୍ଜନକ ଏବଂ ଜୀବନ ପ୍ରତି ବିପଦପୂର୍ଣ୍ଣ ପଥ" ବୋଲି ବର୍ଣ୍ଣନା କରିଛି। ସେପ୍ଟେମ୍ବର ୩୦ରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତ୍ତି ଅନୁଯାୟୀ, ଗତ ଦୁଇ ବର୍ଷ ମଧ୍ୟରେ ସରକାର ଏପରି କାର୍ଯ୍ୟରେ ଜଡ଼ିତ ଗମ୍ଭୀର ବିପଦ ସମ୍ପର୍କରେ ଅନେକ ଥର ଚେତାବନୀ ଦେଇଛନ୍ତି। ବିଦେଶରେ ଚାକିରିର ସୁଯୋଗ ଖୋଜିବା ସମୟରେ ଭାରତୀୟ ନାଗରିକମାନେ ଅତ୍ୟଧିକ ସତର୍କତା ଅବଲମ୍ବନ କରିବା ସହ ଯାଞ୍ଚ ହୋଇନଥିବା ଏଜେଣ୍ଟ କିମ୍ବା ବେସରକାରୀ ସଂସ୍ଥା ଦ୍ୱାରା ଦିଆଯାଉଥିବା ଚାକିରି ପ୍ରସ୍ତାବରେ ନ ପଡ଼ିବାକୁ ସରକାର ବାରମ୍ବାର ପରାମର୍ଶ ଦେଇଛନ୍ତି। ମନ୍ତ୍ରଣାଳୟ କହିଛି, "ଆମେ ଏପରି ଅନେକ ଘଟଣା ମଧ୍ୟ ଦେଖିଛୁ, ଯେଉଁଥିରେ ବ୍ୟକ୍ତିମାନେ ରୁଷ ସଶସ୍ତ୍ର ବାହିନୀରେ ଯୋଗଦେବା ପାଇଁ ସ୍ୱେଚ୍ଛାରେ ପ୍ରସ୍ତାବ ଖୋଜୁଛନ୍ତି। କେତେକ ବ୍ୟକ୍ତି ଅସ୍ଥାୟୀ ଆର୍ଥିକ ଲାଭର ପ୍ରଲୋଭନରେ ପଡ଼ି ଭାରତୀୟ କର୍ତ୍ତୃପକ୍ଷଙ୍କ ସହ ପରାମର୍ଶ ନକରି ଏପରି କରିସାରିଛନ୍ତି। ବ୍ୟକ୍ତିମାନେ ଏପରି ପଦକ୍ଷେପର ଗମ୍ଭୀରତା ବିଚାର କରିବା ସହ ନିଜକୁ ଯେଉଁ ମାରାତ୍ମକ ବିପଦରେ ପକାଉଛନ୍ତି, ତାହା ବୁଝିବା ଉଚିତ। ଭାରତ ସରକାର ଭାରତୀୟ ନାଗରିକମାନଙ୍କୁ ଏପରି ପଦକ୍ଷେପରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଉଛନ୍ତି।"

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , **Email : odishamahabharata@gmail.com, orissamahabharat@rediffmail.com**
**Editor: Bibhuti Bhushan Mahapatra** ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର